ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ବାଲେଶ୍ୱର ■ ମଙ୍ଗଳବାର ୩୦ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 30 JANUARY 2024

Vol.No. 35 ■ No.29 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବିଜେଡି ଓ ବିଜେପି ଉପରେ ବର୍ଷିଲେ ଖଡ଼୍‌ଗେ



ଭୁବନେଶ୍ୱର, ୨୯/୧ (ନି.ପ୍ର): ଓଡ଼ିଶାରେ ଯାହା ହୋଇଛି କଂଗ୍ରେସ କରିଛି, ଆଜି ଓଡିଶା ବଞ୍ଚାଅ ସମାବେଶରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ଏଭଳି କହିଛନ୍ତି ଖଡ଼୍‌ଗେ । ସେ କହିଛନ୍ତି ମୋଦୀ ସବୁବେଳେ କହୁଛନ୍ତି ୭୦ ବର୍ଷରେ କଣ କରିଛି କଂଗ୍ରେସ । ଯଦି ୭୦ ବର୍ଷରେ କଂଗ୍ରେସ କିଛି କରିନଥାନ୍ତା ତେବେ ମୋଦୀ ମୁଖ୍ୟମନ୍ତ୍ରୀ ମଧ୍ୟ ହୋଇପାରିନଥାନ୍ତେ । ଦେଶର ସମ୍ବିଧାନ, ଲୋକତନ୍ତ୍ରକୁ ବଞ୍ଚାଇଛି କଂଗ୍ରେସ, ଭାରତର ଲୋକତନ୍ତ୍ର, ସମ୍ବିଧାନକୁ ନଷ୍ଟ କରୁଛନ୍ତି ମୋଦୀ । ବଡ ବଡ ଧନୀ ଲୋକ ମୋଦୀ, ନବୀନ ପଟ୍ଟନାୟକଙ୍କ ସହ ଅଛନ୍ତି କିନ୍ତୁ ଗରିବଙ୍କ ପାଇଁ କେବଳ କଂଗ୍ରେସ ଛିଡା ହୋଇଛି । ବିଜେପିକୁ ଟାର୍ଗେଟ କରି ମଲ୍ଲିକାର୍ଜୁନ କହିଛନ୍ତି, ବିଜେପି-ଆରଏସଏସ ଘୃଣାର ଦୋକାନ ଖୋଲିକି ବସିଛନ୍ତି । ସେଥିପାଇଁ ଏମାନଙ୍କ ଠାରୁ ସତର୍କ ରହିବା ଉଚିତ୍ । ବିଜେପି-ଆରଏସଏସ ବିଷ ଭଳି, ଏମାନଙ୍କ ସହ ମିଶିଲେ ଅନିଷ୍ଟ ହେବ । ମଣିପୁର ଜଳୁଛି, କିନ୍ତୁ ମୋଦୀ କୁଆଡେ ଗଲେ । ମୋଦୀ ନାଗାଲାଣ୍ଡ, ମଣିପୁର ଯାଇକି ଦେଖନ୍ତୁ ସେଠାରେ କଣ ସ୍ଥିତି ଅଛି । ଇନ୍ଦିରା ଓ ରାଜୀବ ଦେଶ ପାଇଁ ଜୀବନ ଦେଇଛନ୍ତି । କିନ୍ତୁ ଏବେ ମୋଦୀ ଏବେ ସମସ୍ତଙ୍କର ଜୀବନକୁ ଦୁର୍ବିସହ କରି ସାରିଲେଣି । ଇଡି, ଆଇଟି ରେଡ କରି ଶାସନ ଚଳାଇଛନ୍ତି ମୋଦୀ । ଯଦି ମୋଦୀ ଏହିଥର ନିର୍ବାଚନ ଜିତିବେ ତେବେ ଆଉ ନିର୍ବାଚନ ହେବନି । ଏକଛତ୍ରବାଦ ଶାସନ ଚଳାଇବେ, ନିର୍ବାଚନ କରାଇଦେବେନି । ତେଣୁ ଏହି ନିର୍ବାଚନକୁ ତାଙ୍କର ଶେଷ ନିର୍ବାଚନ କରନ୍ତୁ । ସମସ୍ତଙ୍କୁ ଧମକାଇ, ଭୟଭୀତ କରି ରାଜନୀତି କରୁଛି ବିଜେପି । ଏହା ସମସ୍ତଙ୍କର ଶେଷ ଭୋଟ ହେବ, ଯଦି ମୋଦୀଙ୍କୁ ଶାସନ କ୍ଷମତାରୁ ନ ହଟାଇବା । ଯଦି ସାଧାରଣ ଲୋକ ଚାହିଁବେ ତେବେ ଗଣତନ୍ତ୍ର ବଞ୍ଚିକି ରହିବ, ନଚେତ ଗଣତନ୍ତ୍ର ସବୁଦିନ ପାଇଁ ଶେଷ ହୋଇଯିବ । ଦେଶରେ ଆଜି ମଧ୍ୟ ୩୦ ଲକ୍ଷ ପଦବୀ ଫାଙ୍କା ପଡିଛି । କିନ୍ତୁ ଯୁବବର୍ଗଙ୍କୁ ନିଯୁକ୍ତି ଦିଆଯାଉନି । ମୋଦୀଙ୍କର ପୁରୁଣା ଅଭ୍ୟାସ ହେଉଛି ମିଛ କହିବା । ୨ କୋଟି ନିଯୁକ୍ତିର ପ୍ରତିଶ୍ରୁତି କିଏ ଦେଇଥିଲା । ଏବେ ସୁଦ୍ଧା ୧୦ କୋଟି ଚାକିରି ମିଳିବା କଥା, କିନ୍ତୁ ଚାକିରି ମିଳିଛି କି ? କଳାଧନ ଆସିବ, ପ୍ରତ୍ୟେକଙ୍କ ପାଖକୁ ୧୫ ଲକ୍ଷ ଟଙ୍କା ଆସିବ । କିନ୍ତୁ ଏବେ ସୁଦ୍ଧା ୧୫ ଲକ୍ଷ ଟଙ୍କା ଆସିଲା କି ? ଏବେ କିଏ ମିଛ କହୁଛି ତାହା ଆଉ କାହାକୁ ଅଛପା ନାହିଁ । ଚାଷୀଙ୍କ ଆୟ ଦୁଇଗଣା କରିବାକୁ କହିଥିଲେ କିନ୍ତୁ କରିଲେ କି ? ମୋଦୀ ନିଜେ ମିଛ କହୁଛନ୍ତି କିନ୍ତୁ କଂଗ୍ରେସକୁ ଗାଳି ଦେଉଛନ୍ତି ।

▶▶ପୃଷ୍ଠା ୭

## ଆଜି ସର୍ବଦଳୀୟ ବୈଠକ

ନୂଆଦିଲ୍ଲୀ, ୨୯/୧ : କେନ୍ଦ୍ର ସରକାର ବଜେଟ ଅଧିବେଶନ ପୂର୍ବରୁ ମଙ୍ଗଳବାର ସଂସଦରେ ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ବୈଠକ ଡାକିଛନ୍ତି । ସଂସଦକୁ ସୁଚାରୁ ରୂପେ ସଂଚାଳନ ପାଇଁ ଓ ସରକାରୀ ଏଜେଣ୍ଡା ସହିତ ବିରୋଧୀ ନେତାଙ୍କୁ ଅବଗତ କରାଇବା ପାଇଁ ପ୍ରତି ଅଧିବେଶନ ପୂର୍ବରୁ ସରକାର ଏଭଳି ବୈଠକ ଡାକିଥାନ୍ତି । ଏହି ଅଧିବେଶନ ୧୭ତମ ଲୋକସଭାର ଅନ୍ତିମ ଏବଂ ବହୁତ ଛୋଟ ଅଧିବେଶନ ଅଟେ । ଏହି ଅଧିବେଶନରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୪ ପାଇଁ ଅନ୍ତରିଣ ବଜେଟ ଉପସ୍ଥାପନ କରିବେ । ଏହି ଅଧିବେଶନ ଜାନୁୟାରୀ ୩୧ରୁ ଆରମ୍ଭ ହୋଇ ଫେବୃୟାରୀ ୯ ଯାଏ ଚାଲିବ । ନୂଆ ସରକାର ୧୮ତମ ଲୋକସଭାରେ ପୂର୍ଣ୍ଣ ବଜେଟ ଉପସ୍ଥାପନ କରିବ ।

## ମଣିପୁରରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୋଳା ବାରୁଦ ଜବତ

ଇମ୍ଫାଲ, ୨୯/୧ : ମଣିପୁରରୁ ମଣିପୁର ପୋଲିସ, ମଣିପୁର ରାଇଫଲ୍ସ ତଥା ଅନ୍ୟ ସୁରକ୍ଷା ଏଜେନ୍ସିର ମିଳିତ ଅଭିଯାନ ସମୟରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୋଳା ବାରୁଦ ଜବତ କରାଯାଇଛି । ମଣିପୁର ପୋଲିସ ପକ୍ଷରୁ ଦିଆଯାଇଥିବା ସୂଚନା ମୁତାବକ, ରାଜ୍ୟର ଇମ୍ଫାଲ ପଶ୍ଚିମ ଜିଲ୍ଲାର ଆଇନାମ ସାଓମ୍ବୁଙ୍ଗରୁ ଲିଲୋଙ୍ଗ ଅଟୋଖୋଗ ଅଞ୍ଚଳ ଯାଏ ଚାଲିଥିବା ଅଭିଯାନରେ ସୁରକ୍ଷାବଳ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ କରାଯାଇଛି ।

## ଖାଲି ହେବ ଓଡ଼ିଶାର ୩ ରାଜ୍ୟସଭା ଆସନ: ଫେବୃଆରୀ ୨୭ରେ ନିର୍ବାଚନ



ଭୁବନେଶ୍ୱର, ୨୯/୧ : ଆସନ୍ତା ଫେବ୍ରୁଆରୀ ୨୭ରେ ହେବ ରାଜ୍ୟସଭା ନିର୍ବାଚନ। ଓଡ଼ିଶାର ଖାଲି ପଡୁଥିବା ୩ ରାଜ୍ୟସଭା ଆସନ ପାଇଁ ହେବ ନିର୍ବାଚନ। ଏଥିନିମନ୍ତେ ତାରିଖ ଘୋଷଣା କଲେ ନିର୍ବାଚନ କମିଶନ। ଆସନ୍ତା ଏପ୍ରିଲ ୩ରେ ଓଡ଼ିଶାର ୩ ରାଜ୍ୟସଭା ସାଂସଦଙ୍କ କାର୍ଯ୍ୟକାଳ ସରିବ। ଏହି ୩ ସାଂସଦ ହେଲେ ବିଜେଡିର ଅମର ପଟ୍ଟନାୟକ ଓ ପ୍ରଶାନ୍ତ ନନ୍ଦ ଏବଂ ବିଜେପିର ଅଶ୍ୱିନୀ ବୈଷ୍ଣବ। ଏହି ନିର୍ବାଚନ ପାଇଁ ନିର୍ବାଚନ

▶▶ପୃଷ୍ଠା ୭

## ବାଜି ମାରିଲା ଓଡ଼ିଶାର ପ୍ରଜ୍ଞାପନ ମେଢ଼




ଭୁବନେଶ୍ୱର, ୨୯/୧ (ନି.ପ୍ର): ଗଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ଗଡ଼ିଥିଲା ବିଭିନ୍ନ ରାଜ୍ୟର ପ୍ରଜ୍ଞାପନ ମେଢ। ସେଥି ମଧ୍ୟରୁ ଓଡ଼ିଶାର ପ୍ରଜ୍ଞାପନ ମେଢ ବାରି ହୋଇପଡ଼ିଥିଲା। ଓଡ଼ିଶାର କଳା, ସଂସ୍କୃତି, ନାରୀ ସଶକ୍ତିକରଣକୁ ସେଥିରେ ସ୍ଥାନୀତ କରାଯାଇଥିଲା। ବାଜି ମାରିଲା ଓଡ଼ିଶା ପ୍ରଜ୍ଞାପନ ମେଢ଼। ଦିଲ୍ଲୀ ଗଣତନ୍ତ୍ର ଦିବସ ପରେଡରେ ସାମିଲ ହୋଇଥିବା ଓଡ଼ିଶାର ପ୍ରଜ୍ଞାପନ ମେଢ ପ୍ରଥମ ସ୍ଥାନ ଅଧିକାର କରିଛି। ବିଚାରକ ମଣ୍ଡଳୀ ଓଡ଼ିଶାର ପ୍ରଜ୍ଞାପନ ମେଢକୁ ପ୍ରଥମ ସ୍ଥାନ ଦେଇଛନ୍ତି। ଓଡ଼ିଶା ତଳେ ଗୁଜରାଟ ଦ୍ୱିତୀୟରେ ଓ ତାମିଲ୍‌ନାଡୁ ତୃତୀୟରେ ରହିଛି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଗଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ଗଡ଼ିଥିଲା ବିଭିନ୍ନ ରାଜ୍ୟର ପ୍ରଜ୍ଞାପନ ମେଢ। ସେଥି ମଧ୍ୟରୁ ଓଡ଼ିଶାର ପ୍ରଜ୍ଞାପନ ମେଢ ବାରି ହୋଇପଡ଼ିଥିଲା। ଓଡ଼ିଶାର କଳା, ସଂସ୍କୃତି, ନାରୀ ସଶକ୍ତିକରଣକୁ ସେଥିରେ ସ୍ଥାନୀତ କରାଯାଇଥିଲା। ଓଡ଼ିଶାର ପ୍ରଜ୍ଞାପନ ମେଢ ଯେତେବେଳେ କର୍ତ୍ତବ୍ୟ ପଥରେ ଗଡ଼ିବା ଆରମ୍ଭ କରିଥିଲା, ସେତେବେଳେ କରତାଳିରେ ପ୍ରକମ୍ପିତ ହୋଇଥିଲା ଗଗନ ଓ ପବନ। ଅତିଥିମାନେ କରତାଳି ଦେଇ ସ୍ୱାଗତ କରିଥିଲେ।

▶▶ପୃଷ୍ଠା ୭

## ଦାୟିତ୍ୱ ନେଲେ ନୂଆ ପୁଲିସ୍ କମିଶନର



ଭୁବନେଶ୍ୱର, ୨୯/୧ (ନି.ପ୍ର): ବିଭିନ୍ନ କ୍ଷେତ୍ରରେ ଜନସାଧାରଣ ପୁଲିସକୁ ସହାୟତା କରିବାକୁ ଆଗଭର ହୁଅନ୍ତୁ । ଜନସାଧାରଣଙ୍କ ସହାୟତାରେ କମିଶନରେଟ ପୁଲିସକୁ ଆଗକୁ ନେବୁ । ଆଗକୁ ନିର୍ବାଚନ ଥିବାରୁ ସେ ନେଇ ସମସ୍ତ ପ୍ରସ୍ତୁତି ଚାଲିଛି । ଟ୍ୱିନ୍ ସିଟିରେ ଆଜି ନୂଆ ପୁଲିସ କମିଶନର ଭାବେ ସଂଜୀବ ପଣ୍ଡା ଦାୟିତ୍ୱ ନେବା ପରେ ଏଭଳି କହିଛନ୍ତି । ଆଜି ବିଦାୟୀ ପୁଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସଂଜୀବ ପଣ୍ଡା ଗୁଇନ୍ଦା ନିର୍ଦ୍ଦେଶକ ସହ କ୍ରାଇମବ୍ରାଞ୍ଚ ଏଡିଜି ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ।

▶▶ପୃଷ୍ଠା ୭

## ୫ଟି ପ୍ରସ୍ତାବ ଉପରେ ବାଜିଲା କ୍ୟାବିନେଟ୍ ମୋହର: ଆଦିବାସୀଙ୍କ ଜମି ବିକ୍ରି ନିୟମ ପ୍ରତ୍ୟାହୃତ



ଭୁବନେଶ୍ୱର, ୨୯/୧ (ନି.ପ୍ର): ଆଜି ରାଜ୍ୟ କ୍ୟାବିନେଟ୍‌ରେ ୫ଟି ପ୍ରସ୍ତାବ ଉପରେ ମୋହର ବାଜିଛି। ଲୋକସେବା ଭବନରେ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକରେ ଆଦିବାସୀଙ୍କ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଆଦିବାସୀଙ୍କ ପାଇଁ 'ଲାଭ' ଯୋଜନା ପ୍ରଣୟନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଆଉ ଏକ ବଡ଼ ନିଷ୍ପତ୍ତିକ୍ରମେ ଆଦିବାସୀଙ୍କ ଜମି ବିକ୍ରି ନିୟମ ପ୍ରତ୍ୟାହୃତ ହୋଇଛି। ଆଦିବାସୀଙ୍କ ପାଇଁ ହେବାକୁ ଥିବା ଲାଭ ଯୋଜନାରେ ଲଘୁ ବନଜାତ ଦ୍ରବ୍ୟ କ୍ରୟ କରାଯିବ। ଆଦିବାସୀଙ୍କ ବନଜାତ ଦ୍ରବ୍ୟ ଟିଡିସିସି କିଣିବ। ଆଉ ବନଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ଧାର୍ଯ୍ୟ କରିବେ ରାଜ୍ୟ ସରକାର। ସେହିପରି ରାଜ୍ୟରେ ଆଦିବାସୀ ଭାଷା କମିସନ ଗଠନ ହେବ। ଏଥିରେ ଆଦିବାସୀ ଭାଷାର ସଂରକ୍ଷଣ, ପ୍ରସାର ଦିଗରେ କାମ କରାଯିବ। ଆଉ ଏକ ବଡ଼ ନିଷ୍ପତ୍ତିକ୍ରମରେ ରାଜ୍ୟ ସରକାର ଆଦିବାସୀଙ୍କ ଜମି ବିକ୍ରି ନିୟମ ପ୍ରତ୍ୟାହୃତ କରିଛନ୍ତି। ଫଳରେ ଏବେ ସାଧାରଣ ବର୍ଗର ଲୋକେ ଆଦିବାସୀଙ୍କଠୁ

▶▶ପୃଷ୍ଠା ୭

## ଉତ୍ତରାଖଣ୍ଡରେ ଲାଗୁ ହେବ ୟୁସିସି: ମୁଖ୍ୟମନ୍ତ୍ରୀ ଧାମି ଦେଲେ ବଡ ସୂଚନା



ନୂଆଦିଲ୍ଲୀ, ୨୯/୧ : ୟୁନିଫର୍ମ ସିଭିଲ କୋଡ (ୟୁସିସି) ବା ଏକକ ନାଗରିକ ସଂହିତା ଲାଗୁ କରିବାକୁ ଅଣ୍ଟା ଭିଡୁଛି ଉତ୍ତରାଖଣ୍ଡ। ଦେଶର ପ୍ରଥମ ରାଜ୍ୟ ଭାବେ ଉତ୍ତରାଖଣ୍ଡ ସରକାର ଲାଗୁ କରିବାକୁ ଯାଉଛନ୍ତି ୟୁସିସି ନିୟମ। ଏନେଇ ଏକ ବଡ ଅପଡେଟ୍ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି। ମୁଖ୍ୟମନ୍ତ୍ରୀ ଧାମି କହିଛନ୍ତି ଯେ, ୟୁସିସି କମିଟି ଡ୍ରାଫ୍ଟ(ଚିଠା) ପ୍ରସ୍ତୁତ କରିସାରିଛି। କମିଟି ପ୍ରସ୍ତୁତ କରିଥିବା ଚିଠା ଫେବ୍ରୁଆରୀ ୨ରେ ଉତ୍ତରାଖଣ୍ଡ ସରକାରଙ୍କ ନିକଟରେ ଦାଖଲ କରାଯିବ। ସେ ଆହୁରି କହିଛନ୍ତି, ରାଜ୍ୟରେ ୟୁନିଫର୍ମ ସିଭିଲ କୋଡ ଲାଗୁ କରିବା ନେଇ ଆମେ ପ୍ରତିଶ୍ରୁତି ଦେଇଥିଲୁ। କମିଟି ତାର କାର୍ଯ୍ୟ ଶେଷ କରିଛି ଏବଂ ରିପୋର୍ଟକୁ ଫେବ୍ରୁଆରୀ ୨ରେ ସରକାରଙ୍କ ନିକଟରେ ଦାଖଲ କରିବ। ଏହା ପରେ ଏହାକୁ କ୍ୟାବିନେଟକୁ ଅଣାଯିବ ଏବଂ ପରେ ବିଧାନସଭାରେ ଉପସ୍ଥାପିତ କରାଯିବ।

▶▶ପୃଷ୍ଠା ୭

## ଫେବୃଆରୀ ୧ ଓ ୨ରେ ବର୍ଷା !

ଭୁବନେଶ୍ୱର, ୨୯/୧ (ନି.ପ୍ର): ବଙ୍ଗୋପସାଗର ଓ ଓଡ଼ିଶା ଉପକୂଳରେ ଏକ ଗୁରୁଚାପ ବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଉତ୍କଳ ଓଡ଼ିଶାର କେତେକ ଜିଲ୍ଲା ଓ ପାର୍ଶ୍ୱବର୍ତ୍ତୀ ଜିଲ୍ଲାରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ସେହିପରି ଫେବ୍ରୁଆରୀ ୧ ଓ ୨ ତାରିଖରେ କେତେକ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍? ଅନୁସାରେ ମଙ୍ଗଳବାର କଳାହାଣ୍ଡି, ବଲାଙ୍ଗିର, ସୋନପୁର,ବୌଦ୍ଧ, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଅନୁଗୋଳ,

## ଝାଡଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଇଡିର ଚଢାଉ : ଜମି ମାମଲାରେ ଲାଲୁ ଯାଦବଙ୍କୁ ପାଟନାରେ ଇଡିର ଜେରା



ନୂଆଦିଲ୍ଲୀ, ୨୯/୧ : ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଏକ ଟିମ୍ ସୋମବାର ଦିଲ୍ଲୀରେ ହେମନ୍ତ ସୋରେନଙ୍କ ବାସଭବନରେ ପ୍ରବେଶ କରିଥିଲା । କିନ୍ତୁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ଠାବ କରିପାରିନାହିଁ । ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଜାନୁଆରୀ ୨୭ ତାରିଖରେ ରାଞ୍ଚିରୁ ରାଜଧାନୀ ଦିଲ୍ଲୀ ଆସିଥିଲେ । ଗତ ସପ୍ତାହରେ ସୋରେନଙ୍କୁ ନୂଆ ସମନ୍ ଜାରି କରି ଜାନୁଆରୀ ୨୯ କିମ୍ବା ଜାନୁଆରୀ ୩୧ ରେ ପଚରାଉଚରା ପାଇଁ ତାଙ୍କୁ ହାଜର ହେବାକୁ କହିଥିଲା । ସୋରେନ ଇଡିକୁ ଚିଠି ଲେଖିଥିଲେ ମଧ୍ୟ ପଚରାଉଚରା ପାଇଁ ତାରିଖ ଓ ସମୟ ଠିକ୍ କରିନଥିଲେ । ଏବେ ସୋରେନ୍ ୩୧ ତାରିଖରେ ହାଜର ହୋଇ ଇଡି ଆଗରେ ପକ୍ଷ ରଖିବେ ବୋଲି ସୂଚନା ରହିଛି । କେନ୍ଦ୍ରୀୟ ତଦନ୍ତକାରୀ ଅଧିକାରୀମାନେ ଦିଲ୍ଲୀ ପୋଲିସ କର୍ମଚାରୀଙ୍କ ସହ ସକାଳ ପ୍ରାୟ ୯ଟା ବେଳେ ଦକ୍ଷିଣ ଦିଲ୍ଲୀର ଶାନ୍ତି ନିକେତନ ବିଲ୍ଡିଂରେ ପହଞ୍ଚିଥିଲେ । ହେଲେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ତାଙ୍କ ବାସଭବନରେ ଉପସ୍ଥିତ ନଥିଲେ । ରାଞ୍ଚି ସ୍ଥିତ ହେମନ୍ତ ସୋରେନଙ୍କ ସରକାରୀ ବାସଭବନରେ ଦୀର୍ଘ ୭ ଘଣ୍ଟାର ପଚରାଉଚରା ପରେ ଇଡି ଜାନୁଆରୀ ୨୦ ତାରିଖରେ ଏହି ମାମଲାରେ ପ୍ରଥମ ଥର ପାଇଁ ତାଙ୍କ ବୟାନ ରେକର୍ଡ କରିଥିଲା । ଝାଡ଼ଖଣ୍ଡରେ ମାଫିଆମାନେ ବେଆଇନ ଭାବେ ଜମିର ମାଲିକାନା ପରିବର୍ତ୍ତନ କରିବାର ଏକ ବିରାଟ ରାକେଟ୍ କୁ ନେଇ ଏହି ତଦନ୍ତ ଆରମ୍ଭ ହୋଇଛି । ରାଜ୍ୟ ସମାଜ କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଏବଂ ରାଞ୍ଚିର ଡେପୁଟି କମିଶନର ଭାବେ କାର୍ଯ୍ୟ କରିଥିବା ୨୦୧୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଛବି ରଞ୍ଜନଙ୍କ ସମେତ ଇଡି ଏପର୍ଯ୍ୟନ୍ତ ଏହି ମାମଲାରେ ୧୪ ଜଣଙ୍କୁ ଗିରଫ କରିଛି । ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଦିଲ୍ଲୀ ବାସଭବନକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ

▶▶ପୃଷ୍ଠା ୭

## ବିହାରରେ କ୍ଷମତା ପରିବର୍ତ୍ତନ ପରେ ପହଞ୍ଚିଲା ରାହୁଲଙ୍କ ନ୍ୟାୟ ଯାତ୍ରା



ନୂଆଦିଲ୍ଲୀ, ୨୯/୧ : ୧୮ ମାସ ପରେ ପୁଣିଥରେ ପଟ୍ଟ ପରିବର୍ତନ ବିହାର ରାଜନୀତିରେ ମୋଡ ବଦଳାଇଛି । ଗୋଟିଏ ପଟେ ବିଜେପି ଜେଡିୟୁ ସହ କ୍ଷମତାରେ ଆସି ଉତ୍ସାହିତ ରହିଛି । ଅନ୍ୟପଟେ ଆରଜେଡି ଓ କଂଗ୍ରେସ କ୍ଷମତାରେ ଯିବା ପରେ ମୁହଁ ଶୁଖାଇଛି । କ୍ଷମତାରୁ ଯିବା ପରେ ଆରଜେଡି ଓ କଂଗ୍ରେସ ନିରବ ରହିଛି । କିନ୍ତୁ ରାଜନୀତିରେ ପଲଟୁରାମ ଭାବେ ପରିଚିତ ନୀତୀଶ କୁମାର ହଠାତ୍ ମୋହ ଭାଙ୍ଗି ବିଜେପି ସହ ଦୋସ୍ତି କରିବା ସମସ୍ତଙ୍କୁ ଚକମା ଦେଇଛି। ବିଜେପିର ନେତା ଓ କର୍ମୀମାନେ ଜୟ ଶ୍ରୀରାମ ନାରା ଦେଇଛନ୍ତି । ରାଜଭବନ ନିକଟରେ ଗେରୁଆ ପୋଷାକ ପିନ୍ଧି ଥିବା ବିଜେପି କର୍ମୀମାନେ କହିଛନ୍ତି, "ବିହାରରେ ରାମ ରାଜ୍ୟ ଆସିଛି' । ଅନ୍ୟପଟେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ବଙ୍ଗଳା ବାହାରେ ନିରବତା ଦେଖିବାକୁ ମିଳିଛି । ସେପଟେ ସାଧାରଣ ନିର୍ବାଚନରେ ଏନଡିଏ ସମସ୍ତ ଆସନରେ ବିଜୟୀ ହେବ ବୋଲି ନେତା ବିଶ୍ୱାସ ରଖିଛନ୍ତି । ମହାମେଣ୍ଟ ସରକାର କ୍ଷମତାରୁ ଯିବାର ଦିନକ ପରେ ବିହାରରେ ପ୍ରବେଶ କରିଛି ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ ନ୍ୟାୟ ଯାତ୍ରା । ୨୦୨୦ ବିଧାନସଭା ନିର୍ବାଚନ ପରେ ପ୍ରଥମ ଥର ପାଇଁ ରାହୁଲ ବିହାର ଆସିଛନ୍ତି। ଦୁଇ ଦିନ ପୂର୍ବରୁ ରାଜ୍ୟରେ କଂଗ୍ରେସ କ୍ଷମତାରେ ଥିବାରୁ ଉତ୍ସାହିତ ଥିଲେ ଦଳୀୟ କର୍ମୀ । କିନ୍ତୁ ଯେଉଁ ସମୟରେ ଭାରତ ଯୋଡ ନ୍ୟାୟ ଯାତ୍ରା ପ୍ରବେଶ କରିଛି ଏବେ ଦଳୀୟ କର୍ମୀଙ୍କ ନିକଟରେ ପୂର୍ବଭଳି ଆଉ ଜୋଶ ଦେଖିବାକୁ ମିଳିନାହିଁ । କିନ୍ତୁ ବିଜେପିକୁ ଟାର୍ଗେଟ କରି ରାହୁଲ ଗାନ୍ଧୀ ଘୃଣା ରାଜନୀତି କଥା ଉଠାଇଛନ୍ତି । ସାଧାରଣ ନିର୍ବାଚନକୁ ହାତରେ ଆଉ ଅଳ୍ପ ମାସ ରହିଛି । ଏପରି ସ୍ଥିତିରେ ବିହାରରେ ମହାମେଣ୍ଟ ଭଳ ପ୍ରଦର୍ଶନ କରିବ ବୋଲି ଆଶଙ୍କା କରାଯାଉଥିଲା । କିନ୍ତୁ ଯେଉଁଭଳି ଭାବେ ନୀତୀଶ କୁମାର ପଟ ପରିବର୍ତନ କଲେ ତାହା ବିରୋଧୀ ଆରଜେଡି ଓ କଂଗ୍ରେସକୁ ବଡ ଝଟକା ଦେଇଛି ।

# ବଢ଼ିଚାଲିଛି ଖାଦ୍ୟ ଅସୁରକ୍ଷା ମାମଲା: କୋର୍ଟରେ ୧୩୬, ବିଚାର ହୋଇନି



ଭୁବନେଶ୍ୱର, ୨୯/୧ (ନି.ପ୍ର): ବିଷାକ୍ତ ଓ ଅସୁରକ୍ଷିତ ଖାଦ୍ୟ ବିକ୍ରି କରି ଲୋକଙ୍କ ଜୀବନ ସହ ଖେଳ ଖେଳୁଥିବା ଦୋକାନୀଙ୍କୁ ସାବାଡ଼୍ କରିବା ପାଇଁ ସେମାନଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯାଉଛି। ଏଭଳି ମାମଲା ସଂଖ୍ୟା ପ୍ରତିବର୍ଷ ବଢ଼ିବାରେ ଲାଗିଛି। ଗତ ୬ବର୍ଷରେ ଏଭଳି ୧୩୬ଟି ମାମଲା ବିଭିନ୍ନ ଏସ୍‌ଡିଜେଏମ୍ କୋର୍ଟରେ ଦାୟର ହେଲାଣି। ଉଦ୍‌ବେଗର ବିଷୟ ହେଲା, ଏ ମଧ୍ୟରୁ ଗୋଟିଏ ହେଲେ ମାମଲାର ରାୟ ଆସିନାହିଁ। କେବଳ ତାରିଖ ପରେ ତାରିଖ ଗଡୁଛି। ଅନ୍ୟପକ୍ଷରେ ମାମଲାର ବିଳମ୍ବିତ ରାୟ ଏଭଳି ଅସାଧୁ ଖାଦ୍ୟ ବ୍ୟବସାୟୀଙ୍କ ପାଇଁ ବରଦାନ ପାଲଟିଛି। ସେମାନେ ଏଭଳି ଆଇନକୁ ଫୁ କରିବା ଆରମ୍ଭ କଲେଣି। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ପକ୍ଷରୁ ଅସୁରକ୍ଷିତ ଓ ନିମ୍ନମାନର ଖାଦ୍ୟକୁ ନେଇ ମାମଲା ଦାୟର କରିବା କ୍ଷମତା ଖାଦ୍ୟ ସୁରକ୍ଷା ଅଧିକାରୀ(ଏଫ୍‌ଏସ୍‌ଓ)ଙ୍କୁ ଦିଆଯାଇଛି। ଯଦି ଲାବୋରେଟାରି ପରୀକ୍ଷା ପରେ ସଂପୃକ୍ତ ଖାଦ୍ୟ ଅସୁରକ୍ଷିତ କିମ୍ବା ନିମ୍ନମାନର ବୋଲି ସ୍ପଷ୍ଟ ହୁଏ ତାହାଲେ ସେହି ଅନୁଯାୟୀ ଆପରାଧିକ ମାମଲା ଦାୟର କରାଯାଇଥାଏ। ତା' ଭିତରେ ପାନ ମସଲା, ପ୍ୟାକିଂ ହୋଇଥିବା ଖାଦ୍ୟ, ପ୍ରସ୍ତୁତି ଖାଦ୍ୟ, ଅଟା, ମଇଦା, ଶସ୍ୟ ଆଦି ରହିଛି। ଖାଦ୍ୟ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟବ୍ୟାପୀ ବିଭିନ୍ନ ସମୟରେ ଖାଦ୍ୟାନୁଷ୍ଠାନ ଉପରେ ନିୟମିତ ଯାଞ୍ଚ କରାଯାଉଛି। ଗତ ୬ବର୍ଷରେ ରାଜ୍ୟରେ ୧୧,୩୧୦ ଖାଦ୍ୟ ନମୁନା ପରୀକ୍ଷା ହୋଇଥିବା ବେଳେ ତହିଁରେ ୨୫୧୯ ନମୁନା ଅପମିଶ୍ରିତ ଓ ଅନ୍ୟର ବ୍ରାଣ୍ଡ ବ୍ୟବହାର କରିବା ଭଳି ଘଟଣା ନଜରକୁ ଆସିଥିଲା। ନିମ୍ନମାନର ଖାଦ୍ୟ(ସବ୍ ଷ୍ଟାଣ୍ଡାର୍ଡ) ବିକ୍ରି ପାଇଁ ସିଭିଲ୍ ମାମଲା ଦାୟର କରାଯାଉଛି। ଏ ସଂକ୍ରାନ୍ତ ମାମଲାର ବିଚାର ଏଡିଏମ୍‌ଙ୍କ ନିକଟରେ ହୋଇଥାଏ। ୨୦୧୮-୧୯ରେ ୪୨, ୨୦୧୯-୨୦ରେ ୨୯, ୨୦୨୦-୨୧ରେ ୩୩, ୨୦୨୧-୨୨ରେ ୬୧, ୨୦୨୨-୨୩ରେ ୮୪ ଓ ୨୦୨୩-୨୪(ଜାନୁଆରି ପର୍ଯ୍ୟନ୍ତ) ୨୦ଟି ମାମଲା ରୁଜୁ ହୋଇଛି। ତହିଁରୁ ଅନେକ ମାମଲାର ବିଚାର କରାଯାଇ ନିମ୍ନମାନର ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି। ଦାୟର ହେଉଥିବା ଆପରାଧିକ ମାମଲାର ବିଚାର ପାଇଁ ଏକ ଖାଦ୍ୟ ସୁରକ୍ଷା ଆପିଲେଟ୍ ଟ୍ରିବ୍ୟୁନାଲ୍ ଗଠନ କରାଯାଇଛି। ଖାଦ୍ୟ ସୁରକ୍ଷା ଓ ମାନକ ଆଇନ, ୨୦୦୬ ଅନୁଯାୟୀ କୌଣସି ଅଧିକାରୀଙ୍କ ନିଷ୍ପତ୍ତି ବିରୋଧରେ ଅପିଲ୍ କରିବା ପାଇଁ ଜଣେ ଟ୍ରିବ୍ୟୁନାଲ୍‌ର ଦ୍ୱାରସ୍ଥ ହୋଇପାରିବେ। ହେଲେ ଟ୍ରିବ୍ୟୁନାଲ୍ ଘୋଷଣା ହୋଇଥିଲେ ହେଁ ତାହା ବର୍ତ୍ତମାନସୁଦ୍ଧା କାର୍ଯ୍ୟକ୍ଷମ ହୋଇପାରିନାହିଁ। ସେହିପରି ରାଜ୍ୟରେ ଖାଦ୍ୟ ପଦାର୍ଥର ଯାଞ୍ଚ ପରିସରକୁ ବଢ଼ାଇବା ପାଇଁ ଉଦ୍ୟମ କରାଯାଉଛି। ରାଜ୍ୟରେ ଏବେ ଗୋଟିଏ ଭ୍ରାମ୍ୟମାଣ ଖାଦ୍ୟ ପରୀକ୍ଷାଗାର ରହିଛି। ଚଳିତବର୍ଷ ଆହୁରି ୩ଟି ଏଭଳି ପରୀକ୍ଷାଗାର ଓଡ଼ିଶାକୁ ଆସିବ। ଏସବୁ ନମୁନା ପରୀକ୍ଷା ଗାଡ଼ି ୩ ଆରଡିସିଙ୍କ ଅଧୀନରେ କାର୍ଯ୍ୟ କରିବ। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇଦେବେ। ଭ୍ରାମ୍ୟମାଣ ପରୀକ୍ଷାଗାର ପାଇଁ ଏଫ୍‌ଏସ୍‌ଏସ୍‌ଏଆଇ ସହିତ ରାଜ୍ୟ ସରକାରଙ୍କ ଏକ ଏମ୍‌ଓୟୁ କରାଯିବ ବୋଲି ଜଣାପଡ଼ିଛି। ଅପରପକ୍ଷରେ ରାଜ୍ୟରେ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀମାନଙ୍କୁ ଲାଇସେନ୍‌ସ ପ୍ରଦାନ କରିବା ପ୍ରକ୍ରିୟା ଜାରି ରହିଛି। ଯେଉଁ ବ୍ୟବସାୟୀଙ୍କ ବାର୍ଷିକ ଖାଦ୍ୟ ବ୍ୟବସାୟ ୧୨ଲକ୍ଷରୁ ୨୦କୋଟି ଭିତରେ ରହିଛି ସେମାନଙ୍କୁ ଲାଇସେନ୍‌ସ ପ୍ରଦାନ କରାଯିବ। ମାତ୍ର ଯେଉଁ ବ୍ୟବସାୟୀଙ୍କ ବାର୍ଷିକ ବ୍ୟବସାୟ ୧୨ଲକ୍ଷରୁ କମ୍ ରହିଛି ସେମାନଙ୍କୁ କେବଳ ଫୁଡ୍ ରେଜିଷ୍ଟ୍ରେସନ୍ କରିବାକୁ ପଡ଼ିବ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ପ୍ରାୟ ୫୦ହଜାର ବ୍ୟବସାୟୀ ଲାଇସେନ୍ସ ନେଇଥିବା ବେଳେ ୧୪ଲକ୍ଷରୁ ଅଧିକ ଫୁଡ୍ ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ପାଇଛନ୍ତି। ଏହି ଦୁଇ ବ୍ୟବସାୟୀଙ୍କ ଲାଇସେନ୍‌ସ ଓ ରେଜିଷ୍ଟ୍ରେସନ୍ ବାବଦରେ ପ୍ରାୟ ୨୦କୋଟି ଟଙ୍କା ଆଦାୟ କରାଯାଇଥିବା ଖାଦ୍ୟ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ମତରେ ଏଫ୍‌ଏସ୍‌ଏସ୍‌ଏଆଇ ଆଇନ ଅନୁସାରେ ଅପରାଧିକ ମାମଲାରେ ସର୍ବାଧିକ ୩ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଥିବା ବେଳେ ୫-୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ ହୋଇପାରିବ। ମାତ୍ର ବିଚାର ପ୍ରକ୍ରିୟା ବିଳମ୍ବିତ ହେଉଥିବାରୁ ଅସୁରକ୍ଷିତ ଖାଦ୍ୟ ଓ ଏହାଜାତୀୟ ଦ୍ରବ୍ୟ ବିକ୍ରି କରୁଥିବା ବ୍ୟବସାୟୀଙ୍କ ମନରେ ଭୟ ସୃଷ୍ଟି ହେଉନାହିଁ। ଏହି ମାମଲାରେ ବ୍ୟାବସାୟିକ ପ୍ରତିଷ୍ଠାନକୁ ସିଲ୍ କରିବାର ବ୍ୟବସ୍ଥା ନ ଥିବାରୁ ମାମଲାର ରାୟ ନ ଆସିବା ପର୍ଯ୍ୟନ୍ତ ଜଣେ ବ୍ୟବସାୟ କରିପାରିବେ। ଯେହେତୁ ଗୋଟିଏ ବି ମାମଲାର ବିଚାର ହୋଇନାହିଁ, ତେଣୁ ଆପିଲେଟ୍ ଟ୍ରବ୍ୟୁନାଲକୁ ମଧ କୌଣସି ମାମଲା ବିଚାର ପାଇଁ ଯାଇ ନ ଥିବା ଅଧିକାରୀ ଜଣକ ସ୍ପଷ୍ଟ କରିଛନ୍ତି।

# ଅଯୋଧ୍ୟାରୁ ଫେରିବା ପରେ ଦୁଇ ରାମଭକ୍ତଙ୍କୁ ସ୍ୱାଗତ

ମାଲକାନଗିରି, ୨୯/୧ (ନି.ପ୍ର): ଅଯୋଧ୍ୟା ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବାକୁ ମାଲକାନଗିରି ଜିଲ୍ଲାର ୨ ଜଣ ରାମ ଭକ୍ତ ଗତ ଡିସେମ୍ବର ମାସ ୨୦ ତାରିଖରେ ମାଲକାନଗିରି ସହରରୁ ଅଯୋଧ୍ୟା ନଗରୀ ଅଭିମୁଖେ ପଦଯାତ୍ରା ଆରମ୍ଭ କରିଥିଲେ। ରାମ ଭକ୍ତ ଦିନେଶ ପଟ୍ଟନାୟକ ଏବଂ ଭଗବାନ ଦୁର୍ଗା ପ୍ରତ୍ୟେକ ଦିନ ପ୍ରାୟ ୪୦ ରୁ ୫୦ କିଲୋମିଟର ପାଦରେ ଚାଲି ଚାଲି ବହୁ ବାଧାବିଘ୍ନର ସମ୍ମୁଖିନ ହୋଇ ଜାନୁଆରୀ ୨୧ ତାରିଖରେ ଅଯୋଧ୍ୟା ନଗରୀରେ ପହଂଚିଥିଲେ। ଏହାପରେ ଜାନୁଆରୀ ୨୨ ଏବଂ ୨୩ ତାରିଖରେ ଅଯୋଧ୍ୟା ନଗରୀରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ମନ୍ଦିର ଭିତରକୁ ଯାଇ ରାମଲାଲାଙ୍କୁ ଦର୍ଶନ କରିଥିଲେ। ପରେ ସେମାନେ ଅଯୋଧ୍ୟା ନଗରୀରୁ ଶ୍ରୀକ୍ଷେତ୍ର ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରି ରବିବାର ସକାଳେ ନିରାପଦରେ ମାଲକାନଗିରି ଫେରିଛନ୍ତି। ମାଲକାନଗିରି ପହଂଚିବା ପରେ ସହରର ଶହ ଶହ ସାଧାରଣ ଜନତା, ରାମଭକ୍ତ ଏବଂ ସମାଜସେବୀ ବ୍ୟାଣ୍ଡ ବାଜା ଏବଂ ଜୟ ଶ୍ରୀରାମ ଧ୍ୱନି ସହିତ ଶୋଭାଯାତ୍ରା କରି ସେମାନଙ୍କୁ ସ୍ୱାଗତ କରିଥିଲେ। ଉଭୟଙ୍କୁ ସ୍ୱଚକ୍ଷୁରେ ଦେଖିବା ପାଇଁ ବହୁ ଲୋକ ସେମାନଙ୍କ ଘର ନିକଟରେ ଅପେକ୍ଷା କରି ରହିଥିଲେ। ଘରେ ପହଂଚିବା ପରେ ଅନେକ ଲୋକ ଦିନେଶ ଏବଂ ଭଗବାନଙ୍କ ପାଦ ଛୁଇଁ ଭକ୍ତିପୂତ ଭାବରେ ପ୍ରଣାମ କରୁଥିବା ଦେଖିବାକୁ ମିଳିଥିଲା। ଦୁହେଁ ଉପାନ୍ତ ମାଲକାନଗିରି ଜିଲ୍ଲାରୁ ପାଦରେ ଚାଲି ଚାଲି ଅଯୋଧ୍ୟା ନଗରୀକୁ ଯାଇ ରାମଲାଲାଙ୍କୁ ଦର୍ଶନ କରିଥିବାରୁ ସ୍ଥାନୀୟ ଜନସାଧାରଣ ଗର୍ବ ଅନୁଭବ କରୁଥିବା ମତବ୍ୟକ୍ତ କରିଛନ୍ତି।

# ଟେଲାପାଲି ଗ୍ରାମ ନିକଟସ୍ଥ ନଦୀରୁ ବିଲୁପ୍ତ ପ୍ରଜାତିର ଶାଗୁଣା ଉଦ୍ଧାର

କନ୍ଧମାଳ, ୨୯/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ଗ୍ରାମପଂଚାୟତ ଅଧିନସ୍ଥ ଟେଲାପାଲି ଗ୍ରାମ ନିକଟସ୍ଥ ନଦୀରୁ ଏକ ବିରଳ ପ୍ରଜାତିର ଶାଗୁଣା ଉଦ୍ଧାର ହୋଇଛି । ଟେଲାପାଲି ଗ୍ରାମର ୪ ଜଣ ଯୁବକ ସୁନୀଲ ରଣା, ବିକାଶ ରଣା, ସିକୁ ରଣା ଏବଂ ନୀଳକଣ୍ଠ ରଣା ଶନିବାର ସକାଳୁ ଶୌଚ ହେବାପାଇଁ ନଦୀକୁ ଯାଇଥିଲେ । ସେଠାରେ ଥିବା ଏକ ନାଳରେ ଏହି ବିରଳ ପ୍ରଜାତିର ପକ୍ଷୀଟିଏ ବସିଥିବା ଦେଖି ପ୍ରଥମେ ଭୟଭୀତ ହୋଇ ଯାଇଥିଲେ । ପରେ ସାହସରେ ପକ୍ଷୀ ନିକଟକୁ ଯାଇ ତାକୁ ଉଦ୍ଧାର କରି ଫିରିଙ୍ଗିଆ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଫୋନ କରି ଜଣେଇଥିଲେ । ଏ ବିଷୟରେ ଫିରିଙ୍ଗିଆ ପ୍ରେସ କ୍ଲବର ସଭାପତି ଉତ୍ତମ ଖମାରୀ ଓ ଉପ ସଭାପତି ସୁଶାନ୍ତ ଦିଗାଲ ଫୋନ ଯୋଗେ ଫିରିଙ୍ଗିଆ ଫରେଷ୍ଟର ପ୍ରବୀଣ ଦାସଙ୍କୁ ଜଣେଇଥିଲେ । ଖବର ପାଇବା ସଙ୍ଗେ ସଙ୍ଗେ ଫିରିଙ୍ଗିଆ ଫରେଷ୍ଟର ଟେଲାପାଲି ଗ୍ରାମରେ ପହଂଚିଥିଲେ । ପରେ ଫିରିଙ୍ଗିଆ ବନାଚଂଳ ଅଧିକାରୀ ମଧ ଟେଲାପାଲି ଗ୍ରାମରେ ପହଂଚିଥିଲେ ଓ ଦୁହେଁ ମିଶି ଏକ ଭଡା ଓଟୋରେ ପକ୍ଷୀଟିକୁ ସୁରକ୍ଷିତ ଭାବେ ଫୁଲବାଣୀକୁ ନେଇଯାଇଥିଲେ । ଉଭୟ ବନାଚଂଳ ଅଧିକାରୀ ଓ ଫରେଷ୍ଟରଙ୍କ କହିବା ପ୍ରକାରେ, ଉଦ୍ଧାର ହୋଇଥିବା ପକ୍ଷୀର ମୁଣ୍ଡରେ କୌଣସି କାରଣ ବଶତଃ ଆଘାତ ରହିଛି ତେଣୁ ତାକୁ ମେଡିକାଲକୁ ନେଇ ଚିକିତ୍ସା କରିବା ପରେ ସେ ସୁସ୍ଥ ହେଲେ ପୁଣିଥରେ ଜଙ୍ଗଲରେ ଛାଡି ଦିଆଯିବ ।

# ନିର୍ମାଣ ସରିବା ନାମ ନେଉନି 'ଆମ ହସ୍ପିଟାଲ'



ଜୟପୁର, ୨୯/୧ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ୫-ଟି 'ଆମ ହସ୍ପିଟାଲ' ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ଏଥି ପାଇଁ ରାଜ୍ୟ ସରକାର ସାଢ଼େ ସାତ କୋଟି ଟଙ୍କାର ଅନୁଦାନ ଦେଇଛନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲାର ଫାଷ୍ଟ ରେଫରାଲ ୟୁନିଟ ମଧ୍ୟରେ ଅନ୍ତର୍ଭୁକ୍ତ ଥିବା ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରଥମ ପର୍ଯ୍ୟାୟରେ ରୂପାନ୍ତରିତ ହେବ। ମୁଣ୍ଡ ଉପରେ ସାଧାରଣ ନିର୍ବାଚନ ରହିଥିବା ବେଳେ ଏହାର ନିର୍ମାଣ କାମକୁ ରାଜ୍ୟସରକାର ଅଧିକା ପ୍ରାଧାନ୍ୟ ଦେଉଛନ୍ତି। ତେବେ ଠିକା ସଂସ୍ଥା ଯେଉଁ ଗତିରେ ନିର୍ମାଣ କରିବା କଥା କରୁ ନଥିବାରୁ ରାସ୍ତା ଓ କୋଠାବାଡ଼ି ଜୟପୁର ବିଭାଜନ ଏବେ ଚିନ୍ତାରେ। ରାଜ୍ୟସ୍ତରୀୟ ସମୀକ୍ଷାରେ ଏହି କାମ ପାଇଁ ରାଜ୍ୟସ୍ତରୀୟ ସଚିବ ମାନେ ବି ଖୁବ ବିଗୁଡ଼ୁଛନ୍ତି।

ପ୍ରକାଶଯୋଗ୍ୟ, ଡିଏଚଏଚ ୫-ଟି 'ଆମ ହସ୍ପିଟାଲ' ଯୋଜନାରେ ରାଜ୍ୟ ସରକାର ଆନୁସଙ୍ଗିକ ଭିତ୍ତିଭୂମିର ସୁଧାର ଆଣିବା ପାଇଁ ୪କୋଟି ୮୫ଲକ୍ଷ, ରୋଗୀଙ୍କ ମୌଳିକ ଏବଂ ଅତ୍ୟନ୍ତ ଜରୁରୀ ସେବା ଓ ସୁବିଧା ଯୋଗାଇବା ପାଇଁ କୋଟିଏ ୨୦ଲକ୍ଷ ୨୦ହଜାର, ତ୍ୱରିତ ସେବା ପ୍ରଦାନ କରିବା ପାଇଁ ୯୭ଲକ୍ଷ, ଗୁଣାତ୍ମକ ସେବା ଯୋଗାଇବା ପାଇଁ ୧୦ଲକ୍ଷ ଏଭଳି ସାଢ଼େ ୭କୋଟି ଅନୁଦାନ ଦେଇସାରିଛି। ଏଥିରେ ସଂପ୍ରତି ଚିକିତ୍ସାଳୟର ମରାମତି, ସାଜସଜ୍ଜା, ପୁରୁଷ ମହିଳା ଓ ଭିନ୍ନକ୍ଷମମାନଙ୍କ ପାଇଁ ଶୌଚାଳୟ, ଉନ୍ନତ କିସମର ବଗିଚା, ଚତୁର୍ଦ୍ଦିଗ ଆବଦ୍ଧ ପାଇଁ ପ୍ରାଚୀର, ପାଓ୍ୱାର ବ୍ୟାକଅପ୍, ସୋଲାର ଲାଇଟ୍, ଯାନବାହାନ ପାର୍କିଂ ବ୍ୟବସ୍ଥା, ମୁଖ୍ୟ ଦ୍ୱାର ଉନ୍ନତୀକରଣ, ମେଡିକାଲ ପରିସର ଆଲୋକୀକରଣ, ଟ୍ରାନ୍ସଫରମର ସ୍ଥାପନ, ବର୍ଜ୍ୟବସ୍ତୁ ଭିତ୍ତିଭୂମିର ସୁଦୃଢ଼ୀକରଣ, ପରିସରରେ ଗରମ ଓ ଥଣ୍ଡା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଲୁଗା ଶୁଖାଇବା ପାଇଁ ସ୍ୱତନ୍ତ୍ର ସ୍ଥାନ କରାଯାଇଛି। ସେଭଳି ବଡ ଏଲଇଡି ଲଗାଯାଇଛି। ଏହା ସହ ଟିକେଟ ପଂଜୀକରଣ କେନ୍ଦ୍ର ଗୁଡିକର ସଂପୂର୍ଣ୍ଣ ରୂପାନ୍ତରଣ କରାଯାଇଛି। ଯେ କୌଣସି ରୋଗୀ କିମ୍ବା ରୋଗୀଙ୍କ ସଂପର୍କୀୟ ଡାକ୍ତରଖାନାକୁ ଆସିଲେ ସୁବିଧାରେ ବିଭିନ୍ନ ଓ୍ୱାର୍ଡ, ଡାକ୍ତରଙ୍କ ନିକଟକୁ ଯିବା ପାଇଁ ସୁବ୍ୟବସ୍ଥିତ କରି ବୋର୍ଡ ଗୁଡିକ ଲଗାଯିବା ପାଇଁ ଯୋଜନା ରହିଛି। ଏହାରି ମଧ୍ୟରେ ରାସ୍ତା ଓ କୋଠାବାଡ଼ି ଜୟପୁର ବିଭାଜନର ନିର୍ବାହୀ ଯନ୍ତ୍ରୀ ଇଂ.କ୍ଷୀରଧର କନ୍ଧପାଣୀ ଡିପିଆର ଓ ଡିଜାଇନ୍ ଅନୁଯାୟୀ ସବୁ କାମର ତଦାରଖ କରିଥିଲେ। ବଳକା ଥିବା ସବୁ କାମକୁ ତୁରନ୍ତ ସାରିବାକୁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଆମ ହସ୍ପିଟାଲ ଓ ୭ମହଲା ଡିଏଚଏଚର ସଂପୂର୍ଣ୍ଣ ନିର୍ମାଣ ସରିଲେ ଭିତ୍ତିଭୂମିରେ ସଂପୂର୍ଣ୍ଣ ସୁଧାରଆସିବ। ଆନୁସଙ୍ଗିକ ସେବା ଯୋଗାଇବା କ୍ଷେତ୍ରରେ ଡାକ୍ତର ଓ ବୈଷୟିକ କର୍ମଚାରୀଙ୍କୁ ସହଜ ହୋଇ ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଜାତୀୟ ରାଜପଥ ପ୍ରସଙ୍ଗ ତେଜିଲା: ଏକାଠି ହେଲେ ସବୁ ଦଳ, ଅନୁଗୁଳରେ ହେବ ଅର୍ଥନୈତିକ ଅବରୋଧ



ଅନୁଗୁଳ, ୨୯/୧ (ନି.ପ୍ର): ସହର ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ ଅବସ୍ଥା ନେଇ ଅନୁଗୁଳବାସୀଙ୍କ କ୍ଷୋଭ ଆଜି ଫୁଟି ବାହାରିଛି। ଏହି ରାଜପଥ ମରାମତି ଦାବିରେ ଅନୁଗୁଳ ସଚେତନ ନାଗରିକଙ୍କ ପକ୍ଷରୁ ଚାଲିଥିବା ଗଣଧାରଣା ସ୍ଥଳରେ ଆଜି ରାଜନେତା ଓ ବୁଦ୍ଧିଜୀବୀ ଏକାଠି ହୋଇ ରାସ୍ତାର ଅବସ୍ଥା ନେଇ ଉଦ୍‌ବେଗ ପ୍ରକାଶ କରି ଅର୍ଥନୈତିକ ଅବରୋଧ କରିବାକୁ ଖସଡ଼ା ପ୍ରସ୍ତୁତ କରିଛନ୍ତି। ଜାତୀୟ ରାଜପଥର ମରାମତି ଓ ଅନୁଗୁଳରେ ମେଡିକାଲ୍ କଲେଜ ପ୍ରତିଷ୍ଠା ଦାବିରେ ଅନୁଗୁଳର ସଚେତନ ନାଗରିକଙ୍କ ପକ୍ଷରୁ ଅନୁଗୁଳ ଷ୍ଟାଡିୟମ୍ ପାଖରେ ୧୨ ଦିନ ହେଲା ଗଣଧାରଣା ଦିଆଯାଉଛି। ଏହି ଗଣଧାରଣା ସ୍ଥଳରେ ଆଜି ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ଏକ ସାଧାରଣ ସଭା କରାଯାଇଥିଲା। ଏଥିରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସମେତ ଆଇନଜୀବୀ, ବ୍ୟବସାୟୀ, ସାମ୍ବାଦିକ, ଗାଁ ମୁରବୀ ଓ ସାଧାରଣ ଲୋକେ ଯୋଗ ଦେଇଥିଲେ। ରାସ୍ତାର ଅବସ୍ଥା ନେଇ ସମସ୍ତେ ସମାଲୋଚନା କରିଥିଲାବେଳେ ଏହାର ପ୍ରତିକାର ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଗଣ ଧାରଣାକୁ ୧୨ ଦିନ ବିତି ଯାଇଥିଲେ ମଧ କୌଣସି ଲୋକ ପ୍ରତିନିଧି, ବିଭାଗୀୟ ଅଧିକାରୀ ଓ ପ୍ରାଶାସନିକ ଅଧିକାରୀ ଆଲୋଚନାକୁ ଆସିନଥିବା କାରଣରୁ ବିଭିନ୍ନ ସଂଗଠନ ତରଫରୁ ଦୃଢ଼ ନିନ୍ଦା କରାଯାଇଥିଲା। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ତରଫରୁ ଜାତୀୟ ରାଜପଥ ଦୁରାବସ୍ଥା ବିରୋଧରେ ଆନ୍ଦୋଳନ କରିଆସିଥିଲେ ମଧ ତାହା ଏଯାବତ ସମ୍ପୂର୍ଣ୍ଣ ହେଇପାରିଲା ନାହିଁ। ମରାମତି ଆଳରେ ବିଭିନ୍ନ ପାଣ୍ଠିରୁ ଅର୍ଥ ବିନିଯୋଗ ହୋଇ କାମ ହୋଇଥିଲେ ମଧ ନିମ୍ନମାନର କାମ ପାଇଁ ଏହା ବର୍ଷେ ବି ଯାଇନି। ଏପଟେ ଏହି ରାସ୍ତାରେ ଦୈନିକ ହଜାର ହଜାର ଭାରୀଯାନ ଚଳାଚଳ କାରଣରୁ ନିତି ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ରାଜପଥ ନେଇ ଆଜି ଉପସ୍ଥିତ ଜନତାଙ୍କଠାରୁ ମତାମତ ସଂଗ୍ରହ କରାଯାଇଛି। ସହର ମଧ୍ୟରେ ଚଳାଚଳ କରୁଥିବା ଭାରୀଯାନର ବେଗ ଉପରେ ଅଙ୍କୁଶ ଲଗାଇବା ପାଇଁ ବୁଦ୍ଧିଜୀବୀମାନେ ମତ ରଖିଥିଲେ। ସେହିପରି ବାଇପାସ୍ ରାସ୍ତାରେ ଅସ୍ଥାୟୀ ଭାବେ ଭାରୀଯାନ ଚଳାଚଳ ବ୍ୟବସ୍ଥା ପ୍ରସ୍ତାବ ଦିଆଯାଇଛି। ଏପଟେ ବାଇପାସ୍ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ନହେବା ଯାଏଁ ଜାତୀୟ ରାଜପଥ ମରାମତି କାର୍ଯ୍ୟ ନିୟମିତ ଭାବେ କରାଯିବାକୁ ଦାବି କରାଯାଇଛି। ଜିଲ୍ଲା ବଣିକ ସଂଘ, ଜିଲ୍ଲା ବସ ମାଲିକ ସଂଘ, ନାଲକୋ କର୍ମଚାରୀ ସଂଘ, ବରିଷ୍ଠ ଶିକ୍ଷାବିତ, ଅବସରପ୍ରାପ୍ତ ପ୍ରାଶାସନିକ ଅଧିକାରୀ, ଜିଲ୍ଲା ଠିକାଦାର ସଂଘ, ଗୋ ସୁରକ୍ଷା ସମିତି, ବିଭିନ୍ନ ସାହି ପୂଜା କମିଟି, ଡ୍ରାଇଭର ମହାସଂଘର ସଦସ୍ୟ, ସାମାଜିକ ସଂଗଠନର ସଦସ୍ୟମାନେ ଏହି ସଭାରେ ଯୋଗଦେଇ ଜାତୀୟ ରାଜପଥ ଅନୁଗୁଳର ସାମାଜିକ ଓ ଅର୍ଥନୈତିକ ଅବସ୍ଥାକୁ ଦୋହଲାଇ ଦେଇଥିବା କହିଥିଲେ। ସେହିପରି ଅନୁଗୁଳରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରି କାର୍ଯ୍ୟକ୍ଷମ କରା ଯାଉନଥିବାରୁ ଏହାକୁ ଦୃଢ଼ ନିନ୍ଦା କରାଯାଇଥିଲା। ଏ ଦିଗରେ ଉଭୟ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଅନୁଗୁଳରେ ଅର୍ଥନୈତିକ ଅବରୋଧ କରିବାକୁ ସଚେତନ ନାଗରିକଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାସହ ଅନୁଗୁଳ ବନ୍ଦ ଡାକରା ଦେବା ପାଇଁ ସଚେତନ ନାଗରିକ ଚେତାବନୀ ଦେଇଛନ୍ତି। ଏପଟେ ସରକାରଙ୍କ ପାଖରେ ଅନୁଗୁଳବାସୀଙ୍କ ଉଦ୍‌ବେଗ ଜଣାଇବା ପାଇଁ ବିଜେଡି ଓ ବିଜେପିର ଜିଲ୍ଲା ସଭାପତିଙ୍କୁ ଅନୁରୋଧ କରାଯାଇଥିଲା।

# କେନ୍ଦ୍ରାପଡାରେ ଯୁବ ଓଡ଼ିଶା ନବୀନ ଓଡ଼ିଶା, ନୂଆ ଓଡ଼ିଶା ଉତ୍ସବ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୨୯/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ "ନୂଆ ଓ' ଉତ୍ସବ- ଯୁବ ଓଡ଼ିଶା ନବୀନ ଓଡ଼ିଶା" ବାରୋ ପଡିଆରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ାର ଯୁବଶକ୍ତିଙ୍କୁ ଶୁଭେଚ୍ଛା ପ୍ରଦାନ କରିବା ସହ ଏକ ସଶକ୍ତ ନବୀନ ଓଡ଼ିଶା ଗଠନ ପାଇଁ ଭିଡିଓ ବାର୍ତ୍ତା ମାଧ୍ୟମରେ ଆହ୍ୱାନ ଜଣାଇଥିଲେ । ଫାଇଭ-ଟି-ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍ କେନ୍ଦ୍ରାପଡ଼ାରେ କାର୍ଯ୍ୟକାରୀ ହେଉଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସହ ଜିଲ୍ଲାରେ ପ୍ରତିଷ୍ଠା ହେବାକୁ ଥିବା ବୃହତ ଇସ୍ପାତ ଶିଳ୍ପ ସମ୍ପର୍କରେ ଏକ ଅଡ଼ିଓ-ଭିଜୁଆଲ ଯୋଗେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାର ସମସ୍ତ ସ୍କୁଲ୍ କଲେଜ ଫାଇଭ-ଟି-ଅଧୀନରେ ରୂପାନ୍ତରୀତ ହେଉଥିବା ବେଳେ ପ୍ରତ୍ୟେକ ବର୍ଷ ଏହି ନୂଆ ଓ' ଉତ୍ସବ କରାଯିବ ବୋଲି ଶ୍ରୀ ପାଣ୍ଡିଆନ୍ କହିଥିଲେ । ଏହି ଉତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଏହି ଉତ୍ସବ ପଛର ମହତ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଯୁବଶକ୍ତି ହିଁ ଆଣିପାରିବେ ନବୀନ ଓଡ଼ିଶାରେ ବ୍ୟାପକ ରୂପାନ୍ତର । ଏକ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନରେ ସେମାନଙ୍କ ଭାଗିଦାରୀ ଅପରିହାର୍ଯ୍ୟ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଫାଇଭ-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ୍‌ଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ଅତନୁ ସବ୍ୟସାଚୀ ନାୟକ । ଜିଲ୍ଲାପାଳ ଋତୁରାଜ ବାରୋପଡ଼ିଆ ଗସ୍ତ କରି ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ । ସମଗ୍ର ଜିଲ୍ଲାର ୮୨ଟି କଲେଜରୁ ପ୍ରାୟ ୧୦ ହଜାର ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ । ପୂର୍ବରୁ ଅନୁଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର, ପୁଷ୍ପଗୁଚ୍ଛ ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା । ସେହିପରି ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅର୍ଥରାଶି, ପୁଷ୍ପଗୁଚ୍ଛ, ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା । ସୂଚନାଯୋଗ୍ୟ, ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ପ୍ରଥମ ସ୍ଥାନ ପାଇଁ ୫୦ ହଜାର ଟଙ୍କା ଅର୍ଥରାଶିର ବ୍ୟବସ୍ଥା ଥିବା ବେଳେ ଦ୍ୱିତୀୟ ପାଇଁ ୩୦ ହଜାର, ତୃତୀୟ ଓ ଚତୁର୍ଥ ପାଇଁ ୨୦ ହଜାର ଟଙ୍କା ପୁରସ୍କାର ବ୍ୟବସ୍ଥା ରହିଛି । ଏହି ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ୍, ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜଳନ୍ଧର ଜାଲି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଡିଏସପି ଜ୍ୟୋତିରଞ୍ଜନ ସାମନ୍ତରାୟ, ଏସଡିପିଓ ଦେବେନ୍ଦ୍ର ମଲ୍ଲିକ୍, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ତହସିଲ୍ ର ତହସିଲଦାର, ବ୍ଲକ୍ ବିଡିଓ, ଲାଇନ୍ ଡିପାର୍ଟମେଂଟ୍ ର ପଦାଧିକାରୀ, ସମସ୍ତ କଲେଜର ନୋଡାଲ ଅଫିସର, ବ୍ଲକ ସଭାପତି ଆଲୋକ ସାହୁ, ଜିଲ୍ଲା ପରିଷଦର ସଭ୍ୟ ମଧୁଚ୍ଛନ୍ଦା ମହାନ୍ତି, ସମିତି ସଭ୍ୟ , ସ୍ଥାନୀୟ ସରପଂଚ ଗୋପୀନାଥ ମଲିକ ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇଥିଲେ ।

# ରାଜପଥରେ ଚାନ୍ଦା ଆଦାୟ ଅଭିଯୋଗରେ ନାବାଳକ ସମେତ ୫ ଅଦାଲତ ଚାଲାଣ

କୋରେଇ, ୨୯/୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ଟ୍ରକ ଓ ବସ ଗୁଡ଼ିକରୁ ନିଜକୁ ପୁଲିସ ଅଧିକାରୀ ଓ କର୍ମଚାରୀ ଦର୍ଶାଇ ଚାନ୍ଦା ଆଦାୟ କରୁଥିବା ବେଳେ ରାଜପଥ ପେଟ୍ରୋଲିଂ କର୍ମଚାରୀଙ୍କ ହାତରେ ଧରାପଡ଼ିଛନ୍ତି ଜଣେ ନାବାଳକକୁ ମିଶାଇ ପାଂଚ ଅଭିଯୁକ୍ତ। ପୁଲିସ ଏ ନେଇ ଥାନାରେ ଏକ ମାମଲା ୬୨/୨୪ ରୁଜୁ କରି ଉକ୍ତ ଘଟଣାରେ ଜଡ଼ିତ ଥିବା ନାବାଳକ (୧୭)କୁ ଜୁଭେନାଇଲ କୋର୍ଟକୁ ପଠାଇବା ସହିତ ଅନ୍ୟ ଚାରି ଜଣଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶଯେ ଶନିବାର ବିଳମ୍ବିତ ରାତିରେ ଜଗାକାଳିଆ ନାମକ ବସର ଚାଳକ ଲିଆକତ ଅଲ୍ଲୀ ଖାନ(୫୫) ପାଂଚ ଜଣ ଯୁବକ ବିଳମ୍ବିତ ରାତିରେ ଏକ ବୋଲେରୋ ଗାଡ଼ିରେ ସଠିପୁର ନିକଟରେ ତାଙ୍କ ବସକୁ ଅଟକାଇ ଜୋର ଜବରଦସ୍ତ ଚାନ୍ଦା ମାଗିବା ସହିତ ଗଣ୍ଡ ଗୋଳ କରିଥିବା ନେଇ ରାଜପଥ ପେଟ୍ରୋଲିଂ ପୁଲିସକୁ ଖବର ଦେଇଥିଲେ। ଖବର ପାଇବା ପରେ ପେଟ୍ରୋଲିଂ ପୁଲିସ ପକ୍ଷରୁ ଥାନାକୁ ଜଣାଇ ଦିଆଯାଇଥିଲା। ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶରେ ଥାନା ପୁଲିସ ଓ ପେଟ୍ରୋଲିଂ ପୁଲିସ ମିଳିତ ଭାବେ ଚଢାଉ କରି ସଠିପୁର ନିକଟରେ ଉକ୍ତ ବୋଲେରୋ (ଓଡ଼ି୦୧ଏମ୩୫୦୦) ସହିତ ପାଂଚ ଜଣକୁ ଥାନାକୁ ଆଣିଥିଲେ। ତେବେ ଜେରା ବେଳେ ବାଲେଶ୍ୱର ଜିଲ୍ଲା ପୁଲିସରେ ଗୃହରକ୍ଷୀ (ଡ୍ରାଇଭର ନଂ ୧୧୨) ଭାବେ କାର୍ଯ୍ୟରତ ଶିଳ୍ପାଂଚଳ ଥାନା ଅନ୍ତର୍ଗତ ଜାନୁଗଂଜ ଅଂଚଳର ସ୍ୱର୍ଗତ ଗୋଲକ ଚନ୍ଦ୍ର ବେହେରାଙ୍କ ପୁଅ ପ୍ରଦୀପ(୨୯) ଓରଫ ନିଲୁ ସମେତ ରେମୁଣା ଥାନା ଅନ୍ତର୍ଗତ ଅଥନ୍ତର ଗ୍ରାମର ନାରାୟଣ ଦାସଙ୍କ ପୁଅ ପବିତ୍ର ଦାସ(୨୧), ସେହି ଗ୍ରାମର ହରିଶ ଚନ୍ଦ୍ର ଦାସଙ୍କ ପୁଅ ଚିନ୍ମୟ ଦାସ(୨୩) ଓ ସଦର ଥାନା ଅନ୍ତର୍ଗତ ତନ୍ତିସାହି ଗ୍ରାମର ରତ୍ନାକର ବେହେରାଙ୍କ ପୁଅ ଗିରିଧାରୀ ଓରଫ ମଂଟୁ ସମେତ ଜଣେ ନାବାଳକ ଥିବାର ଜଣାପଡ଼ିଥିଲା। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ପ୍ରଦୀପ ଜଣେ ଗୃହରକ୍ଷୀ ଥିବା ବେଳେ ସେ ଓଡ଼ିଶା ପୁଲିସରେ କାର୍ଯ୍ୟରତ ଜଣେ କନେଷ୍ଟବଳ ବୋଲି ଗୋଟିଏ ଜାଲ ପରିଚୟ ପତ୍ର ବନାଇ ଲୁଟ କରୁଥିଲା। ତେବେ ଆଗରୁ ସେମାନେ ପାଣିକୋଇଲି ଥାନା ଅଂଚଳରେ ବହୁବାର ଲୁଟ କରିଥିଲେ ବୋଲି ସେମାନେ ଶେଷରେ ସ୍ୱୀକାର କରିଥିଲେ। କିନ୍ତୁ ପୁଲିସ ସେମାନଙ୍କୁ ଧରିପାରୁ ନଥିଲା। ପ୍ରଦୀପ ଜଣେ ପେଶାଦାର ଅପରାଧି ଓ ତାର ନାମରେ ଆଗରୁ ବହୁତ କେଶ ଥିବା ବେଳେ ସେ ସସପେଣ୍ଡ ହୋଇ ପୁନଃ ଚାକିରୀ କରୁଥିଲା। ପୁଲିସ ଅଭିଯୁକ୍ତ ମାନଙ୍କ ଠାରୁ ଜାଲ ପରିଚୟ ପତ୍ର,ଏକ ଟର୍ଚ୍ଚ ଓ ନଗଦ ତିନି ହଜାର ଟଙ୍କା ସହିତ ବୋଲେରୋକୁ ଜବତ କରିଛି। ସମସ୍ତ ଅଭିଯୁକ୍ତ ମାନଙ୍କୁ ଅଦାଲତ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ବିଶ୍ୱରଂଜନ ଦାସ ଜଣାଇଛନ୍ତି।

# ଘରକୁ କରନ୍ତୁ ବେବି ପ୍ରୁଫ୍



ଆପଣ ଜାଣନ୍ତି କି ଆପଣଙ୍କ ଘରକୁ ବେବି -ପ୍ରୁଫ କରିବା ନିହାତି ଆବଶ୍ୟକ । ଯଦି ଆପଣ ଘରେ ନିର୍ଦ୍ଦିଷ୍ଟ ଭାବେ ଜଣେ ବେବି ନାନି ରଖିଛନ୍ତି ତେବେ ବ୍ୟସ୍ତ ହେବାଦରକାର ନାହିଁ । କିନ୍ତୁ ଜଣେ ନୂଆ ମା' ଭାବେ ଆପଣଙ୍କୁ ଯଦି ଏକାଏକା ଶିଶୁସହ ଘରକାମ କରିବାକୁ ପଡୁଥାଏ ତେବେ ଆପଣଙ୍କ ଘରକୁ ବେବି-ପ୍ରୁଫ କରିବା ଦରକାର । ଘରକୁ ବେବି ପ୍ରୁଫ ବା ଶିଶୁଙ୍କ ଉପଯୋଗୀ କରାଇଲେ ଆପଣଙ୍କ ଶିଶୁସଠିକ୍ ଯତ୍ନ ଏବଂ ସୁରକ୍ଷାରେ ରହିପାରିବ । ତେବେ ଘରକୁ କେମିତି ବେବି ପ୍ରୁଫ କରିବେ ସେ ବିଷୟରେ ଜାଣିରଖନ୍ତୁ କିଛି ଟିପ୍ସ ।

- ପ୍ରତି କ୍ୟାବିନେଟରେ ସୁରକ୍ଷା ଲାଗି ଲଗାନ୍ତୁ । ଶିଶୁକୁ ଘର ଭିତରେ ସୁରକ୍ଷିତ ରଖିବା ପାଇଁ ନିଶ୍ଚିତ ହୁଅନ୍ତୁ ଯେ, ଆପଣ କିଚେନ, ବାଥରୁମ ଏବଂ ଲିଭିଙ୍ଗ ରୁମରେ କ୍ୟାବିନେଟ୍ ଗୁଡ଼ିକର ଭଲରେ ବନ୍ଦ ରଖିଛନ୍ତି । ଏହି ଉପାୟରେ ଆପଣଙ୍କ ଶିଶୁ କୌଣସି ଧାରୁଆ ଜିନିଷ କିମ୍ବା ଘର ସଫା କରିବା ସାମଗ୍ରୀ ଠାରୁ ଦୂରେଇ ରହିପାରିବ । ଯଦି କାଠର କ୍ୟାବିନେଟ ତେବେ କାଠ କିଳିଣି ଲଗାନ୍ତୁ ଏବଂ ଯଦି ମେଟାଲ ଡୋର ତେବେ ମେଟାଲ କିଳିଣି ଲଗାନ୍ତୁ ।

- ପାହାଚ ଉପରେ ଏବଂ ତଳେ ସେଫ୍ଟି ଗେଟ ଲଗାନ୍ତୁ । ଏହାଦ୍ୱାରା ଶିଶୁ ପାହାଚ ଉପରକୁ ଏବଂ ତଳକୁ ଖସିପାରିବନି ।

- ପ୍ଲାଷ୍ଟିକ ମ୍ୟାଟେରିଆଲର ପୋର୍ଟେବଲ ଗେଟ ଫିକ୍ସ କରନ୍ତୁ ଯାହାଦ୍ୱାରା ଆପଣଙ୍କ ଶିଶୁ ଗେଟରେ ପିଟିହେଲେ ମଧ ତା' ଶରୀରର ଆଘାତ ହେବନି ।

- ପ୍ରତ୍ୟେକ ଘରର ଝରକାରେ କିଳିଣି ରହିବା ଆବଶ୍ୟକ । ଖାସକରି ଯଦି ଆପଣ ଟପ୍ ଫ୍ଲୋରରେ ରହୁଥିବେ ।

- ସବୁ ଇଲେକ୍ଟ୍ରିକ ପ୍ଲଗ ପଏଣ୍ଟଗୁଡ଼ିକୁ କଭର କରନ୍ତୁ । ଆପଣ ମଧ ନିଶ୍ଚିତ ହେବା ଉଚିତ ଯେ ସବୁ ପ୍ଲଗ ଟାଇଟ ହୋଇ ଫିକ୍ସ ହୋଇଛି ।

- ଆଲକୋହଲ କ୍ୟାବିନେଟରେ ତାଲା ପକାନ୍ତୁ । କିନ୍ତୁ ଚାବିଟିକୁ ଆପଣଙ୍କ ଶିଶୁଠାରୁ ଦୂରେଇ ରଖନ୍ତୁ ।

# ପ୍ରେମରେ ଅସୁରକ୍ଷିତ ମନୋଭାବ !



ଯଦି ସମ୍ପର୍କରେ ଜଣେ ନିଜ ପସନ୍ଦକୁ ବେଶୀ ଗୁରୁତ୍ୱ ଦେବେ ତାହାଲେ କୌଣସି ସମ୍ପର୍କ ବି ତିଷ୍ଠି ରହିବା ଏତେ ସହଜ କଥା ନୁହେଁ । ସମ୍ପର୍କରେ ଯଦି ଜଣେ ନିଜକୁ ଅସୁରକ୍ଷିତ ମନେ କରନ୍ତି, ତେବେ ସେ ପାର୍ଟନରଙ୍କ ଚିନ୍ତାଧାରାକୁ ନେଇ ଭୟରେ ରହିବେ ଏବଂ ଏଥିସହ ସମ୍ପର୍କ ବେଶୀଦିନ ତିଷ୍ଠି ରହିବ କି ନା ସେଥିନେଇ ମଧ ଦ୍ୱନ୍ଦ୍ୱରେ ରହନ୍ତି । ସନ୍ଦେହ ଏବଂ ଅବିଶ୍ୱାସ ମିସ୍‌କମ୍ୟୁନିକେସନର କାରଣ ହୁଏ ଏବଂ ଜଣଙ୍କର ଚିନ୍ତାଧାରା ଏକ୍ସପ୍ରେସ କରିବା ମଧ ବଦଳିଯାଏ । ଅବିଶ୍ୱାସ ହେଉଛି ଦ୍ୱିତୀୟ ପଦକ୍ଷେପ ଯେଉଁଠି ସନ୍ଦେହରେ ଥିବା ବ୍ୟକ୍ତିଜଣକ ନିଜେ ପଚାରିଥିବା ପ୍ରଶ୍ନର ଉତ୍ତର ପାଇ ମଧ ଏହାକୁ ସତ ମନେକରିନଥାନ୍ତି । ବାରମ୍ବାର ଏମିତି ପରିସ୍ଥିତି ସୃଷ୍ଟି ହେଲେ କାରଣ ହେବ । ସାଥୀ ପ୍ରଥମେ ପ୍ରଥମେ ଏହାକୁ ନିୟନ୍ତ୍ରଣରେ ରଖିପାରନ୍ତି କିନ୍ତୁଯଦି ଏହା ନିୟନ୍ତ୍ରଣ ବହିର୍ଭୂତ ହୋଇଯାଏ ତେବେ ସେ ସମ୍ପର୍କରୁ ବାହାରିଯିବାକୁ ପସନ୍ଦ କରିବେ । ଏ କ୍ଷେତ୍ରରେ ସାଇକିଆଟ୍ରିଷ୍ଟ୍ ଡକ୍ଟର ହରିଶ ସେଟ୍ଟି କହନ୍ତି, ଯଦି ଅସୁରକ୍ଷିତ ମନୋଭାବ ରାଗରେ ପରିଣତ ହୁଏ ତେବେ ସେ କ୍ଷେତ୍ରରେ ସମ୍ପର୍କ ବ୍ୟାପକ ଭାବେ ପ୍ରଭାବିତ ହୁଏ । ତେଣୁ ଏ କ୍ଷେତ୍ରରେ ପରସ୍ପର ପରସ୍ପରଠାରୁ ଦୂରେଇ ନରହି ଘଟଣା କ'ଣ ସେ ବାବଦରେ ସ୍ପଷ୍ଟ ହୋଇଯିବା ଦରକାର । ଦିନର ଟାଇମ ଟେବୁଲକୁ ସଠିକ୍ ଭାବେ ସେୟାର କରିଲେ ଅନ୍ୟ ବ୍ୟକ୍ତି ଜଣକ ନିଜକୁ ସୁରକ୍ଷିତ ମନେ କରିବେ । ଜଣେ ବୁଝିନେବା ଉଚିତ ଯେ, ଅବିଶ୍ୱାସ ସମ୍ପର୍କକୁ ଅଯଥାରେ ଛିନ୍ନ କରିଦେବ । ଏହି କ୍ଷେତ୍ରରେ ଅଧିକ ଫିଜିକାଲ ଏବଂ ଇମୋସନାଲ କଣ୍ଟାକ୍ଟ ହୃଦୟକୁ ଶାନ୍ତ କରିବାରେ ସହଯୋଗ କରିବ । ବେଳେବେଳେ ସାଥୀଙ୍କର କୌଣସି ଜଣେ ବନ୍ଧୁଙ୍କୁ ନେଇ ଅସୁରକ୍ଷିତ ମନୋଭାବ ବଢ଼ିଥାଏ । ଏ କ୍ଷେତ୍ରରେ ସଠିକ୍ ବୁଝାମଣା ଦରକାର । ବେଳେବେଳେ ଜଣେ ଯେତେବେଳେ ଜଣଙ୍କ ଠାରୁ କମ୍ ସୁନ୍ଦର ହୋଇଥିବ ସେ କ୍ଷେତ୍ରରେ ଅସୁରକ୍ଷିତ ମନୋଭାବ ବଢ଼ିଥାଏ । ଏ କ୍ଷେତ୍ରରେ ଦୁଇଟି ଇମୋସନ୍ ଭିତରେ ଥିବା ତଫାତକୁ ଜଣେ ଭଲଭାବେ ବୁଝିବା ଦରକାର । ଷ୍ଟ୍ରେସ କାଉନସେଲର ଡକ୍ଟର ଯତ୍ରି ଠାକୁର କହନ୍ତି କେବଳ ଗୋଟିଏ ସ୍ନେହ ଭରା ମେସେଜ ପଠାନ୍ତୁ- ଆଇ ଆମ ଥିଙ୍କିଙ୍ଗ ଏବାଉଟ୍ ୟୁ । କିନ୍ତୁ ବାରମ୍ବାର ମେସେଜ୍ ପଠାନ୍ତୁନି । ବାରମ୍ବାର କଲ୍ କିମ୍ବା ମେସେଜ କରିବା ଆଦୌ ଠିକ୍ ନୁହେଁ । ତାଙ୍କଠାରୁ କିଛି ସମୟ ଦୂରତା ରଖନ୍ତୁ । ସବୁବେଳେ ସାଥୀଙ୍କୁ ବିରକ୍ତ କରିବାକୁ ଚେଷ୍ଟା କରନ୍ତୁନି । ରାଗ ଆପଣଙ୍କ ଭଲପାଇବାକୁ ନଷ୍ଟ କରିଦେବ । ତେଣୁ ରାଗକୁ ନିୟନ୍ତ୍ରଣରେ ରଖନ୍ତୁ । ଏମିତି କିଛି କାର୍ଯ୍ୟର ପ୍ଲାନ କରନ୍ତୁ ଯାହା ଆପଣ ଉଭୟ ଭଲପାଉଥିବେ । ଯୋଗାଯୋଗର ମାଧ୍ୟମକୁ ସୁଦୃଢ଼ କରିଦିଅନ୍ତୁ । ଫିଲିଙ୍ଗସକୁ ନେଇ ଅନେଷ୍ଟି ରୁହନ୍ତୁ । ଯଦି ଆପଣଙ୍କ ସାଥୀ କଷ୍ଟ ଦେଉଛନ୍ତି ତେବେ ତାଙ୍କୁ ଜଣାଇ ଦିଅନ୍ତୁ ଯେ, ସେ ଆପଣଙ୍କୁ କେତେ କଷ୍ଟ ଦେଉଛନ୍ତି । ଯେତେବେଳେ ସମସ୍ୟାର ସମାଧାନ ହୋଇଯାଉଛି ଆପଣ ସାଥୀଙ୍କ ଭୁଲକୁ ଭୁଲିଯାଆନ୍ତୁ ଏବଂ ତାଙ୍କୁ କ୍ଷମା କରିଦିଅନ୍ତୁ ।

# ନବଜାତକଙ୍କୁ ଭେଟୁଥିଲେ...

ନବଜାତ ଶିଶୁଙ୍କୁ ପ୍ରଥମକରି ଦେଖିବାପାଇଁ ମନରେ ଦୃଢ଼ ଆଗ୍ରହଥାଏ ତାହା କୌଣସି ବେଷ୍ଟ ଫ୍ରେଣ୍ଡଙ୍କର କିମ୍ବା ସମ୍ପର୍କୀୟଙ୍କର ନବାଜତ ଶିଶୁ ହେଉ । ତେଣୁ ଯଦି ନବଜାତଙ୍କୁ ଦେଖିବାଲାଗି କାହା ଘରକୁ ଯିବାର ଅଛି ତେବେ ଆପଣଙ୍କୁ କେତେଗୋଟି କଥା ମନେରଖିବାକୁ ହେବ ଏବଂ ସେଗୁଡ଼ିକ ହେଉଛି...

- ଆପଣ ଯାହାଙ୍କ ଘରକୁ ଯାଉଚନ୍ତି ସେ ବାବଦରେ ତାଙ୍କୁପୂର୍ବରୁ ଜଣାଇ ଦିଅନ୍ତୁ । କାରଣ, ସେ ସମୟରେ ସେମାନେ ସଠିକ୍ ସମୟରେ ନିୟନ୍ତ୍ରଣ କରିପାରନ୍ତିନି । ଆପଣ ଯିବା ସମୟରେ ସେମାନେ ହୁଏତ ଚିକିତ୍ସକଙ୍କ ନିକଟକୁ ଯାଇଥାଇପାରନ୍ତି କିମ୍ବା ଅନ୍ୟ କୌଣସି କାରଣ ପାଇଁ ବ୍ୟସ୍ତ ଥାଇପାରନ୍ତି । ତେଣୁ ଯିବା ପୂର୍ବରୁ ତାଙ୍କୁ କଲ୍ କରି ଜଣାଇଦିଅନ୍ତୁ ।

- ପହଞ୍ଚିବା ପରେ ସଙ୍ଗେ ସଙ୍ଗେ ଗୋଡ଼ହାତ ଧୋଇ ହୋଇ ଯାଆନ୍ତୁ ଏବଂ କୌଣସି ଏକ ଭଲ ଡିସ୍‌ଇନଫେକଟାଣ୍ଟ ବ୍ୟବହାର କରନ୍ତୁ । ଏହି ଉପାୟରେ ଆପଣ ନବଜାତ ଶିଶୁକୁ ଧରିଲେ ଶିଶୁର ବାପା ମା ଆଦୌ ବ୍ୟସ୍ତ ହେବେନି । ଯଦି ଆପଣ ଅସୁସ୍ଥ ତେବେ ଆଦୌ ସେଠାକୁ ଯାଆନ୍ତୁନି ।



- କଥା ହେବା ସମୟରେ ଏକଦମ ଧୀର ସ୍ୱରରେ କଥା ହୁଅନ୍ତୁ । ଶୋଇଯାଇଥିବା ଶିଶୁକୁ ଆଦୌ ଡିଷ୍ଟର୍ବ କରନ୍ତୁନି କି କ୍ଲାନ୍ତ ଥିବା ଶିଶୁର ମାକୁ ଆଦୌ ବିରକ୍ତ କରନ୍ତୁନି ।

- ନବଜାତଙ୍କୁ ପ୍ରଥମଥର ପାଇଁ ଭେଟିବାକୁ ଯାଉଥିଲେ ଖାଲି ହାତରେ ଯିବା ଆଦୌ ଠିକ୍ ନୁହେଁ । ତେବେ ଫୁଲତୋଡ଼ା ଦେଇ ଆଦୌ ପଇସା ନଷ୍ଟ କରନ୍ତୁନି । ଶିଶୁଙ୍କ ପାଇଁ ୱାଇପ୍ସ, ପାଉଡ଼ର ଏବଂ ଡାଇପର ଗିଫ୍ଟ ଦିଅନ୍ତୁ ।

-ନବଜାତ ଶିଶୁର ମାକୁ କୌଣସି ଉପାୟରେ ବି ହେଉ ସାହାଯ୍ୟ କରିବାକୁ ଚେଷ୍ଟା କରନ୍ତୁ । ତାଙ୍କ ଘରର କିଛି ଛୋଟମୋଟ କାର୍ଯ୍ୟ କରି ତାଙ୍କୁ ସାହାଯ୍ୟ କଲେ ସେ ବେଶୀ ଖୁସି ହେବେ ଏବଂ ଆପଣଙ୍କ ନିକଟରେ କୃତଜ୍ଞ ରହିବେ ।

- କୌଣସି କାରଣକୁ ନେଇ ଆଦୌ ଯୁକ୍ତିତର୍କ କରନ୍ତୁନି ।

-ଫୋନକୁ ସାଇଲେଣ୍ଟ ମୋଡ଼ରେ ରଖନ୍ତୁ ।

-ଷ୍ଟ୍ରଙ୍ଗ ପର୍ଫ୍ୟୁମ ପକାଇବାକୁ ଆଭଏଡ଼ କରନ୍ତୁ । ଯଦି ଶିଶୁର ମା' ଆପଣ ଶିଶୁକୁ ଧରିବାକୁ ନେଇ ନିଜକୁ ଅସହଜ ମନେ କରୁଛନ୍ତି ତେବେ ଆପଣ ଆଦୌ ଶିଶୁକୁ ଧରନ୍ତୁନି ।

- ଆବଶ୍ୟକତା ଠାରୁ ଅଧିକ ସମୟ ଆଦୌ ରୁହନ୍ତୁନି ।



# ପ୍ରକୃତିର ଦାନ ପୋଦିନା



■ ପୋଦିନା ସ୍ୱାଦିଷ୍ଟ ଯେମିତି ଖୁବ୍ ଗୁଣକାରୀ ମଧ । ଏହା ଖାଦ୍ୟକୁ ରୋଚକ କରିବା ସହିତ ହଜମ କରିବାରେ ସହାୟକ । ଏହାର ଆହୁରି ଏକାଧିକ ଉପାକରିତା ବି ରହିଛି ।

■ ଅନେକ ଥର ହେକ୍କୁଟି ଆସିବା ବେଳେ ଯେତେ ପାଣି ପିଇଲେ ମଧ ଡେରି ପର୍ଯ୍ୟନ୍ତ ବନ୍ଦ ହୁଏନାହିଁ । ଭାରି ଆଶ୍ୱସ୍ତି ଲାଗେ । ଏପରି ସ୍ଥିତିରେ କେତୋଟି ପୋଦିନା ପତ୍ର ଚୋବାଇଦେଲେ ହେକ୍କୁଟି ବନ୍ଦ ହୋଇଯାଏ ।

■ ବ୍ରଣ ଏକ ସେଭଳି ବଡ଼ ସମସ୍ୟା ନୁହେଁ । ସାଧାରଣତଃ ଏହା ଋତୁ, ପାଣି ଏବଂ ଖାଦ୍ୟରେ ପରିବ ର୍ନ ଯୋଗୁଁ ହୋଇଥାଏ । ଏଥିପାଇଁ ଥିବା ଏକାଧିକ ଘରୋଇ ଉପଚାର ମଧ୍ୟରୁ ପୋଦିନା ପତ୍ରକୁ ବାଟି ତାର ଲେପ ମୁହଁରେ ଲଗାଇ ୧୫ ମିନିଟ ପରେ ଥଣ୍ଡା ପାଣିରେ ଧୋଇଦେବେ ତ ମୁହଁକୁ ଶୀତଳତା ମିଳିବା ସହ ବ୍ରଣ ସମସ୍ୟା ଦୂର ହୋଇଯିବ ।

■ ଆମେ ବାହାର ଖାଦ୍ୟ ଖାଇଲେ କିମ୍ବା ବଦହଜମି ହେଲେ ବାନ୍ତି ହୋଇଯାଏ । ବାରମ୍ବାର ବାନ୍ତି ହେଲେ ବା ଦେଖାଇଲେ ପୋଦିନା ରସ ଦିନକୁ ୨ରୁ ୩ଥର ପିଇବା ଉପାକର ଦିଏ ।

■ ପେଟ ଯନ୍ତ୍ରଣାର ଏକାଧିକ କାରଣ ରହିଛି । ତେବେ ଘରେ ବି ଏହାର ଚିକିତ୍ସା ହୋଇପାରେ । ଗୋଟିଏ ଚାମଚ ଲେଖାଏଁ ପୋଦିନା ଏବଂ ଲେମ୍ବୁରସ ନେଇ ସେଥିରେ ଅଧା ଚାମଚ ଅଦାରସ, ସାମାନ୍ୟ କଳା ଲୁଣ ମିଶାନ୍ତୁ । ଏହାକୁ ଦିନରେ ୨ରୁ ୩ଥର ପିଇଲେ ପେଟ ଯନ୍ତ୍ରଣାରୁ ମୁକ୍ତି ମିଳେ ।

■ ଖରାଦିନେ ଯଦି ଲଡୁ ଲାଗିଯାଏ, ତେବେ ପୋଦିନା ରସ ପିଇଲେ ଆରାମ ଲାଗେ ।

■ ମୁଖ ଦୁର୍ଗନ୍ଧ ଦୂର କରିବା ଲାଗି ପୋଦିନା ପତ୍ର ଚୋବାନ୍ତୁ, ନଚେତ ଏହାର ରସରେ ସକାଳ ଓ ସନ୍ଧ୍ୟାରେ କୁଳି କରନ୍ତୁ ।

■ ଋତୁ ପରିବ ର୍ନ କିମ୍ବା ଥଣ୍ଡା ଜିନିଷ ଖାଇବା ଯୋଗୁଁ ସର୍ଦ୍ଦି, କାଶ ଆଦି ହୋଇଥାଏ । ଏହାର ଘରୋଇ ଚିକିତ୍ସା ଲାଗି ପୋଦିନା ପତ୍ର, ଗୋଲମରିଚ ଏବଂ ଲୁଣ ମିଶାଇ ଚୋବାନ୍ତୁ । ଶର୍ଦ୍ଦି ଓ କାଶରୁ ରକ୍ଷା ମିଳିବ ।

# ଅନ୍‌ଲାଇନ ଶପିଂ କରୁଥିଲେ...

*ଅନଲାଇନ ଶପିଂ ଚାହିଦାକୁ ଧ୍ୟାନରେ ରଖି ବର୍ତ୍ତମାନ ଶତାଧିକ ଅନଲାଇନ ସାଇଟ ଉପଲବ୍ଧ । ତେଣୁ ଫ୍ୟାଶନଠୁ ଆରମ୍ଭ କରି ପାଠପଢ଼ା ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟ ଲାଗି ଅଧିକାଂଶ ଯୁବପିଢ଼ି ଏବେ ଅନଲାଇନ ଶପିଂ ପ୍ରତି ଆଗ୍ରହୀ ହେଉଚନ୍ତି । ଯଦି ଆପଣ ବି ଅନଲାଇନ ଶପିଂ ଉପଭୋକ୍ତା ତେବେ ନିମ୍ନରେ ଦିଆଯାଇଥିବା କେତୋଟି କଥା ଉପରେ ନଜର ଦିଅନ୍ତୁ...।*





- ସଚେତନ ଗ୍ରାହକ ଭାବେ ଏହା ଆପଣଙ୍କ ଦାୟିତ୍ୱ ଯେ, ବିଶ୍ୱସନୀୟ ଶପିଂ ସାଇଟର ବ୍ୟବହାର କରନ୍ତୁ । ଏହାଛଡ଼ା ଆପଣ ଚାହିଁଲେ ଉକ୍ତ ଜିନିଷର ଅଫିସିଆଲ ୱେବସାଇଟକୁ ଯାଇ ଶପିଂ କରିପାରିବେ ।

- ଯେଉଁ ଜିନିଷ ଶପିଂ କରୁଛନ୍ତି ସେଥିରେ ଲେଖାଥିବା ସର୍ତ୍ତାବଳୀକୁ ଧ୍ୟାନ ଦେଖନ୍ତୁ । ତାହା ଅସ୍ପଷ୍ଟ ଦେଖାଯାଉଥିଲେ ସତର୍କ ହୋଇଯାନ୍ତୁ । କାରଣ ବିଶ୍ୱସନୀୟ ୱେବସାଇଟଗୁଡ଼ିକରେ ସମସ୍ତ ସର୍ତ୍ତାବଳୀ ସ୍ପଷ୍ଟ ଲେଖାଯାଇଥାଏ ।

- ଜିନିଷ କିଣିବା ସମୟରେ ଉକ୍ତ ଜିପନିଷର ପ୍ରକୃତ ସ୍ପେଲିଂ (ବନାନ) ଠିକ୍ ଅଛି କି ନାହିଁ ଦେଖନ୍ତୁ । କାରଣ କମ୍ପାନୀର ନାମ ଏବଂ ପ୍ରଡ଼କ୍ଟର ନାମରେ ଅଳ୍ପ ପରିବର୍ତ୍ତନ କରି ନକଲି ଜିନିଷ ବିକ୍ରି କରାଯାଉଛି ।

- କୌଣସି ବ୍ରାଣ୍ଡେଡ଼ ଜିନିଷ ଖୁବ କମ ଦାମରେ ବିକ୍ରି ହେଉଥିବା ଦେଖିବା ସଙ୍ଗେ ସଙ୍ଗେ କିଣନ୍ତୁ ନାହିଁ । ପ୍ରଥମେ ଏହା ନକଲି କି ଅସଲି ଭଲ ଭାବେ ପରଖନ୍ତୁ, ପରେ କିଣନ୍ତୁ ।

-ସେହିପରି ପ୍ରଡ଼କ୍ଟର ପ୍ୟାକେଜିଂ ଉପରେ ବି ଧ୍ୟାନ ଦିଅନ୍ତୁ । କାରଣ ବ୍ରାଣ୍ଡେଡ଼ କମ୍ପାନୀ ସବୁବେଳ ପ୍ୟାକେଜିଂ ଭଲ ଭାବେ କରିଥାନ୍ତି । ଯଦି ଆପଣ ମଗେଇଥିବା ଜିନିଷର ପ୍ୟାକେଜିଂ ଠିକ୍ ଲାଗୁନାହିଁ ବୋଲି ଭାବୁଛନ୍ତି ତେବେ ସତର୍କ ହୋଇଯାନ୍ତୁ ।

- ନକଲି ଜିପିଷ ହେରଫେରଠୁ ରକ୍ଷା ପାଇବା ଲାଗି ଶପିଂ କରିବା ସମୟରେ ମ୍ୟାନୁଫ୍ୟାକ୍‌ଚର, ଉକ୍ତ କମ୍ପାନୀର କଣ୍ଟାକ୍ଟ, ପ୍ରଡ଼କ୍ଟ ୟୁନିଟ ଭଳି ଜରୁରୀ ତଥ୍ୟଗୁଡ଼ିକ ଭଲଭାବେ ତଦାରଖ କରନ୍ତୁ । କାରଣ ନକଲି ଜିନିଷର ଏତେ ସବୁ ସୂଚନା ଦିଆଯାଇ ନଥାଏ ।

- ଅନଲାଇନରେ ଯେଉଁ ବ୍ରାଣ୍ଡ ବା କମ୍ପାନୀର ଜିନିଷ କିଣିବାକୁ ଚାହୁଁଛନ୍ତି ତାହାର ଲୋଗୋରେ ଡିଜାଇନ, କଲର ଆଦିକୁ ଭଲ ଭାବେ ଧ୍ୟାନ ରଖିଥାନ୍ତୁ । ଫଳରେ ବ୍ରାଣ୍ଡେଡ଼ ନାଁରେ ନକଲି ଜିନିଷ କିଣି ହଇରାଣ ହେବାଠୁ ରକ୍ଷା ପାଇପାରିବେ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୩୦ ଜାନୁଆରୀ ୨୦୨୪, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମୋହଭଙ୍ଗ

ଭାରତ-କାନାଡ଼ା ସମ୍ପର୍କ ଏବେ ଭଲ ନାହିଁ। ସେଠାକାର ସରକାର ଖାଲିସ୍ତାନୀ ଆତଙ୍କବାଦୀ ତଥା ଭାରତ ବିରୋଧୀ ତତ୍ତ୍ୱଙ୍କୁ ସୁରକ୍ଷା ଦେଉଥିବାରୁ ଏହାର ପ୍ରଭାବ ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିଛି। ସେଠାକାର ଜଷ୍ଟିନ୍ ଟ୍ରୁଡ୍ରୋ ସରକାର ଆଗାମୀ ନିର୍ବାଚନକୁ ନଜରରେ ରଖି ଯେଉଁସବୁ ପଦକ୍ଷେପ ନେଉଛନ୍ତି, ସେଥିମଧ୍ୟରୁ କେତେକ ଭାରତର ସ୍ୱାର୍ଥ ବିରୋଧରେ ଯାଉଛି। କାନାଡ଼ାରେ ମଧ୍ୟ ଭାରତୀୟମାନେ ଅନେକ ସଂଖ୍ୟାରେ ବସବାସ କରୁଛନ୍ତି। କାନାଡ଼ାର ମୋଟ ଜନସଂଖ୍ୟାର ୨.୧୨ ଶତାଂଶ ଶିଖ ଏବଂ ଏମାନଙ୍କ ସଂଖ୍ୟା ପ୍ରାୟ ଆଠ ଲକ୍ଷ। ଅଣ୍ଟାରିଓ, ବ୍ରିଟିଶ କଲମ୍ବିଆ ଓ ଆଲବାଟା ପ୍ରଦେଶରେ ଶିଖଙ୍କ ସଂଖ୍ୟା ତୁଳନାତ୍ମକ ଭାବେ ଅଧିକ। ତେଣୁ ସେଦେଶର ନିର୍ବାଚନ ରାଜନୀତିକୁ ସେମାନେ ପ୍ରଭାବିତ କରିଥା'ନ୍ତି। ଅପରପକ୍ଷରେ କାନାଡ଼ାରେ ସାଢ଼େ ଆଠ ଲକ୍ଷରୁ ଅଧିକ ଭାରତୀୟ ହିନ୍ଦୁ ବସବାସ କରନ୍ତି। ଏହାଛଡ଼ା ଅନେକ ଭାରତୀୟ ମୁସଲମାନ ଓ ଖ୍ରୀଷ୍ଟିଆନ ମଧ୍ୟ ସେ ଦେଶର ସ୍ଥାୟୀ ବାସିନ୍ଦା ପାଲଟିଛନ୍ତି। ମୋଟାମୋଟି ଦେଖିଲେ କାନାଡ଼ାରେ ଭାରତୀୟ ଓ ଭାରତୀୟ ବଂଶୋଦ୍ଭବଙ୍କ ସଂଖ୍ୟା ପ୍ରାୟ ୨୦ ଲକ୍ଷ। କାନାଡ଼ା ଏକ ବିକଶିତ ରାଷ୍ଟ୍ର ଏବଂ ସେ ଦେଶର ବିକାଶରେ ଭାରତୀୟ ସମୁଦାୟଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଭାରତ-କାନାଡ଼ା ସମ୍ପର୍କରେ ଏବେ ତିକ୍ତତା ଓ ଭଟ୍ଟା ପଡ଼ିଥିବା ବେଳେ ସେଠା ସରକାରଙ୍କର ଆଉ ଏକ ନିଷ୍ପତ୍ତି ଆମ ଦେଶ ପାଇଁ ସମସ୍ୟା ସୃଷ୍ଟି କରିଛି। ସେ ଦେଶରେ ସୃଷ୍ଟ ଖାଦ୍ୟ ମୂଲ୍ୟସ୍ଫୀତି ଓ ଆବାସ ଅଭାବ ସମସ୍ୟାର ସମାଧାନ କରିବାକୁ କାନାଡ଼ା ସରକାର ବିଦେଶାଗତ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ କଟକଣା ଲାଗୁ କରିଛନ୍ତି। କାନାଡ଼ା ସରକାର ଏହାକୁ ଏକ ଅସ୍ଥାୟୀ ପଦକ୍ଷେପ ବୋଲି କହୁଥିବା ବେଳେ ଏହା ଆଗାମୀ ଦୁଇବର୍ଷ ପାଇଁ ବଳବତ୍ତର ରହିବ। ଖାଦ୍ୟ ଓ ଆବାସ ଜନିତ ସମସ୍ୟା ନେଇ କାନାଡ଼ା ସରକାର ଏ ଯେଉଁ ଭିସା କଟକଣା ପଦକ୍ଷେପ ନେଇଛନ୍ତି ତାହା ସେ ଦେଶର ନାଗରିକଙ୍କ ସୁବିଧା ଓ ସ୍ୱାର୍ଥ ସୁରକ୍ଷା ଦୃଷ୍ଟିରୁ ଯଥାର୍ଥ ବୋଲି କୁହାଯାଇପାରେ, ତଥାପି କାନାଡ଼ାର ଏହି ନିଷ୍ପତ୍ତି ଫଳରେ ଭାରତୀୟ ବିଦ୍ୟାର୍ଥୀମାନେ ବିଶେଷ ପ୍ରଭାବିତ ହେବେ। ଅଟ୍ଟାୱାସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କ ତଥ୍ୟ ଅନୁସାରେ କାନାଡ଼ାର ବିଭିନ୍ନ ରାଜ୍ୟରେ ପ୍ରାୟ ୨.୩୦ ଲକ୍ଷ ଭାରତୀୟ ଛାତ୍ରଛାତ୍ରୀ ସ୍ନାତକ, ସ୍ନାତକୋତ୍ତର, ପିଏଚ୍‌ଡି ଏବଂ ଅନ୍ୟାନ୍ୟ ପାଠ୍ୟକ୍ରମରେ ନାମ ଲେଖାଇ ପଢୁଛନ୍ତି। କାନାଡ଼ାର ନିଷ୍ପତ୍ତି ଅନୁସାରେ ଗତବର୍ଷ ତୁଳନାରେ ଚଳିତ ବର୍ଷ ବିଦେଶୀ ଛାତ୍ରଛାତ୍ରୀଙ୍କ ଭିସା ସଂଖ୍ୟା ୩୫ ଶତାଂଶ ହ୍ରାସ କରାଯାଇ ୩ ଲକ୍ଷ ୬୦ ହଜାରରେ ସୀମିତ କରାଯିବ। ପ୍ରତିବର୍ଷ ଭାରତରୁ କାନାଡ଼ାକୁ ଲକ୍ଷାଧିକ ବିଦ୍ୟାର୍ଥୀ ପାଠପଢ଼ିବାକୁ ଯାଆନ୍ତି। ଗତବର୍ଷ ୨ ଲକ୍ଷରୁ ଅଧିକ ବିଦ୍ୟାର୍ଥୀ ସେଠାକୁ ଯାଇଥିଲେ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। ଆହୁରି ମଧ୍ୟ ୨୦୧୩ ରୁ ୨୦୨୨ ମଧ୍ୟରେ କାନାଡ଼ାକୁ ଭାରତୀୟ ବିଦ୍ୟାର୍ଥୀଙ୍କ ଗମନ ସଂଖ୍ୟା ୨୬୦ ଶତାଂଶ ବଢ଼ିଛି। କାନାଡ଼ାର ମୋଟ ବିଦେଶୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ପ୍ରାୟ ୪୦ ଶତାଂଶ। ସୁତରାଂ ଏବେ କାନାଡ଼ା ସରକାରଙ୍କ ନୂଆ ନୀତି ଆଶାୟୀ ଭାରତୀୟ ବିଦ୍ୟାର୍ଥୀଙ୍କ ପାଇଁ ନୂଆ ସମସ୍ୟା ସୃଷ୍ଟି କରିବ। ଆହୁରି ମଧ୍ୟ ନୂଆନୀତି ଫଳରେ ସେଠାରେ ବର୍ତ୍ତମାନ ପଢୁଥିବା ଭାରତୀୟ ଛାତ୍ରଛାତ୍ରୀମାନେ ମଧ୍ୟ ବିଭିନ୍ନ ଦିଗରୁ ଅସୁବିଧା ଭୋଗିବେ। ସେମାନଙ୍କୁ ଆବାସିକ ଓ ରାସନ ସୁବିଧା ପାଇଁ ସମ୍ପୃକ୍ତ ରାଜ୍ୟ ସରକାରଙ୍କଠାରୁ ନିର୍ଦ୍ଦିଷ୍ଟ ଅବଧି ନିମନ୍ତେ ଅନୁମତି ଦେବାକୁ ପଡ଼ିବ। ଆଉ ଏକ ଦୃଷ୍ଟିକୋଣରୁ ଦେଖିଲେ କାନାଡ଼ାରେ କ'ଣ ଅଛି କେଜାଣି, ସେଠାରେ ପାଠପଢ଼ିବାକୁ ଭାରତୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଅଦ୍ଭୁତ ଆକର୍ଷଣ ରହିଛି। ପାଠ ଶେଷ ପରେ ସେଠାରେ ନିଯୁକ୍ତି ତତ୍କାଳ ଉପଲବ୍ଧ ହେଉଥିବାରୁ ବୋଧହୁଏ ଭାରତୀୟ ବିଦ୍ୟାର୍ଥୀଙ୍କର ଏହି ଆକର୍ଷଣ ଅଧିକ। ଆମ ଭାରତୀୟ ଉଚ୍ଚ ଶିକ୍ଷା, ବିଶେଷତଃ ବୈଷୟିକ ଶିକ୍ଷା ବ୍ୟବସ୍ଥା ଏ ଯାଏଁ ବିଶ୍ୱସ୍ତରୀୟ ହୋଇପାରିନାହିଁ। ସେଥିପାଇଁ ବିଦେଶୀ ବିଶ୍ୱବିଦ୍ୟାଳୟକୁ ଭାରତରେ କ୍ୟାମ୍ପସ୍ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ଅନୁମତି ଦେଉଛନ୍ତି। ତେବେ କାନାଡ଼ାରେ ସମ୍ପ୍ରତି ବେକାରୀ ବଢ଼ିବା ସହିତ ଖାଦ୍ୟ ଓ ଆବାସିକ ସମସ୍ୟା ଉତ୍କଟ ହୋଇଛି। ଏଭଳି ପରିସ୍ଥିତିରେ ଅଧିକ ଖର୍ଚ୍ଚାନ୍ତ ହୋଇ ସେଠାକୁ ଯିବା ଭାରତୀୟ ବିଦ୍ୟାର୍ଥୀଙ୍କ ପକ୍ଷେ ଉଚିତ ନୁହେଁ। ଅଧିକ ଖର୍ଚ୍ଚ କରି ପାଠ ପଢ଼ି ସାରିବା ପରେ ନିଯୁକ୍ତିର ଗ୍ୟାରେଣ୍ଟି ଏବେ ନାହିଁ। କାନାଡ଼ାର ବୈଦେଶିକ ମନ୍ତ୍ରୀ ସ୍ପଷ୍ଟ ଭାବେ ତାଙ୍କ ଦେଶର ବେକାରୀ, ଖାଦ୍ୟ ଓ ଆବାସିକ ସମସ୍ୟା କଥା ସୂଚାଇ ଦେଇଛନ୍ତି। ତେଣୁ ଏଥିରେ ବ୍ୟସ୍ତବିବ୍ରତ ନ ହୋଇ ବରଂ ଏହାକୁ ଏକ ପରୋକ୍ଷ ଆଶୀର୍ବାଦ ଭାବେ ଭାରତୀୟ ବିଦ୍ୟାର୍ଥୀ ଗ୍ରହଣ କରିବା ଉଚିତ। ଗୋଟିଏ ଦ୍ୱାର ବନ୍ଦ ହୋଇଗଲେ ସୁଯୋଗର ଅନ୍ୟ ଦ୍ୱାର ଖୋଲିଥାଏ। ଆମ ଭାରତୀୟ ଛାତ୍ରଛାତ୍ରୀମାନେ ମଧ୍ୟ ବହୁସଂଖ୍ୟାରେ ଆମେରିକା, ବ୍ରିଟେନ୍, ଅଷ୍ଟ୍ରେଲିଆ ଆଦି ଦେଶକୁ ଉଚ୍ଚ ତଥା ବୈଷୟିକ ଶିକ୍ଷା ପାଇଁ ଯାଇଥା'ନ୍ତି। ସେମାନଙ୍କ ସଂଖ୍ୟା ବାର୍ଷିକ ପ୍ରାୟ ୨ ଲକ୍ଷ। ସେଥିରୁ ଅଷ୍ଟ୍ରେଲିଆକୁ ପ୍ରାୟ ୯୦ ହଜାର ଓ ବ୍ରିଟେନ୍‌କୁ ୫୦ ହଜାରରୁ ଅଧିକ ବିଦ୍ୟାର୍ଥୀ ପ୍ରତିବର୍ଷ ଯାଆନ୍ତି। ଏ ସବୁ ଦେଶ ଉନ୍ନତ ଏବଂ ସେଠାକାର ଶିକ୍ଷା ବ୍ୟବସ୍ଥା ମଧ୍ୟ ବିଶ୍ୱସ୍ତରୀୟ। ତେଣୁ ବିଦେଶରେ ପଢ଼ିବାକୁ ଆଗ୍ରହୀ ଭାରତୀୟ ବିଦ୍ୟାର୍ଥୀମାନେ ଦୁଇବର୍ଷ ପାଇଁ କାନାଡ଼ା ମୋହ ପରିତ୍ୟାଗ କରି ଅନ୍ୟ ଦେଶକୁ ଗଲେ ବିଶେଷ କିଛି ଅସୁବିଧା ବୋଧହୁଏ ହେବ ନାହିଁ। ତେଣୁ ଏଭଳି ପରିସ୍ଥିତିରେ ନୂଆ ଲକ୍ଷ୍ୟସ୍ଥଳ ନିର୍ଦ୍ଧାରଣ କରିବା ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ଉପଯୁକ୍ତ ହେବ। ବିଶେଷକରି ସେ ଦେଶର ଆଭ୍ୟନ୍ତରୀଣ ନିଷ୍ପତ୍ତିରେ ହସ୍ତକ୍ଷେପ କରିବା ବା ଏ ପ୍ରସଙ୍ଗରେ କୂଟନୈତିକ ଚାପ ପ୍ରୟୋଗ କରିବାର ଅବକାଶ ପ୍ରାୟ ନାହିଁ। ତେଣୁ ଆମ ପିଲାଙ୍କୁ ଅବସ୍ଥା ଦେଖି ବ୍ୟବସ୍ଥା କରିବାକୁ ପଡ଼ିବ।

# ପ୍ରଦୂଷିତ ବାୟୁ କମାଉଛି ଆୟୁ

**ବିଷ୍ଣୁ ପ୍ରସାଦ ଦାସ**



ସମ୍ପ୍ରତି ବାୟୁ ପ୍ରଦୂଷଣ ଦ୍ୱାରା ଆମେ ସମସ୍ତେ ଏକ ପ୍ରକାର ବିଷ ସେବନ କରିବାକୁ ବାଦ୍ଧ ହେଉଛୁ ଏହାର ବିକଳ୍ପ ଯଦିଓ ଅଛି କିନ୍ତୁ ଆମେ ଜାଣି ଶୁଣି ସେହି ବିକଳ୍ପ କୁ ଏଡାଇ ନିଜର ତଥା ନିଜ ପରିବାରର, ଦେଶ ବାସୀଙ୍କର ପରୋକ୍ଷ ବା ପ୍ରତକ୍ଷ ରେ ଦୁଃଖର କାରଣ ହୋଇ ଯାଉଛୁ । ସର୍ବ ସାଧାରଣ ଏବଂ ସରକାର ଯଦି ଏହି ବିଷୟକୁ ଗମ୍ଭୀରତାର ସହିତ ଉପଲବ୍ଧି କରିବେ ହୁଏତ ଏଥିରୁ କିଞ୍ଚିତ ମୁକ୍ତି ମିଳି ପାରିବ ଅନ୍ୟଥା ଶ୍ୱାସ, ଆସ୍ଥମା, ଫୁସ୍ ଫୁସ୍ ଜନିତ ରୋଗ ଠାରୁ ଆରମ୍ଭ କରି କ୍ୟାନ୍ସର ପରି ରୋଗରେ ପୀଡିତ ହୋଇ କଷ୍ଟ ପାଇବା ସହିତ ଜୀବନ ମଧ୍ୟ ଦେବାକୁ ହେବ । ଦେଶର ପ୍ରଗତି ସହିତ ତାଳଦେଇ ପ୍ରଦୂଷଣ ମଧ୍ୟ ତାର କାୟା ବିସ୍ତାର କରି ଚାଲିଛି ଯାହାକି ଆମପାଇଁ ଭସ୍ମାସୁର ପରି କାର୍ଯ୍ୟ କରିପାରେ । ଛୋଟ ଛୋଟ କଥା ଗୁଡିକ ଉପରେ ଦୃଷ୍ଟି ଦେଇ ଆଗାମୀ କାଲି ପାଇଁ ସଚେତନ ହେବାକୁ ହେବ, ଆସନ୍ତୁ ଏହି ବିଷୟ ଉପରେ କିଛି ଆଲୋକପାତ କରିବା ।

ପ୍ରଦୂଷିତ ବାୟୁ ସେବନ ଦ୍ୱାରା ଆମ ଭାରତୀୟ ମାନଙ୍କ ଆୟୁ ମୋଟାମୋଟି ଭାବେ ପ୍ରାୟ ୧୦ ବର୍ଷ କମି ଯାଉଛି , ବିଶେଷ କରି ବଡ଼ ବଡ଼ ସହରରେ ବସ ବାସ କରୁଥିବା ନାଗରିକ ମାନେ ଏହାର ଶିକାର ହେଉଛନ୍ତି । ବାୟୁ ପ୍ରଦୂଷଣର ପ୍ରମୁଖ କାରଣ ଗୁଡିକୁ ଯଦି ତୃଣମୂଳ ସ୍ତରରୁ ତର୍ଜମା କରିବା ତେବେ ଆମେ ପାଞ୍ଚୋଟି ବିଷୟ ଉପରେ ଗୁରୁତ୍ୱ ଦେବା ସେଗୁଡିକ ହେଲା - ୧. ଟ୍ରାଫିକ ବ୍ୟବସ୍ଥା ଯାହାକି ଅସମ୍ଭାଳ ହୋଇ ପଡିଛି, ଏଠାରେ ଭାରତର ଗୋଟିଏ ରାଜ୍ୟର ଉଦାହରଣ ଦେବାକୁ ଉଚିତ ମଣୁଛି ଗୁଜୁରାଟ ପ୍ରଦେଶକୁ ଯଦି ଦେଖିବା ୨୦୦୧ ମସିହାରୁ ୨୦୧୯ ପର୍ଯ୍ୟନ୍ତ ଜନସଂଖ୍ୟା ପ୍ରାୟ ୩୭ ପ୍ରତିଶତ ବଢି ଥିବା ସମୟରେ ନିଜସ୍ୱ ବାହାନ ବା ଗାଡି ସଂଖ୍ୟା ପ୍ରାୟ ୩୫୨ ପ୍ରତିଶତ ବଢିଛି ଏହା ମୋର ନିଜସ୍ୱ ବକ୍ତବ୍ୟ ନୁହେଁ ଏହା ସି: ଏ; ଜି ଙ୍କ ରିପୋର୍ଟ ଆଧାରରେ ଲେଖୁଛି । କେବଳ ଗାଡି ମଟର ବଢିଯିବା ଦ୍ୱାରା ବାୟୁ ପ୍ରଦୂଷଣ ହେଉଛି କହିବା ସମ୍ପୂର୍ଣ୍ଣ ଠିକ ନୁହେଁ ଏହାର ଆହୁରି ଅନେକ କାରଣ ଅଛି , ତେବେ ଏତେ ସଂଖ୍ୟାରେ ଗାଡି ବଢିବାର କାରଣ କଣ ? ସର୍ବ ସାଧାରଣ ମାନଙ୍କ ପାଇଁ ଯଥେଷ୍ଟ ପରିମାଣରେ ସରକାରୀ/ବେସରକାରୀ ବସ ର ଅଭାବ , ର୍‌ାପିଡ୍ ଟ୍ରାନ୍ସପୋର୍ଟ ସିଷ୍ଟମ ଉପଲବ୍ଧ ହେଉ ନାହିଁ , ମେଟ୍ରୋ ରେଳ ର ଘୋର ଅଭାବ ଲୋକଙ୍କୁ ନିଜସ୍ୱ ଗାଡି କିଣିବାକୁ ତଥା ଶୀଘ୍ର ନିଜ ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇବାର ଏକ ନିର୍ଭର ଯୋଗ୍ୟ ବିକଳ୍ପ ରୂପେ ପରିଗଣିତ ହୋଇଛି । ଏହା କେବଳ ଗୁଜୁରାଟ ପ୍ରଦେଶରେ ସମସ୍ୟା ନୁହେଁ ବରଂ ସାରା ଭାରତ ବର୍ଷରେ ଏହି ସମସ୍ୟା ଦେଖା ଦେଇଛି । ଟ୍ରାଫିକ ବଢିବା ଦ୍ୱାରା ପ୍ରଦୂଷଣ ନିଶ୍ଚିତ ବଢୁଛି , ଆମ ସଡକ ଆଗାମୀ ୫୦ ବର୍ଷକୁ ଆଖି ଆଗରେ ରଖି ତିଆରି ହୋଇ ନାହିଁ ଫଳରେ ରାସ୍ତା ଗୁଡିକ ଅତ୍ୟଧିକ ଗାଡି ଯାତାୟାତ କୁ ସୁଚାରୁ ରୂପେ ନିୟନ୍ତ୍ରଣ କରି ପାରୁ ନାହିଁ ୧୦ ମିନିଟ ଦୂରତ୍ୱର ସଡକ କୁ ଅତିକ୍ରମ କରିବାକୁ ଏକ ଘଣ୍ଟାରୁ ବେଶୀ ସମୟ ଯଦି ଲାଗିଯିବ ତେବେ ନିଶ୍ଚିତ ଅଧିକ ତୈଳ ଖର୍ଚ୍ଚ ବଢିବ ଯାହାକି ଦେଶ ପାଇଁ ଏକ ବିପଦ କାରଣ ଆମେ ତୈଳ ବିଦେଶରୁ ଡଲାର ବିନିମୟରେ ଆମଦାନୀ କରୁଛୁ ତାହା ଛଡା ଅଧିକ କାର୍ବନ ଡ଼ାଇ ଆକ୍ସାଇଡ୍ ଗାଡି ଗୁଡ଼ିକରୁ ନିର୍ଗତ ହେବ ଯାହାକି ଆମପାଇଁ ବିଷ ତୁଲ୍ୟ ବିବେଚିତ ହେଉଛି ।

୨. ନିର୍ମାଣ ଜନିତ ପ୍ରଦୂଷଣ ଏକ ମହାମାରୀ ସଦୃଶ ବଢି ଚାଲିଛି ନୂତନ ସହର, କୋଠାବାଡି, କଂକ୍ରିଟ ରାସ୍ତା ଠାରୁ ଆରମ୍ଭ କରି ଖଣି ଖାଦାନ ଦ୍ୱାରା ମଧ୍ୟ ଅନେକ ପ୍ରଦୂଷଣ ହେଉଥିବାର ନଜିର ଅଛି ଚାଲନ୍ତୁ ଆଉ ଏକ ରାଜ୍ୟ ମହାରାଷ୍ଟ୍ର କଥା ଦେଖିବା ମୁମ୍ବାଇ ସହରର ନିର୍ମାଣ କାର୍ଯ୍ୟ ଦ୍ୱାରା ପ୍ରାୟ ୭୧ ପ୍ରତିଶତ ପ୍ରଦୂଷଣ ମହା ନଗରୀକୁ ଆଚ୍ଛାଦିତ କରି ରଖିଛି ଏହା ଏମ:ପି:ସି:ବି ର ରିପୋର୍ଟ ଆଧାରରେ କୁହାଯାଇଛି । ସେହିପରି ବେଙ୍ଗାଲୁରୁ ରେ ୨୩ ପ୍ରତିଶତ, ଚେନ୍ନାଇ ରେ ୨୩ ପ୍ରତିଶତ , ରାଜଧାନୀ ଦିଲ୍ଲୀ ରେ ୩୮ ପ୍ରତିଶତ ଏହା ଛଡା ଅନ୍ୟ ଛୋଟ ବଡ଼ ସହରରେ ମଧ୍ୟ ଏହି ସମସ୍ୟା ଦେଖିବାକୁ ମିଳୁଛି ।

୩. ଶିଳ୍ପ ଜନିତ ପ୍ରଦୂଷଣ - କର୍ମଚାରୀ ମାନେ ଏବେ ଆଉ ଶିଳ୍ପ ଅନୁଷ୍ଠାନ ମାନଙ୍କରେ କାର୍ଯ୍ୟ କରିବାକୁ ଉତ୍ସାହିତ ହେଉ ନାହାନ୍ତି କାରଣ ପର୍ଯ୍ୟାପ୍ତ ପରିମାଣରେ ପ୍ରଦୂଷଣ କାରଖାନା ମାନଙ୍କରେ ହେଉଛି ଉଚିତ ବୈଜ୍ଞାନିକ ପ୍ରଣାଳୀରେ ପ୍ରଦୂଷଣକୁ ରୋକିବାର ପ୍ରଥା ଏଠାରେ ଉପଲବ୍ଧ ହେଉନାହିଁ କିମ୍ବା ଶ୍ରମିକ ମାନଙ୍କ ସ୍ୱାସ୍ଥ୍ୟ ପ୍ରତି କାହାରି ନଜର ରହୁନାହିଁ । ଶିଳ୍ପାନୁଷ୍ଠାନ ରୁ ନିର୍ଗତ ହେଉଥିବା ଧୂଆଁ, ରାସାୟନିକ ପଦାର୍ଥ ବାୟୁ ସହିତ ନଦୀ ଜଳ, ଶସ୍ୟ କ୍ଷେତ୍ରକୁ ମଧ୍ୟ ବିଷ ବଳୟ ମଧ୍ୟରେ ପ୍ରଦୂଷିତ କରିଦେଉଛି।

୪. ବର୍ଜ୍ୟବସ୍ତୁ ପରିଚାଳନା ଗତ ତ୍ରୁଟି - ପ୍ରତିଦିନ ଘରୁ ତଥା ବାହାରୁ ସଂଗୃହିତ ବର୍ଜ୍ୟବସ୍ତୁ ଗୁଡିକ ମନଇଛା ମ୍ୟୁନିସିପାଲଟି ନେଇ ଡମ୍ପିଂ ୟାର୍ଡ଼ ରେ ଫୋପାଡ଼ି ଦିଅନ୍ତି ଏବଂ ଏହା ଧିରେ ଧୀରେ ପାହାଡ଼ ସଦୃଶ ଜମା ହୋଇ ଦୁର୍ଗନ୍ଧ ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରେ, ଅନେକ ସ୍ଥାନରେ ବର୍ଜ୍ୟବସ୍ତୁ ଗୁଡିକରେ ଅଗ୍ନି ସଂଯୋଗ କରାଯାଇ ଥାଏ ଫଳରେ ବାୟୁ ପ୍ରଦୂଷିତ ହୁଏ । ଯଦି ବର୍ଜ୍ୟ ବସ୍ତୁ କୁ ଓଦା ଏବଂ ଶୁଖିଲା ଅଲଗା କରି ରଖାଯାଇ ଓଦା ବର୍ଜ୍ୟବସ୍ତୁ ରୁ ଜୈବିକ ସାର /କମ୍ପୋଷ୍ଟ କରି ଶୁଖିଲା ବର୍ଜ୍ୟ ବସ୍ତୁକୁ ପୁନଃ ବିନିଯୋଗ କରାଯାଇ ପାରନ୍ତା ତେବେ ହୁଏତ ଆମେ ବାୟୁ ପ୍ରଦୂଷଣକୁ କିଛି ମାତ୍ରାରେ ନିୟନ୍ତ୍ରଣ କରିବାରେ ସକ୍ଷମ ହୁଅନ୍ତୁ । ହରିୟାଣା ଏବଂ ପଞ୍ଜାବ ପ୍ରଦେଶର ଚାଷୀ ଭାଇ ମାନେ ଫସଲ କଟାଯାଇ ସରିଲା ପରେ କୃଷି କ୍ଷେତ୍ରରେ ଅଗ୍ନି ସଂଯୋଗ କରି କ୍ଷେତରେ ରହିଥିବା ମୂଳ ଗୁଡିକୁ ପୋଡି ଦିଅନ୍ତି ଫଳରେ ଦିଲ୍ଲୀ ତଥା ପାର୍ଶ୍ୱ ବର୍ତ୍ତୀ ସ୍ଥାନ ମାନଙ୍କରେ ଧୂଆଁର ଆସ୍ତରଣ ଜମିଯାଏ ଏହା ଏକ ବିଷମ ସମସ୍ୟା ସୃଷ୍ଟି କରେ । ବୈଜ୍ଞାନିକ ଉପାୟରେ ଉକ୍ତ ମୂଳ ଗୁଡିକୁ ଯଦି ଅଗ୍ନି ସଂଯୋଗ ପରିବର୍ତ୍ତେ ଟ୍ରାକ୍ଟର ଦ୍ୱାରା ଖୋଳି ମାଟି ସହିତ ମିଶାଇ ଦିଆ ଯାଇ ପାରନ୍ତା ତେବେ ଏହା ମାଟିକୁ ଉର୍ବର କରିବାରେ ସହାୟତା ହୁଅନ୍ତା ଏବଂ ଦିଲ୍ଲୀ ତଥା ପାର୍ଶ୍ୱ ବର୍ତ୍ତୀ ସ୍ଥାନ ଗୁଡିକ ଏହି ସମସ୍ୟାରୁ ମୁକ୍ତି ପାଆନ୍ତା ।

୫. ତାପଜ ବିଦ୍ୟୁତ କେନ୍ଦ୍ର ବା ଥର୍ମାଲ ପାୱାର ପ୍ଲାଣ୍ଟ - ଭାରତରେ ପ୍ରାୟ ୮୬ ପ୍ରତିଶତ ବିଦ୍ୟୁତ ଶକ୍ତି ଅକ୍ଷୟ ଉତ୍ସ ବିନା ଉତ୍ପାଦିତ ହୋଇ ଆସୁଛି , ଏକ ଉଦାହରଣ ଦ୍ୱାରା କହିହେବ ଯେ ୧୩୦ ବିଲିଅନ ୟୁନିଟ ବିଦ୍ୟୁତ ଶକ୍ତି ରୁ ୧୦୮ ୟୁନିଟ ବିଦ୍ୟୁତ ଶକ୍ତି ତାପଜ ବିଦ୍ୟୁତ କେନ୍ଦ୍ରରୁ ଉତ୍ପାଦିତ ହୋଇଛି । ଅତ୍ୟଧିକ କୋଇଲା ଜାଳିବା ଦ୍ୱାରା ପ୍ରଦୂଷଣ ବଢୁଛି ତେଣୁ ଭାରତ ସରକାର ତାପଜ ବିଦ୍ୟୁତ କେନ୍ଦ୍ର ମାନଙ୍କୁ ନିର୍ଦ୍ଦେଶ ଦ୍ୱାରା କହିଛନ୍ତି ଯେ ସେମାନେ ନିଜେ ନିଜର ନିର୍ଗମନ ଉପରେ ନଜର ଦେବେ ନିର୍ଗମନ ଧୂଆଁ ରୁ ସଲଫର ଡ଼ାଇ ଅକ୍ସାଇଡ ଏବଂ ନାଇଟ୍ରୋଜେନ୍ ଅକ୍ସାଇଡ୍ ଜ୍ଞାନିକ ପ୍ରଣାଳୀରେ ନିୟନ୍ତ୍ରଣ କରିବେ ଅନ୍ୟଥା ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ, ତେବେ ଏହା କେତେଦୂର କାର୍ଯ୍ୟକାରୀ ହୋଇଛି କୁହନ୍ତୁ ତ ? ରିପୋର୍ଟ ରୁ ବୁଝା ପଡ଼େ ୭୦ ପ୍ରତିଶତ ତାପଜ ବିଦ୍ୟୁତ କେନ୍ଦ୍ର ଏହାକୁ ରୀତିମତ ଅଣ ଦେଖା କରି ବାୟୁ ପ୍ରଦୂଷଣ ବଢାଉଛନ୍ତି । ତାପଜ ବିଦ୍ୟୁତ କେନ୍ଦ୍ର ବଦଳରେ ଯଦି ଅଧିକ ନଦୀ ଜଳରୁ ଜଳବିଦ୍ୟୁତ ଉତ୍ପାଦନ, ପବନ ଚାଳିତ ଟରବାଇନ୍ ରୁ ବା ଆଣବିକ ଶକ୍ତିରୁ ବିଦ୍ୟୁତ ଉତ୍ପାଦନ ହୋଇ ପାରନ୍ତା ତେବେ ଅନେକାଂଶ ରେ ଆମେ ବାୟୁ ପ୍ରଦୂଷଣକୁ ଏଡାଇ ଯାଇ ପାରନ୍ତୁ ।

ସରକାର ନିୟମ ଉପରେ ନିୟମ କରୁଛନ୍ତି ଏବଂ ନିୟମ ପାଳନକାରୀ ନିୟମକୁ ଭୃକ୍ଷେପ କରି ଜନତାଙ୍କ ମୃତ୍ୟୁ ର କାରଣ ହୋଇଛନ୍ତି, ଏଠାରେ ଦୋଷୀ କିଏ ? ସରକାର ନା ଦାୟିତ୍ୱରେ ଥିବା ଅଧିକାରୀଗଣ ? ଆମ ଉଦାସିନତା ଆମ ସମସ୍ତଙ୍କ ପାଇଁ ଶୀତଳ ମୃତ୍ୟୁ କୁ ଆମନ୍ତ୍ରଣ ଜଣାଉଛି ।ସର୍ବଶେଷରେ ପ୍ରଚୁର ବୃକ୍ଷ ରୋପଣ କରାଯିବା ଉପରେ ସବୁ ସ୍ତରରେ ଗୁରୁତ୍ୱ ଦେବାର ସମୟ ଉପସ୍ଥିତ ଅନ୍ୟଥା ଆମକୁ କେହି ପ୍ରଦୂଷଣ ଜନିତ କଷ୍ଟରୁ ମୁକ୍ତି ଦେଇ ପାରିବେ ନାହିଁ। ଜାଗ ଜନତା ଜାଗ ସମସ୍ତଙ୍କ ସ୍ୱର ଉତ୍ତୋଳନ ତଥା ଆମେ ସମସ୍ତେ ନିଜ ଦାୟିତ୍ୱ ପ୍ରତି ସଚେତନ ହେବା, ସରକାରଙ୍କ ସହିତ ସହଯୋଗର ହାତ ବଢ଼ାଇଲେ ଆମେ ନିଶ୍ଚିତ ଆସନ୍ନ ମୃତ୍ୟୁକୁ ଏଡାଇ ଯାଇ ପରିବା ।


+ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା,
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭


# ରାସଗୋବିନ୍ଦପୁରକୁ ଅଣଦେଖା କାହିଁକି ?



**ସୁବ୍ରତ କର**

ଖୁବ୍ ଭଲ ଖବର ଯେ ଦେଶର ଏଆରପୋର୍ଟ ଅଥରଟି ଆମ ରାଜ୍ୟକୁ ଏଆର କନେକ୍ଟିଭିଟି ପାଇ ବାହାବା ଦେଇଛନ୍ତି । ଆମ ରାଜ୍ୟ ସରକାର ମଧ୍ୟ ବାହାବା ପାଇବା ପାଇଁ କାମ ମଧ୍ୟ କରିଛନ୍ତି । କିଛି ବର୍ଷ ତଳେ ଭୁବନେଶ୍ୱର ଏଆରପୋର୍ଟକୁ ଆନ୍ତର୍ଜାତିକ ଉଡ଼ାନ ସ୍ଥଳ ଭାବରେ ପରିଚିତ କରାଇଛନ୍ତି। କିନ୍ତୁ ଏହା ସିଙ୍ଗାପୁର, ଥାଇଲାଣ୍ଡ ଦେଶରେ ସୀମିତ ନ ରହି ଅନ୍ୟାନ୍ୟ ବଡ଼ ବଡ଼ ଦେଶ ସହିତ ଯୋଡ଼ି ହେବା ନିହାତି ଦରକାର। ଏବେ ଆମ ରାଜ୍ୟରୁ ବିଭିନ୍ନ ଦେଶକୁ ବହୁତ ଯାତ୍ରୀମାନେ ଯିବା ଆସିବା କରୁଛନ୍ତି କିନ୍ତୁ ସବୁ କଲିକତା, ଦିଲ୍ଲୀ ମାଧ୍ୟମରେ ହେଉଛି । ଏବଂ ଆଶା କରିବା ଭୁବନେଶ୍ୱର ଉଡ଼ାନ ସବୁ ରାଜ୍ୟକୁ ବ୍ୟାପିବା ଦରକାର ଏବଂ ଆନ୍ତର୍ଜାତିକ ସ୍ତରରେ ମଧ୍ୟ ବଡ଼ ବଡ଼ ଦେଶକୁ ଉଡ଼ାନ ଭରିବାର ଆବଶ୍ୟକତା ରହିଛି। ଅପେକ୍ଷା କରିବା ଏହି ସୁଯୋଗ କେବେ ଆମ ପାଖରେ ଉପଲବ୍ଧ ହେବ।

ଏବେ ଆସିବା ଆମ ରାଜ୍ୟରେ ମୂଳ ଏଆରପୋର୍ଟ ଭୁବନେଶ୍ୱର କେଉଁ କେଉଁ ଜିଲ୍ଲା ସହିତ ଯୋଗାଯୋଗ ସ୍ଥାପନ କରିଛି ଏବଂ ଭବିଷ୍ୟତରେ କରିବାକୁ ଯାଉଛି। ଭୁବନେଶ୍ୱର ସହିତ ରାଉରକେଲା, ଝାରସୁଗୁଡ଼ା, ଜୟପୁର, ମାଲକାନଗିରି ସିଧାସଳଖ ଯୋଗାଯୋଗ ସ୍ଥାପନ କରି ସାରିଛି । ଏହା ପରେ ପୁରୀ ସହିତ ଯୋଗାଯୋଗ ସ୍ଥାପନ ହେବାକୁ ଯାଉଛି, କାରଣ ଜାଗା ଠିକଣା ସରି ଯାଇଛି । କଟକରେ ତ ବାରବାଟିଆ ଏଆର ଷ୍ଟ୍ରିପ କାର୍ଯ୍ୟକ୍ଷମ । ଏବେ ପ୍ରଶ୍ନ ଉଠୁଛି ଏତେ ସବୁ ହେଲା ପରେ ମୟୂରଭଞ୍ଜ ଜିଲ୍ଲାର ସବୁଠୁ ପୁରୁଣା ଏଆରଷ୍ଟ୍ରିପ୍ ରାସଗୋବିନ୍ଦପୁରକୁ କାହିଁକି ସରକାରୀ ସ୍ତରରେ ଏହାକୁ ଅଣଦେଖା କରାହେଉଛି ? ରାଜ୍ୟର ଏହା ସବୁଠୁ ପୁରୁଣା ଏଆରଷ୍ଟ୍ରିପ ଏବଂ ବ୍ରିଟିଶ ଅମଳର ଏବଂ ମୟୂରଭଞ୍ଜ ରାଜାଙ୍କ ସମୟର ଘଟଣା । ଏହାକୁ ଦ୍ୱିତୀୟ ମହାଯୁଦ୍ଧ ସମୟରୁ ତିଆରି କରାଯାଇଥିଲା ଏବଂ ଏବେ ପର୍ଯ୍ୟନ୍ତ ଏହା ଡିଫେନ୍ସ ବିଭାଗ ଦ୍ୱାରା ପରିଚାଳିତ। ଯୁଦ୍ଧ ସମୟରେ ଏହାକୁ ବିଶେଷ ଭାବରେ ବ୍ୟବହାର କରା ହେଉଥିଲା ଯଦି ବି ଖଡ଼ଗପୁର ପାଖରେ ଡିଫେନ୍ସ ପରିଚାଳିତ ବିମାନ ବନ୍ଦର ରହିଛି । ଏବେ ଏବେ ଏହା ପାଇଁ ଭାରତ ସରକାର ବେଶ୍ କିଛି ଟଙ୍କା ଦେଉଛନ୍ତି ଏବଂ କିଛି କିଛି କାମ ଆରମ୍ଭ ହୋଇଥିଲା । କିନ୍ତୁ ଏବେ ଆଉ ସେ କଥା ଉଠୁନାହିଁ । ମୋର ମନେ ହୁଏ ତିଆରି ହୋଇ ରହିଥିବା ଏହି ବିମାନ ବନ୍ଦରକୁ କାର୍ଯ୍ୟକ୍ଷମ କରିବା ସହଜ ଏବଂ ଏହାଦ୍ୱାରା କଲିକତା, ଭୁବନେଶ୍ୱରକୁ ଭଲ ଭାବରେ ଯୋଡ଼ି ହୋଇ ପାରନ୍ତା । ଉତ୍ତର ଓଡ଼ିଶାକୁ ଅଣଦେଖା କରିବା ମୁଖ୍ୟମନ୍ତ୍ରୀଙ୍କ ଠିକ୍ ହେଉନାହିଁ । ଆମ ସମସ୍ତଙ୍କର ଅନୁରୋଧ ଏହି ସରକାର ଏହାକୁ କାର୍ଯ୍ୟକ୍ଷମ କରି ଆମକୁ ଏକ ଭେଟି ଦେବେ ।

## ହତ୍ୟାକାରୀ

**ଶ୍ରୀବତ୍ସ କୁମାର...**

ଛଳନାର ସୀମାକୁ ଲଂଘିଗଲ
କାବେରୀ
ବୁଝିଲନି ପ୍ରେମର ମହତ୍ତ୍ୱ
ମୋ ହୃଦୟକୁ ଭାବିଲ କି ବାଲିଘର
ଚାଲିଗଲ ଗୋଇଠାଟେ ମାରି

ସରଳିଆ ବୋଲି
କଣ ଠକିଦେଇଗଲ !
ଏଇ କଣ ମୋ ପାଉଣା
ତୁମକୁ ଅନ୍ଧଭଳି ଭଲପାଇବାର

ଓଠରେ ହସ
ଆଉ ଛାତିରେ ବିଷ
ତୁମେ କେମିତି ରଖିପାରିଲ !

ବ୍ୟର୍ଥ ପ୍ରେମିକ ସଜାଇ
ତିଳତିଳ କରି ମୋର ମରିବାର
ନିଜ ଆଖିରେ ଦେଖିବାକୁ
ତୁମେ କଣ ଭଲପାଉଥିଲ !

ସଭିଙ୍କ ଆଗରେ ତୁମେ
ହେଇପାର ନିରୀହ କାବେରୀ
କିନ୍ତୁ ଥରେ ଯାଇ ନିଜକୁ ଆଇନାରେ
ଦେଖ
ତୁମେ ଜାଣିବ
ଆଜିବି ଖୋଲା ବୁଲୁଛି
ଏ ଦୁନିଆର ସବୁଠାରୁ ବଡ଼
ହତ୍ୟାକାରୀ ।


♥ବ୍ରହ୍ମପୁର , ଗଞ୍ଜାମ
ମୋ: ୯୦୪୦୦୨୧୩୭୯


## ଗାନ୍ଧି ହେ ଆସ ଫେରି

**ନଳିନୀ ଦାଶ**

ବୀର ପ୍ରସବିନୀ ଦୁଃଖରେ କାନ୍ଦିଲା
ଆଖିରୁ ଝରାଇ ଲୁହ
ବାପୁ ହେ ତୁମର ବଢିଲା ଜନନୀ
ଜନ୍ମଭୂମି ପ୍ରତି ମୋହ।

ଜନତା ଆକୁଳ ବିକଳ କ୍ରନ୍ଦନ
ତୁମେ ସହି ନପାରିଲ
ପରାଧିନତାର ବନ୍ଦୀଶାଳୁ ବାପୁ
ଯାଇ ମୁକ୍ତ କରିଥିଲ ।

ଭୁଲି ନିଜ ସୁଖ ସଂକଳ୍ପ କରିଲ
ମନରେ ରଖିଲ ପଣ
ଯାଉ ପଛେ ମୋର ଜୀବନ ଭାବିଲ
ହୃଦୟକୁ କଲ ଟାଣ ।

ଆଣ୍ଠୁ ନଲୁଚିବା ଧୋତି ଖଣ୍ଡେ ପିନ୍ଧି
ଖୋଲା ଦେହେ ବୁଲୁଥିଲ
ଖାଲି ପାଦେ ତୁମେ ଭାରତ ଭ୍ରମିଲ
ବାଡିଟେ ସାହାରା କଲ ।

ହସି ହସି ସବୁ ସହିଯାଉଥିଲ
କରିଲ କାରାବରଣ
ଜନ୍ମ ଭୂମି ପାଇଁ ଲଢି ଗୋରାଙ୍କର
ଭାଙ୍ଗିଦେଇଥିଲ ଟାଣ ।

କେତେ ଆନ୍ଦୋଳନ ପ୍ରଜା ମେଳିକଲ
ରାତି ଉଜାଗର ହୋଇ
ଦେଶକୁ ସ୍ୱାଧୀନ କରିବ ଭାବିଲ
ଲୁହ ଲହୁ ଥିଲ ପିଇ ।

ଗୋରା ସାହେବଙ୍କ ଗୁଳି ବାରୁଦରେ
ଦେଶରେ ଜଳିଲା ନିଆଁ
ପ୍ରତିଦାନେ ରକ୍ତ ନଦୀ ବୋହିଗଲା
ଗୋରା ହୋଇଲେ ଛାନିଆ ।

ଅହିଂସା ମନ୍ତ୍ରରେ ଉଦବୁଦ୍ଧ କଲ
ଦେଶର ସ୍ୱାଧୀନ ପାଇଁ
ଜନତାଙ୍କ ମୁଖେ ହସ ଭରିଦେଲ
ଶାନ୍ତି କପୋତ ଉଡ଼ାଇ ।

ଇଂରେଜଙ୍କୁ ତଡ଼ି ସ୍ୱାଧୀନ ଆଣିଲ
ଦେଇ ଶାସନର ଡୋର
ହେ ରାମ ହେ ରାମ ଉଚ୍ଚାରଣ କରି
ଚାଲିଗଲ ସ୍ୱର୍ଗପୁର ।

ଶ୍ରାଦ୍ଧ ଦିବସରେ ତୁମ ଚରଣରେ
କରଇ ଭକ୍ତି ପ୍ରଣତୀ
ତୁମ ରାମରାଜ୍ୟ ଫେରି ଆସୁ ବାପୁ
ଏତିକି ମୋର ମିନତୀ ।


♥ଭିକାରିପଡା, ଶରଣକୁଳ,
ନୟାଗଡ଼
ମୋ: ୬୩୭୦୦୯୫୨୪୧




## ଏମିତି କେମିତି ସିଏ ?

**ନିରଞ୍ଜନ ସାହୁ**

ସେଦିନ ଆଖିରେ ସପନ ଦେଖାଇ
ବାଟ ଭୁଲାଇଲା ଯିଏ
ଆଜି ସେହି ପୁଣି ଦେଖା ହୋଇଗଲେ
ପଚାରୁଛି ତୁହି କିଏ ?
ସେଦିନ ମନରେ ଆଶା ଭରିଦେଇ
ଦେଖାଇଲା ଇନ୍ଦ୍ରଧନୁ
ଆଜି ସେହି ଲୋକ ପାଶୋରି ଦେଇଛି
ଭୁଲିଅଛି ସବୁ ମନୁ
ହାତ ବଢ଼ାଇକି ହାତ ଛାଡ଼ିଦେଇ
ମୁହଁଟା ବୁଲାଇ ନିଏ ।
ଦିନଥିଲା ଦିନେ ମୋତେ ନ ଦେଖିଲେ
ତାକୁ ନ ଲାଗଇ ଭଲ
ଏହି କଥା ଯିଏ କହି ବୁଲୁଥିଲା
ଆଜି କରେ କଲବଲ
ସୁଖ ଦେବ ବୋଲି ଯିଏ କହିଥିଲା
ଆଜି ମୋତେ ଦୁଃଖ ଦିଏ ।
ନାଟକ ସରିନି ରାତି ପାହିଗଲେ
ଦର୍ଶକର ମନ ଯାହା
ମାୟା ମରୀଚିକା ବୁଝିବା ବେଳକୁ
ସିଏ ନୁହେଁ ଆଉ ସାହା
କେମିତି ମଣିଷ ଭୁଲି ଯାଇପାରେ
ଯେମିତି ଭୁଲିଛି ସିଏ ?


+ନିହଲ ପ୍ରସାଦ, ଗଁଦିଆପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ :୯୯୩୮୭୪୧୫୮୩


## ଅନ୍ତର୍ବେଦନା

**ଦିବାକର ନାୟକ**

ହେଲେ ମୁଁ ଜାଣିଛି ତୁମ ସହ ମୋର
କେବେ ଦେଖା ହେବନାହିଁ
ହେଲେ ଜାଣିଥାଅ ତୁମକୁ ତ କେବେ
ଭୁଲି ପାରିବିନି ମୁହିଁ ।

ତୁମେ ସିନା ଭାବ ମନେ ମନେ କିଛି
କେବେ ପାରନାହିଁ କହି
ସେହି ନିମିଷକେ ସେଇ ସବୁ କଥା
ମୋ ମନେ ଉଠଇ ଚେଇଁ
ଜଣେ ତ ଜଣକୁ ବୁଝି ହେଉଥାଏ
ଦୂରେ ବହୁଦୂରେ ଥାଇ...
ହେଲେ ମୁଁ ଜାଣିଛି ତୁମ ସହ ମୋର
କେବେ ଦେଖା ହେବନାହିଁ ।

ବେଳେବେଳେ ଲାଗେ ତୁମ ହସ
ତଳେ
ବହୁଛି ଲୁହର ନଈ
ସେ ଲାଗି ଭିଜୁଛି ଏଇଠି ମୋହର
ଓଠ ଉରୁମାଲ ହୋଇ
ଜଳିବାର ଏଇ ଅସରା ବେଦନା
କେ ଲେଖିଲା ଆମ ପାଇଁ...
ହେଲେ ମୁଁ ଜାଣିଛି ତୁମ ସହ ମୋର
କେବେ ଦେଖା ହେବନାହିଁ ।
(ଉରୁମାଲ=ରୁମାଲ୍)


♥ପାଟପୁର, କନିସି, ଗଞ୍ଜାମ
ମୋ- ୯୯୩୮୬୧୯୯୮୧


## ତୁ ନିତି ମନେ ପଡୁ

**ସୁଚିସ୍ମିତା ମହାପାତ୍ର**

ଯେବେ ମୁଁ ଷଷ୍ଠ ଶ୍ରେଣୀରେ ଥିଲି
ତୋତେ ମୁଁ ପ୍ରଥମେ ଭେଟିଥିଲି
ଆମେ ଧୀରେ ଧୀରେ
ହୋଇଥିଲେ ଘନିଷ୍ଠ
ସେକଥା ତୋର ମନେ ଅଛି ତ ?
ମୁଁ ଘରୁ ଯୁଆଡେ ବି ଯାଏ
ତୋତେ ମୁଁ ସାଂଗରେ ନିଏ
ଖେଳି ବୁଲି କେତେ କରୁଥିଲେ ମଜା
ଆଜି କିନ୍ତୁ ସେସବୁ ଉପରେ ଅଛି ପରଦା
ମନେ ଅଛି କି ତୁମର
କଲେଜ ଦିନର ପ୍ରଥମ ସ୍ମୃତି
ଯହିଁ ମିଶିକି ହୋଇଥିଲେ ବାଟବଣା
ସାରା ସହର ଇତଃସ୍ତତଃ ଭ୍ରମି
ଶେଷରେ ପାଇଥିଲେ ଠିକଣା
କିନ୍ତୁ ସେଇ ବାହାନାରେ ଭେଟିଥିଲେ
ଅନେକ ଅଦେଖା ଅଚିହ୍ନା ଅଭ୍ୟାଗତ
ମନରେ ଡର ଥିଲେବି
ଉଭୟେ ହେଇଥିଲେ ପୁଲକିତ
ସମୟ ଚକ୍ରରେ ଲୁହ ନିଗାଡ଼ି
ଆଜିବି ମୁଁ ତୋତେ ଭାବେ
ତୋର ଥିବ କାହିଁ କେତେ ରାଗ ଆଉ
ଅଭିମାନ
ଛାତିରେ ପଥର ରଖି ଅନ୍ୟ ହାତରେ
ତୋତେ ସମର୍ପି
ମୁଁ ସାଜିଥିଲି ସଇତାନ
କାରଣ ମୁଁ ଚାହୁଁ ନଥିଲି
ମୋ ଲାଗି ତୋ ସ୍ୱାସ୍ଥ୍ୟ ବିଗିଡୁ
ହେଲେ ତୁ ଆଜିବି ବହୁତ ମନେ ପଡୁ
ସେ ଗ୍ରୀଷ୍ମର ଡହ ଡହ ଖରା
ଅବା ଶୀତର ଉଷୁମ ସ୍ପର୍ଶରେ
ଥକିଯାଇ ଯେବେ
ଗଛମୂଳେ ମୁଁ ବସେ
କେତେ ମନୋଲଭା ଦୃଶ୍ୟ ସବୁ
ଉପଭୋଗ କରିନପାରେ
ମୁଁ ତୋ ବିନା
ଘରକୁ ଫେରିବା ବେଳେ ମୁଁ ଝୁରେ
ମିଞ୍ଜି ମିଞ୍ଜି ଆଲୁଅରେ
ସାଗର କୁଳିଆ ଧୀର ପବନରେ
ଯାନବାହାନର ଘୁଁ ଘାଁ ଶବ୍ଦରେ
କିନ୍ତୁ ହାଏରେ ବିଧାତା !
ସେସବୁ ଆଜି ସାତସପନ
ଆଜିବି ତୋତେ ନିତି ଝୁରେ ମୋ
ଦ୍ୱିଚକ୍ରଯାନ ।


♥ବ୍ରହ୍ମପୁର
ମୋ: ୯୭୭୬୧୭୯୮୮୩

## କେହି କେବେ ଦେଖିଛ କି

### ସୁଚରିତା ମହାନ୍ତି



କେହି କେବେ ଦେଖିଛ କି କବି କାନ୍ଦିବାର
ସେ ପରା ଅହରହ ମଥାପିଟି କାନ୍ଦୁଥାଏ
ଥୁଣ୍ଟା ବରଗଛ ପରି
ନୂଆ କରି କଅଁଳିବା ଆଶାରେ।

କେତେବେଳେ ଦୁଇପଦ ଗାଇ ଦିଅନ୍ତା
ସ୍ୱାଭିମାନର ଗୀତ,
କେବେ ପୁଣି ଗାରେଇ ଦିଅନ୍ତା
ଦୁଇଧାଡ଼ି ଅଭିମାନର ସଙ୍ଗୀତ,

ଜୀବନକୁ ପୂର୍ଣ୍ଣ କରନ୍ତା ନିଜସ୍ୱ ଢ଼ଙ୍ଗରେ
ଅବା ନିଜକୁ ଭସେଇ ଦିଅନ୍ତା
ନଦୀ ସ୍ରୋତ ପରି
କଳ୍ପନାର ଅବିରତ ସ୍ରୋତରେ।

କେହି କେବେ ଦେଖିଛ କି କବି କାନ୍ଦିବାର
ସେ ପରା ମଥାପିଟି କାନ୍ଦୁଥାଏ ଅହରହ
କଅଁଳିଆ ଛୁଆଟିଏ ପରି
ଏରୁଣ୍ଡି ଉପରେ ବସି ଚାଖିବାକୁ ଅମୃତ ପୀୟୂଷ
ଧାଇଁ ଥାଏ ଶବ୍ଦ ପଛେ ଶେଷ ହେବା ଯାଏ
ତା' ତମାମ୍ ଆୟୁଷ ।

କେହି କେବେ ଦେଖିଛ କି କବି କାନ୍ଦି ବାର
ନଦୀ ସ୍ରୋତ ପରି ଗଡ଼ି ଯାଏ ଯେତେ ସବୁ
ଅମାନିଆ ଲୁହ, ଲାଞ୍ଛନା, ଅପବାଦ
ଆକଟର ଶିକୁଳି ଛିଣ୍ଡେଇ ପାରିହୁଏ
ଲକ୍ଷ୍ମଣର ଗାର ।

କେହି କେବେ ଦେଖିଛ କି କବି କାନ୍ଦିବାର
ରକ୍ତାକ୍ତ ଅଭିମନ୍ୟୁ ପରି,
କବି ଆଖିରେ ଝଲସି ଉଠେ ଯନ୍ତ୍ରଣାର
ଯେତେ ସବୁ ଅମାନିଆ ନିଆଁ ଝୁଲ,
କବି କେବେ କ୍ଷତାକ୍ତ ହୃଦୟେ
ଧରି ରଖେ ଉଲରି ପଡ଼ିଥିବା
ଚାଳରୁ ବର୍ଷାର ବୁନ୍ଦାଏ ରୁଧିର,

କବି ପୁଣି ଆଙ୍କି ଦିଏ ତା' ମନମାନସରେ
ମଉଳା ବସନ୍ତର ଉଜୁଡ଼ା ସାମ୍ରାଜ୍ୟ।

କେହି କେବେ ଦେଖିଛ କି କବି କାନ୍ଦିବାର
କବି ପରା ଅହରହ ହସୁଥାଏ
ମିଛ ହସ ବୋଲି
ସେ ଜିଇଁ ଯାଏ ଚିରକାଳ
ସମୟର ରକ୍ତାକ୍ତ ଫର୍ଦ୍ଦ ରେ ।


♥ମାହାଙ୍ଗା,କଟକ
ମୋ: ୮୯୧୭୫୭୧୩୦୨


## ଜନ୍ମ ଜନ୍ମାନ୍ତରେ ତମେ ଆସ ପ୍ରିୟ

### ହରିଶ୍ଚନ୍ଦ୍ର ବେହେରା



ଜନ୍ମ ଜନ୍ମାନ୍ତରେ ତମେ ଆସ ପ୍ରିୟ
କେତେ ଛଦ୍ମ ରୂପ ଧରି
ତନୁ ମନ ମୋର ସଁଅପି ଦେଇଛି
ଆଗ ପଛ ନ ବିଚାରି ।

ସକାଳ ସଂଜରେ କଳସୀ କାଖରେ
ପାଣି ଆଣିଯାଏଁ ମୁହିଁ
ମୋ ଯିବା ବାଟକୁ କେତେ ଆଖି ଜଗେ
ହୀନସ୍ତା ତମରି ପାଇଁ
ସବୁ କଳଙ୍କକୁ ଗୋଳା ଚନ୍ଦନରେ
ପିନ୍ଧିଛି କୁଙ୍କୁମ କରି।

କିପାଇଁ ହେଲି ମୁଁ ପ୍ରୀତି କାଙ୍ଗାଳୁଣୀ
ପ୍ରେମ ମାନେ ଜଣା ନାହିଁ
ଯୁଆଡେ ଚାହୁଁଚି ସବୁଠି ଦିଶୁଛି
ତମରି ତ୍ରିଭଙ୍ଗୀ ଛାଇ
ଚୋର ପରି ଆସି ହୃଦୟରେ ପଶି
ପ୍ରାଣ ମୋର କଲ ଚୋରି ।

ସତୀ କି ଅସତୀ ତମେତ ଜାଣିଛ
ପାପ ପୁଣ୍ୟ ଜଣା ନାହିଁ
ଦେହ ସିନା ଏଠି ମନ ସମର୍ପିଛି
କାଳ କାଳ ତୁମ ପାଇଁ
ଅସରନ୍ତି ମୋର ଲୋଡ଼ିବା ପଣକୁ
ଦିଅ ଅଭିଷିକ୍ତ କରି ।


♥କଲ୍ୟାଣ ନଗର, ବାଲେଶ୍ୱର -୧
ମୋ-୯୪୩୭୮୧୩୭୦୮


## ଷ୍ଟେସନରୁ ସମୁଦ୍ରକୂଳ

### ଶରତ କୁମାର ଦାସ



ଏଠୁ
ଷ୍ଟେସନରୁ ସମୁଦ୍ରକୂଳ
ଅନେକ ଦୂର
ତଥାପି
ମତେ ଯିବାକୁ ହବ
ଅତୀତର ମିଠା ମିଠା ସ୍ମୃତି ଧରି
ସମୁଦ୍ରେଇ ଯିବାକୁ ହବ
ଉତ୍ତାଳ ତରଙ୍ଗର ଢେଉ କାଟିକାଟି
ତିମି ଓ ସାଂକୁଚଙ୍କ ସହ ମିତ ବସିବାକୁ ହବ
ଜୀବନକୁ ବାଜି ମାରିମାରି
ଏଠି
ଅତୀତ ବୋଇଲେ
ବେଳାଭୂଇଁ ଛାତି ପ'ରେ
ଅଙ୍କାଥିବା ତୈଳଚିତ୍ର
ସରୁବାଲି, ଚିନାବାଦାମ ଚୋପା
ପଚପଚ ପାଦଚଲା ରାସ୍ତା
ପଙ୍କାପଙ୍କା ଝାଉଁଗଛ ତଳେ
ସ୍ୱପ୍ନ ବିକୁଥିବା
ସାବନା ଝିଅଟିର ଛାତିତଳ କଥା
ସଞ୍ଚିତ ଅବଶୋଷ ଟିକକୁ
ଦୂର ଦିଗବଳୟ ଛୁଇଁଇବାର
ନିଆରା ପ୍ରଚେଷ୍ଟା
ଏଠିବି
ପ୍ରେମିକାର ବିଛୁରିତ ବେଣୀତଳୁ
ବେଳାଭୂଇଁ ଜୁକୁଜୁକୁ ଦୁଶେ
ନୋଳିଆ ପିଲାଟିର ଆଇଁଷିଆ ଦେହ ପରି
କାହା ପ୍ରେମ ଗମଗମ ବାସେ
ଅନେକ ଦିନତଳୁ
ମନିପର୍ସରେ ସାଇତାଥିବା
ସେ କୁନି ଝିଅଟିର ଚୁମା
ଜିରାଫର ଗ୍ରୀବାପରି
ପ୍ରଶ୍ୱାସରେ ଲମ୍ୱିଲମ୍ୱି ଆସେ
ସମୟ ଏଠି ଅଟକି ଯାଏନି ବୋଲି
ଅନଶନ କରିଥାଆନ୍ତି
କାନ୍ଥଘଣ୍ଟା, କ୍ୟାଲେଣ୍ଡର ପୃଷ୍ଠା
ଅପରାହ୍ନର ନିସ୍ତେଜ ହସରେ
ପୋଷ୍ଟମ୍ୟାନର ଚିଠି ଆସେ
ବେନାମୀ ଠିକଣା ଧରି
ତେବେ ନିଭି ନ ଥିବା ସଞ୍ଚର ଚେନାଏ
ଆଲୁଅ
ମତେ ନିବିଡ଼େଇ ନବା ଆଗରୁ
ଫିସଫିସ କହୁଥାଏ
ସମୁଦ୍ରକୂଳର ଅଦୃଶ୍ୟ କାହାଣୀ।


♥ ପାଲୁର ବଙ୍ଗଳା,
ଘର ନମ୍ୱର..୨୬, ବ୍ରହ୍ମପୁର
ମୋ: ୯୪୩୭୪୨୩୯୮୫


## ମୁଁ ଏବେ ଅଜ୍ଞାତବାସରେ..

### ଡାଃ ମନୋରଞ୍ଜନ ଦାଶ



ମୋ ଆବେଗର ସ୍ୱରକୁ ନ ବୁଝି
ଯଦି ତୁମେ ମୁହଁ ମୋଡିଦେଲ,
କହିବି କାହାକୁ...
ମୁଁ ନୀରବି ଯାଇ ଫୁଲକୁ ପଚାରୁଚି,
ସିଏ ବୁଝିପାରେ କେମିତି
ପାଗଳ ପ୍ରଜାପତିକୁ ?
ଶ୍ରାବଣେ ଭିଜିବାରେ,
ଫଗୁଣେ ରଙ୍ଗୀନ୍ ହେବାରେ,
ସ୍ୱପ୍ନକୁ ଛୁଇଁବାରେ ଓ
ମାୟାମୁହାଣରେ ଭାସିଯିବାର ଭୟ,
କେଜାଣି କାହିଁକି,
ଏବେ ଘାରୁଚି ମୋତେ !
ତୁମେ କେତେବେଳେ କେଉଁ କୂଳ ଲଂଘୁଚ,
ନିଜେ ବି ଜାଣୁନା..
ମୁଁ ତ ସ୍ୱଷ୍ଟୋକ୍ତିରେ ବି ଭୋର ହେଉଚି,
ପୁଣି ସୃଷ୍ଟିକୁ ତୋଳୁଚି...
ତୁମେ ଯଦି ମୋ ବି ଭୋରପଣକୁ
ଆଘାତ ଦେଇ ଖୁସି ପାଇପାର,
ତେବେ ମୁଁ ଦୀର୍ଘଶ୍ୱାସକୁ
ଆଲିଙ୍ଗନ କରିବା ଛଡା,
ଆଉ କଅଣ ଅବା କରିପାରିବି !
କାହାକୁ ଶୁଣେଇବି ମୋ ପ୍ରୀତି ସଂଗୀତ,
ମୋତେ କିଏ ଆମୋଦିତ କରିବ, ପରଶି
ସ୍ମିତହାସ୍ୟ ଓ ଲାଜେଇ ଚାହାଣୀରେ...
ହଁ ! ମୁଁ ଏବେ ଯାଉଚି, ଅଜ୍ଞାତବାସ ରେ..
ତୁମ ସହ ମୋର ଆଉ ଦେଖାହେବନି,
ଖାଲି ଯାହା ସ୍ମୃତିକୁ ରୋମନ୍ଥନରେ...


♥ପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ, ଜି : କେନ୍ଦ୍ରାପଡ଼ା
ମୋ -୯୪୩୭୩୧୭୭୨୨


## ଶୀତରେ ଶୀତରେ କବିତା ଲେଖୁଛି

### ବନମାଳୀ ସେନାପତି



ନିଥର ଏ ଶୀତ ରାତି
ଶୀତୁଆ ପବନେ ଦେହ ସିରିସିରି
ମନରେ ଆସଇ ଭୀତି ।

ଶୀତରେ କୁସୁମ ଗେଣ୍ଡୁ ମାଳ ମାଳ
ବାଡି ବଗିଚାରେ ହସ
ମାଣବସା ଘରେ ଗେଣ୍ଡୁହାରଭିଡ
ଅଜଣା ମହକ ବାସ
କ୍ଷେତରେ କ୍ଷେତରେ ସୁନାର ଫସଲ
ଶୀଘ୍ର ଯିଏ ଦିନ ବିତି
ଶୀତରେ ଶୀତରେ କବିତା ଲେଖୁଛି
ନିଥର ଏ ଶୀତ ରାତି।

ପଉଷ ମାସର ପାଉଁଶିଆ ଜାଡ
ଏତେ କଷ୍ଟ ଲାଗେ କିଆଁ
ଚିତ୍ର ଲଫାପା ରେ ଚିଠି ଯେବେ ଆସେ
ଭାରି ମିଠା ଲାଗେ ପ୍ରିୟା
କମ୍ବଳ ଭିତରେ ଶୀତ ରାତି ବିତେ
ମନେପଡେ ସେହି ସ୍ମୃତି
ଶୀତରେ ଶୀତରେ କବିତା ଲେଖୁଛି
ନିଥର ଏ ଶୀତ ରାତି।


ସଂପାଦକ : ପରାଗ, ଆଳି
କେନ୍ଦ୍ରାପଡା


## ସମ୍ମୋହନ

### କାର୍ତ୍ତିକ ସେଠୀ



ଦୁଇପଦ କଥା ଆଉ ନଥାର ତାସ୍ ଘରେ,
ଦି' ଦିନର ଖେଳଘର
ମାଦକତା ଆଉ ତୃଷ୍ଣା,
ପୁର ଦିଆ ବାସ୍ନା ଯେତେ
ଏଇ ମାଟିଘଟ ପାଇଁ
କାହିଁ କେତେ କାଳରୁ ।

ଉଦ୍ଦାମତା ତାଳେ ଉଦ୍ୟମ ଲୁଣ୍ଠିତ,
ଅବଦମିତ
କୁହ ମାୟାଧର !
କେଉଁ ମାୟାର ସମ୍ମୋହନେ
ବିପରୀତ ଏ ଧାରା,
ପ୍ରତିକୂଳ ଏ ବାଆ,
ଦଦରା ତରଣିର ଦୁଃଖ ନ ସରେ !

ଆଶାରେ ଆଶାୟୀ ପରାଣ ଆମର
ଗାଏ ଯେ କେଉଁ ଗୀତ,
ପ୍ରତିକଳ୍ପନ ଏ ସୂତ୍ରଧାରଟା
ପାଏ ଅପସାରଣର ଭେଟ ।

ବଦନାମ ଗଳିର କାଗଜ ଫୁଲଟା
ମୁରୁକି ମୁରୁକି ହସେ,
ଗଞ୍ଜାଣା ଲଭିକି ଗଜରା ସୁନ୍ଦରୀ
ନିଜ ପାଇଁ ପରା ବାସେ।


♥ ଚଉମୁଖ,
ବାଲିଆପାଳ, ବାଲେଶ୍ୱର


## ବଧୂ ନିରୁପମା

### ଶିବ ପ୍ରସାଦ ବାହିନୀପତି



ଅତି ଅଲିଅଳରେ ବଢ଼ିଥିବା ଝିଅଟି
ବାପଘର ଭିଟାମାଟି ଛାଡ଼ି
ଶାଶୁଘରକୁ ଆସେ ।
ସପ୍ତ ଦୀପ ଅଷ୍ଟ କଳସ
ବହ୍ନି ବ୍ରାହ୍ମଣଙ୍କୁ ସାକ୍ଷ୍ୟ ରଖି
ଅଜଣା ଅଚିହ୍ନା ଲୋକର
କରେ କର ଥାପି ବାହାରି ଆସେ ।

ସବୁ ସ୍ନେହ ମମତାକୁ ପଛରେ ପକାଇ
ସାଙ୍ଗ ସାଥୀ ବଉଳ ମକର ସଙ୍ଗାତ
ଆତ୍ମୀୟ ସ୍ୱଜନଙ୍କୁ ପରିତ୍ୟାଗ କରି
ପର ହାତ ଧରି ପର ଘରକୁ ନିଜର କରେ।

ଶାଶୁ ଶ୍ୱଶୁର ସ୍ୱାମୀ ଦେଢ଼ଶୁର
ନଣନ୍ଦ ଦିଅର ସମସ୍ତେ ନିଜର
ପର ହୋଇଯାଆନ୍ତି ଏଠି ବାପା ମାଆ
ଝିଅ ହୋଇଯାଏ ଦି'ଦିନର କୁଣିଆ ।

ପିତା ପରିବର୍ତ୍ତେ ଶ୍ୱଶୁରଙ୍କୁ
ମାତା ବଦଳରେ ଶାଶୁ ପାଏ
ସେ ଦୁହିତା ତେଣୁ

ଦୁଇ କୁଳର ହିତ ସାଧନ କରେ ।
କନ୍ୟାବସ୍ଥାରେ ପିତ୍ରାଳୟେ
ସ୍ୱୟମ୍ବରାନ୍ତେ ପତିଗୃହେ
ଶାଶୁ ଶ୍ୱଶୁରଙ୍କ ସେବା କରେ
ପତି ସେବା କରି ପତିବ୍ରତା ହୁଏ ।
ଶାଶୁ ଶ୍ୱଶୁର ଓ ପତି ପାଇଁ
ସଦା ତତ୍ପର ରହିଥାଏ ସେ
ପତିକୁ ଦେବତା ମନେ କରି
ନିଜେ ପାଲଟି ଯାଏ ପୂଜାରିଣୀ ।

ସ୍ନେହ ପ୍ରେମ ଓ ଭଲପାଇବାରେ
ବାନ୍ଧି ରଖେ ସମସ୍ତଙ୍କୁ
ତିଳ ତିଳ କରି ଜାଳିଦିଏ ନିଜକୁ
କେବଳ ତାଙ୍କରି ସେବାରେ ।

ପରଘରକୁ ନିଜର ମଣି
ସୁନ୍ଦର ଓ ସାବଲୀଳ କରି
ଗଢ଼ି ତୋଳିବାର ପ୍ରଚେଷ୍ଟା
ଯେ କରେ ସେ ବଧୂ ।

ଯେଉଁ ବଧୂ ପରିବାରର
କୁଳର ମର୍ଯ୍ୟାଦା ରଖିପାରେ
କୁଳୋଜ୍ଜ୍ୱଳ କରି ପାରେ
ତାକୁ ହିଁ କହନ୍ତି କୁଳବଧୂ ।

ସେ ବଧୂ ଅବର୍ଣ୍ଣନୀୟା
ସର୍ବଦା ସେ ବନ୍ଦନୀୟା
ନିରାପରାଧିନୀ ଓ ପୂଜନୀୟା
ତାକୁ ହିଁ କୁହାଯାଏ ବଧୂ ନିରୁପମା ।


♥ଭାଟପଡ଼ା,ନିରାକାରପୁର,କଣାସ,ପୁରୀ
ମୋ: ୮୨୪୯୭୭୨୩୬୧


## ପାନ୍ଥଶାଳା କେବେ ପଚାରି ବୁଝେନା

### ନୀଳମଣି ଚାନ୍ଦ



ପାନ୍ଥଶାଳା କେବେ ପଚାରି ବୁଝେନା
କେଉଁଠି ପଥିକ ଘର
ସେ ଜାଣିଛି କେଇ ରାତ୍ରି ପାଇଁରେ
କରିବାକୁ ଆପଣାର।
ଅଙ୍ଗାରେ ଲେଖା କେତେ ନାଆଁକୁ
ସେ
ପଢିନାହିଁ ନିରିଖେଇ
ତା ଦିନିଲିପିରେ ଗୋଟିଏ ନାଆଁ ବି
ନ ଥିଲା ତ ଲେଖା ହୋଇ।
ସିଏ ଭଲ ପାଏ, ସିଏ ଭୁଲିଯାଏ
ପାଇଛି ଏମିତି ମନ
କେତେ କେତେ ରାତି
ଉଜାଗର ହେଲା
ନ ଦେଖି ଟିକେ ସପନ।
କେତେବେଳେ ଥାଏ ଶୂନ୍ ଶାନ୍
ସିଏ
କେବେ ଶୁଭେ ଜନରବ
ହସକାନ୍ଦର ତା ଜୀବନଟିଏରେ
ଜାଣେନା କପଟ ଛନ୍ଦ।
ଭୁଲି ହୁଏନାହିଁ ପାନ୍ଥଶାଳାକୁ
ଏକା ଥିଲେ ପଡ଼େ ମନେ
ବୁଝି ବି ଅବୁଝା ପାନ୍ଥଶାଳାରେ
ସତ ଏହା ସୁଧୀଜନେ।


+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


## ସଂସାର

### ସୁଧୀର ମେହେର



ଦେହର ତେଜ,
ଅଣ୍ଟାର ବଳ କମି ଆସିଲା ପରେ
ବିଚରା ବାପାଟିଏ
ଅନିଚ୍ଛା ସ୍ୱତ୍ତେ ଲଥ୍ ହୋଇ ବସି ପଡେ
ଘରର ଗୋଟିଏ କୋଣରେ ପଡିଥିବା
ହାତ ଭଙ୍ଗା ଚଉକି ଉପରେ ।

ସେ ଜାଣେ,
ଏଇନେ ତା'ଦେଇ କିଛି ବି ହେବନି,
ତା'କଥା ବି କେହି ଶୁଣିବେନି
ବରଂ ସଭିଏଁ ଝିଙ୍ଗାସି କହିବେ ।

ସତକୁ ସତ, ବଡ ବୋହୁ ଖଙ୍ଗ୍ ଖଙ୍ଗ୍
କାସିବାକୁ ମନାକରେ,
ସାନ ବୋହୁ ଅଗଣାରେ ଛେପ ନ
ପକେଇବାକୁ
ବାର ବାର ତାଗିଦ୍ କରେ,
ପାଣି ଗିଲାସେ ବରାଦ କଲେ
ମଝିଆ ବୋହୁ ଗରଗର ହୁଏ,
ନିଜ ଅଜଣାତେ
ଗାଲ ଦେଇ ତତଲା ଲୁହ ଟୋପେ
ବୋହି ଆସେ ।

ନାତୁଣୀ ଦେଖେ,
ଜେଜେ ବାପା ଚଉକିରେ ଢୁଳୋଉଛନ୍ତି,
ପାଖକୁ ଯାଏ,ଗେଳ କରି ଓଦା ଗାମୁଛାରେ
ମୁହଁ ପୋଛି ଦିଏ, ନୁଖୁରା ମୁଣ୍ଡରେ
ପୋଷେ ତେଲ ଦେଇ କୁଣ୍ଡେଇ ଦିଏ,
ହାତଧରି ଖଟଯାଏଁ ନେଇଯାଏ,
ଗାମୁଛା, ଧୋତି ଚଉତି ଦିଏ.....
ପୁଣି ଟୋପେ ତତଲା ଲୁହ ଗାଲ ଦେଇ
ଥିପି ପଡେ ।

ବିଚରା ବାପା,
ରାତି ଅଧରେ ପାଣି ଗିଲାସେ ପାଇଁ,
କେବେ କେବେ
ଠେଙ୍ଗାଟା ଅଣ୍ଡାଳି ଦେବା ପାଇଁ
ସୁରୁ ବୋଉକୁ ଖୋଜି ହୁଏ.....
ମନେ ମନେ ବହେ ଗାଳି ଦିଏ,
ସାତ ଜନମର ରାଣ ଖାଇ
କେମିତି ଏକା ନିଦକ୍‌ରେ ଶୋଇଗଲା ଯେ!

ଧାର ଧାର ଲୁହ ଗଡାଏ ।
ଓଦା ଆଖିରେ ବିତି ଯାଇଥିବା
ଲୁହ, ଲହୁର ଦିନ ଗୁଡାକୁ ମନେ ପକାଏ.....
ଖାସ୍ ଏମାନଙ୍କ ଓଠରେ-ହସ ଫୁଟେଇବା ପାଇଁ
କେତେ କେତେ ଧାଁ,ଧପଡ,କେତେ ସ୍ୱପ୍ନ.....
କେତେ କେତେ ରାଜିନାମା,
ପୁଣି କେତେ ଯୁଦ୍ଧ ଘୋଷଣା......
ନିଜ ସହ ଯୁଝି ଯୁଝି ଜାଣି ହେଲାନି-
କେତେବେଳେ
ଜୀବନଟିଏ ସରିଗଲା ସତେ !!

ଦିନା କେଇଟା ପରେ
ସେ ଆଉ ଉଠି ପାରନ୍ତିନି ଖଟିଆରୁ,
ଡାକ୍ତର କହି ଦିଅନ୍ତି
ଅନ୍ତିମ ସମୟ ଆସି ଯାଇଛି ।

ବୋହୁମାନେ ନିଜ ନିଜ ଭିତରେ
ଠରା ଠରି ହୁଅନ୍ତି,
ଅଧରାତି ଯାଏ କ'ଣ ସବୁ
ଫୁସ୍ ଫାସ୍ ହୁଅନ୍ତି,
ଆର ଦିନ -ତିନି ପୁଅ,ତିନି ବୋହୂ ହାଜର୍
ହୋଇଯା'ନ୍ତି ଖଟ ଚଉପାଖେ,
ବଡ ବୋହୁ ମୁଣ୍ଡ ଆଉଁସି ଦିଏ,
ମଝିଆ ପାଦ ମୋଡିଦିଏ
ସାନ ବୋହୁ ଚା'ମୁନ୍ଦେ ଢୋକେଇଦିଏ,
ତେଣିକି, ହିସାବ ଚାଲେ-କିଏ କ'ଣ ନେବ,
କାହା ଭାଗରେ କୋଉ ଘର,
କୋଉ ଜମି ପଡିବ !!

କାହାଠାରୁ ଖବର ପାଇ ସବା ସାନ ଝିଅ
ଦଉଡି ଆସେ,ପାଦ ପାଖରେ ବସି
କଚାଡି ହୋଇ ରାହା ଛାଡେ-ମୁଁ ଏବେ
କୋଉ ଛାଇ ତଳକୁ ଯିବି ଲୋ ବା'
ମୋ ମୁଣ୍ଡ ଉପରର ଆକାଶ
ଛଡେଇ ନେ ନା ଲୋ ବା'
ଛଡେଇ ନେ ନା........


♥ଜୁନାଗଡ, କଳାହାଣ୍ଡି


## ସଂସାର

### ଡ.ଦୀପକ କୁମାର ମିଶ୍ର



ଆସ ଦେଖିବ ତ
ଚିରା ଯୋଡ଼ା କାଗଜ ହୃଦୟର ମଣିଷଟି
କେମିତି ଛିଡାହୋଇଚି ନିଃରସ୍ତ୍ର
ଏକଦମ ସାବଧାନ, ଶାନ୍ତ ଓ ସ୍ଥିର,
ବାର ରାଉଣ୍ଡ ଗୁଳି ଖାଇସାରିଲା ପରେ ବି
ଆପଣେଇଛି ଏକ ଅନାହାତ,
ନିଶ୍ଚଳ ଓ ନିର୍ବିକାର ଶରୀରର
ଅନାସକ୍ତ ହସହସ ରୂପ ।

ଏପଟେ ଚାଲିଛି ରୀତିମତ
ଅଭ୍ୟାସ, କ୍ଷେପଣ ଓ ଭୋଜିଭାତ
କଳାକୌଶଳ, ଛଳରଣରେ
ବାଜିମାତ୍ କରିବାର ମନ୍ତ୍ରଣା ଓ ମନ୍ତ୍ର
ମୁଣ୍ଡରେ, ମୁହଁରେ, ଛାତିରେ ଆଉ
ପେଟରେ
ଦାଗିପାରିବାର ଉଚ୍ଚ କ୍ଷମତାର ଦଖଲ
ଅନ୍ୟ ଅଂଶ ଗୁଡିକର ଭାଉ
ଥିଲା, ନଥିଲା ଭଳି
ସେମିତି ବି ହାତଗୋଡ଼ରେ ଗୁଳି ବାଜିଲେ
କଉ ମରେ ମଣିଷ ।

ଯୁଦ୍ଧର ଗୋଟିଏ ନିୟମ
ଗୋଟିଏ ଗୁଳିରେ ଗୋଟିଏ ଶିକାର
ସାମ୍ନାରେ କେବଳ ଦୁଷ୍ମନ ଦୁଶିବା ଦରକାର
ଅର୍ଜୁନକୁ ଆଖି ଦେଖାଗଲା ପରି ।

ଦେଖିଲ କେମିତି ଫଡ଼ାଫଡ଼ା
ଉତ୍ତୁରିଯାଉଛି ଗୁଳିବିଦ୍ଧ ଉତ୍ତପ୍ତ ହୃଦୟ
ଗେଟିସ୍ ପକା ସ୍ଥାନରୁ ଲୁହର
ଛୋଟିଆ ନଈଟେ
ବୋହିଯାଉଛି ପଛ ପାହାଡ଼ ପଶ୍ଚିମାକାନି
ଦେଇ
ନଷ୍ଟଭଣ୍ଡ ହୋଇ ଖୋକା ଖୋଜିବାରେ
ବ୍ୟସ୍ତ ମଣିଷର ସେଥିପ୍ରତି ନିଘା କାହିଁ କୁହ ।

ସମରାଭ୍ୟାସ ସରିଲା
ଶୁଭକାର୍ଯ୍ୟରେ ହଣା ଖାଇଥିବା
ଲେମ୍ବୁ ପରିକା ମନ ଲହୁଲୁହାଣ
ଅକୃତକାର୍ଯ୍ୟ ହେବାର
ସେହି ଅନିର୍ବାର୍ଯ୍ୟ କାରଣଟି ଖୋଜିଲି
କାଗଜର ଆକୃତିଟିକୁ ଦୁଷ୍ମନ ନଠଉରେଇ
ଏଥର ବି ବୋଧେ ମନରେ
ମଣିଷ ବୋଲି ଭାବିନେଇଥିଲି ।


♥ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

# ପାହାଡ଼ ଉପରେ ଗାଁ: ରାସ୍ତା ଓ ପାଣି ସହ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ୬୦ ପରିବାର: ଭୋଟ ବର୍ଜନ ପାଇଁ ଗ୍ରାମବାସୀଙ୍କ ଚେତାବନୀ



ବୈପାରିଗୁଡ଼ା, ୨୯/୧ (ନି.ପ୍ର): କୋରାପୁଟ ଜିଲ୍ଲାର ବୈପାରିଗୁଡା ବ୍ଲକ ଅନ୍ତର୍ଗତ ବୋଦାପୁଟ ପଞ୍ଚାୟତର ଅପହଞ୍ଚ ଗ୍ରାମ ହେଉଛି ତୋକାଲ। ପାହାଡ଼ ଉପରେ ଏହି ଗ୍ରାମର ଲୋକମାନେ ବର୍ଷ ବର୍ଷ ଧରି ମୌଳିକ ସୁବିଧାରୁ ସଂପୂର୍ଣ୍ଣ ରୂପେ ବଞ୍ଚିତ। ୬୦ ପରିବାର ବିଶିଷ୍ଟ ତୋକାଲ ଗ୍ରାମର ସମସ୍ତେ ଆଦିବାସୀ ଗୋଷ୍ଠୀର। ଏହି ଗ୍ରାମ ପାଇଁ ଆଜିଯାଏ ସବୁଦିନିଆ ରାସ୍ତାଟିଏ ହୋଇପାରିଲା ନାହିଁ। ୨୦୧୭ ମସିହାରେ ପଞ୍ଚାୟତ ସଦର ମହକୁମା ବୋଦାପୁଟ ଠାରୁ ତୋକାଲ ଯାଏ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଥିଲା। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୭ କିଲୋମିଟର ରାସ୍ତା ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ଆଜିଯାଏ ରାସ୍ତା କାମ ସଂପୂର୍ଣ୍ଣ ହୋଇପାରିନାହିଁ। ଗତବର୍ଷ ବହୁ ଦାବି ପରେ ମେଟାଲ ଏବଂ ମୋରମ ବିଛେଇ ଦିଆଯାଇଥିଲା। ବର୍ଷା ଋତୁରେ ମୋରମ ଧୋଇ ହୋଇଯାଇଥିବା ବେଳେ ମେଟାଲ ପଡ଼ି ରହିଛି। ଯାହାଫଳରେ ଯାନବାହାନ ଦୂରର କଥା, ପାଦରେ ଚାଲିଚାଲି ଯିବା ବି ମୁସ୍କିଲ। ପ୍ରଶାସନର ଏପ୍ରକାର ଦାୟିତ୍ୱ ହୀନତାରେ କ୍ଷୋଭ ପ୍ରକାଶ କରିବା ସହ ଗ୍ରାମର ପ୍ରତ୍ୟେକ ଘରର କାନ୍ଥରେ ରାସ୍ତା ନାହିଁ ତ ଭୋଟ ନାହିଁ ଲେଖାଯାଇଥିବା ଦେଖିବାକୁ ମିଳିଛି।

ସେହିପରି ପିଇବା ପାଣି ପାଇବା ପାଇଁ ଗ୍ରାମବାସୀଙ୍କୁ ଚୁଆ ପାଣି ଉପରେ ନିର୍ଭର କରିବାକୁ ପଡୁଛି। ଗ୍ରାମରେ ରହିଥିବା ଦୁଇଟି ଯାକ ନଳକୂପ ଅକାମି ହୋଇପଡିଛି। ଯେଉଁ ନଳକୂପ ସହିତ ମୋଟର ସଂଯୋଗ କରାଯାଇଛି, ବିଦ୍ୟୁତ ଯୋଗାଣ ବନ୍ଦ ହୋଇଗଲେ ମଟର କାମ କରୁନଥିବାରୁ ଲୋକେ ବାଧ ହୋଇ ଚୁଆ ପାଣିରେ ଜୀବନ ବଞ୍ଚାଇଥାନ୍ତି। ଥରେ ବିଦ୍ୟୁତ ସଂଯୋଗ ବନ୍ଦ ହେଇଗଲେ ଦିନ ଦିନ ଧରି ବିଦ୍ୟୁତ ଯୋଗାଇବାରେ ଅବହେଳା ପ୍ରଦର୍ଶନ କରାଯାଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

ରାସ୍ତା ଅଭାବରୁ ଆମ୍ବୁଲାନ୍ସ ଗାଆଁ ଯାଏ ପହଞ୍ଚି ପାରୁନାହିଁ। ଗୁରୁତର ରୋଗୀ ଏବଂ ଗର୍ଭବତୀ ମହିଳାଙ୍କୁ ଖଟିଆରେ ମାଦି ଗ୍ରାମ ଯାଏ ଜଙ୍ଗଲ ଭିତରେ ୪ କିଲୋମିଟର ଯାଏ ବୋହି ନେବାକୁ ପଡ଼ିଥାଏ। ରାସନ୍ କିମ୍ବା ଭତ୍ତା ପାଇଁ ମଧ ସେହି ସମସ୍ୟା। ଦେଶ ସ୍ୱାଧୀନତା ଲାଭ କରିବା ୭୭ ବର୍ଷ ପରେ ମଧ ଗ୍ରାମବାସୀ ମାନେ ମୌଳିକ ସୁବିଧାରୁ ବଞ୍ଚିତ ହେବା ବିଡ଼ମ୍ବନାର ବିଷୟ। ପ୍ରଶାସନ ତଥା ରାଜନେତାଙ୍କ ଉଦାସୀନତାର ଫଳ ତୋକାଲ ଗ୍ରାମବାସୀ ଭୋଗୁଥିବା ପ୍ରକାଶ। ସେବା ବଞ୍ଚିତ ତୋକାଲ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିବା ସହ ଆଗାମୀ ସମସ୍ତ ନିର୍ବାଚନ ବର୍ଜନ କରିବେ ବୋଲି ଶପଥ ନେଇଥିବା ପ୍ରକାଶ କରିଛନ୍ତି।

# ବାଇକ ଚୋରି ଅଭିଯୋଗରେ ଯୁବକ ଅଦାଲତ ଚାଲାଣ

କୋରେଇ, ୨୯/୧ (ନି.ପ୍ର): ପାଣିକୋଇଲି ପୁଲିସ ଏକ ବାଇକ ଚୋରି ଅଭିଯୋଗରେ ଜଣେ ଯୁବକୁ ଅଦାଲତ ଚାଲାଣ କରିଛି। ପ୍ରକାଶ ଯେ ପାଣିକୋଇଲି ଥାନା ଅନ୍ତର୍ଗତ ବ୍ରଜନଗର ଗ୍ରାମର ସ୍ୱର୍ଗତ ବିଦ୍ୟାଧର ଧଳଙ୍କ ପୁଅ ସୁକାନ୍ତ ଧଳ ଗତ ୨ ତାରିଖ ଦିନ ରାତିରେ ନିଜର ସଠିପୁର ସ୍ଥିତ ବ୍ୟବସାୟିକ ପ୍ରତିଷ୍ଠାନରେ ନିଜ ବାଇକ (ଓଡ଼ି୩୪ଏଲ୩୨୯୭)କୁ ରଖି ଶୋଇଥିଲେ। ତେବେ ସକାଳୁ ଉଠି ଦେଖିବା ବେଳକୁ ବାଇକଟିକୁ କେହି ଚୋରି କରିନେଇଥିଲା। ଏ ନେଇ ସୁକାନ୍ତ ଖୋଜା ଖୋଜି ଚାଲୁ ରଖିଥିବା ବେଳେ ଏ ନେଇ ପାଣିକୋଇଲି ଥାନାରେ ଅଭିଯୋଗ ଦାଖଲ କରିଥିଲେ। ପରେ ପୁଲିସ ଏକ ମାମଲା ୩୩/୨୪ ରୁଜୁ କରି ତଦନ୍ତ ଚାଲୁ ରଖିଥିଲା। ତେବେ କୌଣସି ସୁତ୍ରରୁ ଖବର ପାଇ ଉକ୍ତ ବାଇକଟି କୋରାଇ ଥାନା ଅନ୍ତର୍ଗତ ଯୁଗଳ ଗ୍ରାମର ନୀଳମଣୀ ମିଶ୍ରଙ୍କ ପୁଅ ସୌରଭ ରଖିଥିବା ନେଇ କୋରାଇ ପୁଲିସ ପାଣିକୋଇଲି ପୁଲିସକୁ ଖବର ଦେଇଥିଲା। ପରେ ଏ ନେଇ ସୌରଭକୁ ଅଭିଯୁକ୍ତ ବୋଲି ପ୍ରମାଣ ପାଇବା ପରେ ତାକୁ ଗିରଫ କରି କୋର୍ଟ ଚାଲାଣ କରାଯିବା ସହିତ ବାଇକଟିକୁ ଉଦ୍ଧାର କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଥାନାର ସବଇନିସପେକ୍ଟର ବିଶ୍ୱରଂଜନ ଦାସ ଜଣାଇଛନ୍ତି। ହେଲେ ଅଭିଯୁକ୍ତ ୧୦ରୁ ଉର୍ଦ୍ଧ ବାଇକ ଚୋରି କରିଥିାର ପ୍ରମାଣ ପୁଲିସର ହସ୍ତଗତ ହୋଇଛି।

# ଆର.ଏସ୍.ଏସ୍.ର ବାର୍ଷିକ ପଥ ସଂଚଳନ ଓ ସାଧାରଣ ସଭା

କେନ୍ଦ୍ରାପଡ଼ା, ୨୯/୧ (ନି.ପ୍ର): ଜିଲ୍ଲା ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ ତରଫରୁ ବାର୍ଷିକ ପଥ ସଂଚଳନ ଓ ପ୍ରକଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଏକ ବିରାଟ ଶୋଭାଯାତ୍ରା ସାନ୍ତସାହି ସରସ୍ୱତୀ ଶିଶୁ ମନ୍ଦିର ନିକଟରୁ ବାହାରି ସହର ପରିକ୍ରମା କରି ସାନ୍ତସାହି, ମଢିଆଳ, ବଳଗଣ୍ଡି, ପୁରୁଣା ବସଷ୍ଟାଣ୍ଡ, ବଡହାଟ, କାକଟ ଲକ ଦେଇ ମୀରପାଟଣା, ଗୌଡଗୋପ, ନସଡିପୁର ଦେଇ କେନ୍ଦ୍ରାପଡା ବ୍ଲକ ନିକଟରେ ଥିବା ଗିରିଶ ପଡିଆରେ ପହଁଚି ଥିଲା । ସେଠାରେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ କବି ନବ ଜ୍ୟୋତି ରାୟ ଯୋଗ ଦେଇଥିବା ବେଳେ ସଂଘର ପୂର୍ବପ୍ରାନ୍ତ ସଂଘ ଚାଳକ ସମୀର କୁମାର ମହାନ୍ତି ମୁଖ୍ୟବକ୍ତା, ଜିଲ୍ଲା ସଂଘ ଚାଳକ ବିରଂଚି ନାରାୟଣ ମହାପାତ୍ର ଅଧକ୍ଷତା କରିଥିଲେ । ମୁଖ୍ୟବକ୍ତା ଶ୍ରୀ ମହାନ୍ତି ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘର ୧୦୦ ବର୍ଷ କାର୍ଯ୍ୟଧାରା ଉପରେ ଆଲୋଚନା କରିବା ସହ ଦେଶ ଗଠନରେ ଗ୍ରହଣ କରିଥିବା ବିଭିନ୍ନ ଭୁମିକା ଉପରେ ବକ୍ତବ୍ୟ ରଖିଥିଲେ । ନିଷ୍ଠା ଓ ନିରନ୍ତର ଉଦ୍ୟମ ବଜାୟ ରଖିଲେ ଦୁନିଆରେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ସଂଘ ଆସନ୍ତା ବର୍ଷ ଶତ ବାର୍ଷିକ ପାଳନ କରିବାକୁ ଥିବାବେଳେ ସଂଘ କାର୍ଯ୍ୟ ବଢାଇବା ପାଇଁ ଅଧିକ ସଂଖ୍ୟକ ବିସ୍ତାରକ ବାହାରି କାର୍ଯ୍ୟକୁ ଗତି ପ୍ରଦାନ କରିବା ଆବଶ୍ୟକ ବୋଲି ଶ୍ରୀ ମହାନ୍ତି ଉପସ୍ଥିତ ଥିବା ଲୋକ ମାନଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ସ୍ୱୟଂ ସେବକ, ବୁଦ୍ଧିଜୀବି, ପୁରୁଣା କାର୍ଯ୍ୟକର୍ତା ଓ ପ୍ରତିଷ୍ଠିତ ବ୍ୟକ୍ତିମାନେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା କାର୍ଯ୍ୟବାହ ବିନୋଦ ବିହାରୀ ନାୟକ, ଆଇନଜୀବି ସଂଜୟ କୁମାର ପତ୍ରୀ, ସୁରେଶ କୁମାର ନାୟକ, ଅଶୋକ କୁମାର ସୁଆର, ଗୋଲଖ ବେହେରା, କିଶୋର କୁମାର ପଣ୍ଡା, ସୁନାକର ବେହେରା, ବିଷ୍ଣୁ ଦାସ, ବିଶ୍ୱମ୍ବର ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ଜିଲ୍ଲା ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । କେନ୍ଦ୍ରାପଡା ଏସଡିପିଓ ଦେବେନ୍ଦ୍ର କୁମାର ମଲିକ, ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁ, ଟାଉନ ଜମାଦାର କୈଳାସ ଚନ୍ଦ୍ର ପଣ୍ଡାଙ୍କ ସମେତ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା ।

## ବଲାଙ୍ଗିର ନାଗରିକ କମିଟିର ନୂତନ କର୍ମକର୍ତା ନିର୍ବାଚନ ପ୍ରସ୍ତୁତି

ବଲାଙ୍ଗିର, ୨୯/୧ (ନି.ପ୍ର): ସିଟିଜନ କମିଟି, ବଲାଙ୍ଗିରର ନୂତନ କର୍ମକର୍ତା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ନିର୍ବାଚନ ଅଧିକାରୀ, ଅଶୋକ କୁମାର ମିଶ୍ରଙ୍କ ଠାରୁ ପ୍ରାପ୍ତ ସୂଚନା ଅନୁସାରେ, ନିମ୍ନ ସାରଣୀ ଅନୁସାରେ ନିର୍ବାଚନ କରିବା ପାଇଁ ସ୍ଥିର କରାଯାଇଛି। (୧) ପ୍ରାର୍ଥୀ ପତ୍ର ଗ୍ରହଣ ତା ୩.୨.୨୦୨୪ ଓ ତା ୧୦.୨.୨୦୨୪ ଅପରାହ୍ନ ୫ଟାରୁ ୭ଟା, (୨) ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ତା ୧୧.୨.୨୦୨୪ ଦିନ ୧୦ଟା ରୁ ୧୨ଟା ମଧ୍ୟାହ୍ନ ପର୍ଯ୍ୟନ୍ତ। (୩) ଭୋଟ ଗ୍ରହଣ ତା ୨୫.୦୨.୨୦୨୪ ୧୦ଟା ରୁ ଅପରାହ୍ନ୧ଟା । ଫଳା ଫଳ ତା ୨୫.୦୨.୨୦୨୪ ଭୋଟ ଗଣତି ସରିଲା ପରେ। (୫) ଶପଥ ଗ୍ରହଣ ତା ୨.୩.୨୦୨୪। ଯଦି ଆବଶ୍ୟକ ପଡେ ସୂଚନାରେ ଦିଆ ଯାଇଥିବା ଦିନ, ସମୟ ଆଦି ପରିବର୍ତନ କରାଯାଇପାରେ। ତେଣୁ ସିଟିଜେନ୍ ମିଟି ର ୱାଟ ସ ଅପ ଓ ସମ୍ପାଦକଙ୍କ ସଙ୍ଗେ ଯୋଗାଯୋଗ ରଖିବା ପାଇଁ ନିର୍ବାଚନ ଅଧିକାରୀ ଅଶୋକ କୁମାର ମିଶ୍ର ଅନୁରୋଧ କରିଛନ୍ତି।

# ବିଜୁଳି ଦେଖିନି ଗାଁ: ପ୍ରତିଶ୍ରୁତି ଦେଇ ଭୁଲିଗଲା ପ୍ରଶାସନ, ଡିବିରି ଆଲୁଅରେ କଟୁଛି ରାତି



ରାଉରକେଲା, ୨୯/୧ (ନି.ପ୍ର): ସ୍ମାର୍ଟସିଟି ପରେ ଚକାଚକ ହୋଇଛି ରାଉରକେଲା ସହର। ଉଜ୍ଜ୍ୱଳ ଏଲ୍ଇଡି ଆଲୁଅରେ ଝଲସୁଛି। ହେଲେ, ସହର ଉପକଣ୍ଠ ଗାଁ ଆଜି ବି ଅନ୍ଧାରରେ ରହିଛି। ବର୍ଷେ କି ଦୁଇ ବର୍ଷ ନୁହେଁ, ସ୍ୱାଧୀନତାର ପରଠୁ ଡିବିରି ଆଲୁଅରେ ଉପକଣ୍ଠ ଗ୍ରାମବାସୀଙ୍କ ରାତି କଟୁଛି। ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଠୁ ଆରମ୍ଭ କରି ରାଉରକେଲା ଓ ଲାଠିକଟା ତହସିଲଦାର ଅନେକବାର ଏସବୁ ଗାଁକୁ ଯାଇଛନ୍ତି। ଲୋକଙ୍କ ସମସ୍ୟା ବୁଲି ଦେଖିଛନ୍ତି। କେବଳ ଆଲୁଅ ନୁହେଁ, ମୌଳିକ ସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆଜି ପର୍ଯ୍ୟନ୍ତ କିନ୍ତୁ ଉପକଣ୍ଠ ଗାଁଗୁଡ଼ିକର ସ୍ଥିତି ଯେମିତିକୁ ସେମିତି। ଏହି ଉପକଣ୍ଠ ଗାଁଗୁଡ଼ିକ ହେଲା; ଝାରମୁଣ୍ଡା, ବିଜୁବନ୍ଧ, ରେଙ୍ଗାଡ଼ି ଓ କାଣ୍ଟେବସ୍ତି। ଚାରିଟି ଗାଁ ଓ ବସ୍ତିର ପ୍ରାୟ ଦେଢ଼ ହଜାରରୁ ଅଧିକ ଲୋକ ବାସ କରନ୍ତି। ପ୍ରଶାସନିକ ଅଧିକାରୀଙ୍କ ପାଦ ପଡ଼ିବା ପରେ ବିଜୁଳି ଆଲୁଅ ଦେଖିବାକୁ ଏଠାକାର ଲୋକମାନେ ଆଶା ବାନ୍ଧିଥିଲେ। ହେଲେ, ରାଜନେତାଙ୍କ ପରି ପ୍ରଶାସନିକ ଅଧିକାରୀମାନେ ମଧ ଦେଇଥିବା ପ୍ରତିଶ୍ରୁତିକୁ ସମ୍ପୂର୍ଣ୍ଣ ପାସୋରି ଯାଇଛନ୍ତି। ଫଳରେ, ପ୍ରତିଶ୍ରୁତି ଭିତରେ ଦୀର୍ଘ ୭୨ ବର୍ଷ ଧରି ସେମାନେ ଦୟନୀୟ ଜୀବନ ବିତାଉଛନ୍ତି। ସଞ୍ଜ ନଇଁଲେ ଡିବିରି ଆଲୁଅ ଏମାନଙ୍କ ପାଇଁ ଏକମାତ୍ର ସାହା ଭରସା ପାଲଟିଛି। ପିଲାଙ୍କ ପାଠପଢ଼ାଠାରୁ ଆରମ୍ଭ କରି ରାତିରେ ସମସ୍ତ କାମ ପର୍ଯ୍ୟନ୍ତ ଏହି ଡିବିରି ଆଲୁଅ ଭରସା ପାଲଟିଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଗତ ୨୦୨୩ ଅଗଷ୍ଟ ୨୯ରେ ଅତିରିକ୍ତ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର, ଆରଏସ୍ପି, ବିଜୁଳି ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ରେଙ୍ଗାଡ଼ି, ଝାରମୁଣ୍ଡା ଓ କାଣ୍ଟେ ବସ୍ତିରେ ପହଞ୍ଚିଥିଲେ। ପିଲାମାନଙ୍କୁ ଶିକ୍ଷା ବ୍ୟବସ୍ଥା ଓ ଯୁବକମାନଙ୍କୁ ଗାଁର ମୌଳିକ ସମସ୍ୟାଗୁଡ଼ିକ ସମ୍ପର୍କରେ ପଚାରି ବୁଝିଥିଲେ। ବାରମ୍ବାର ଦାବି ସତ୍ତ୍ୱେ ଏସବୁ ଗାଁକୁ କାହିଁକି ପଞ୍ଚାୟତରେ ସାମିଲ୍ କରାଯାଉ ନାହିଁ ବୋଲି ସେମାନେ ପ୍ରଶାସନିକ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ମାସେ ଦୁଇ ମାସ ମଧରେ ପର୍ଯ୍ୟାୟକ୍ରମେ ବିଜୁଳି ଆଲୋକ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ, ଇତିମଧରେ ୫ ମାସ ବିତିଯାଇଥିଲେ ହେଁ, ଚାରି ବସ୍ତି ଓ ଗାଁରେ ଗୋଟିଏ ହେଲେ ବିଜୁଳି ଖୁଣ୍ଟ ପଡ଼ିନଥିବା ସେମାନେ ଅଭିଯୋଗ କରିଛନ୍ତି। ସବୁଠୁ ଆଶ୍ଚର୍ଯ୍ୟ କଥା, ଆରଏସ୍ପି ପାଚେରିକୁ ଲାଗିଥିବା ବିଜୁବନ୍ଧ ବସ୍ତିବାସିନ୍ଦାଙ୍କୁ ମଧ ସମଦଶା ଭୋଗିବାକୁ ପଡୁଛି। କେବଳ ବିଜୁଳି ନୁହେଁ, ଗାଁକୁ ଭଲ ରାସ୍ତାଟିଏ ବି ନାହିଁ। ପାଇପ ପାଣି ଏମାନଙ୍କ ପାଇଁ ସାତ ସପନ ହୋଇଛି। 'ଜିଲ୍ଲା ପ୍ରଶାସନକୁ ଥରେ ନୁହେଁ ଅନେକବାର ଦୁଃଖ ଜଣାଇଛୁ। ସବୁକିଛି ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ଏଯାଏଁ କିଛି ହୋଇନାହିଁ,' ବୋଲି କହିଛନ୍ତି ଝାରମୁଣ୍ଡାର ଅମ୍ରିତ ମିଞ୍ଜ, ମାଇକେଲ ମିଞ୍ଜ ଓ ରେଙ୍ଗାଡି ବସ୍ତିର ବୁଧୁରାମ ଖାଲ୍କୋ।

# ଉଦ୍‌ଘାଟିତ ହେଲା ବନ୍ଧୁଘର ସାହିତ୍ୟ ଆସର



ବାଲେଶ୍ୱର, ୨୯/୧ (ନି.ପ୍ର): ବାଲେଶ୍ୱରରେ ବନ୍ଧୁଘର ସାହିତ୍ୟ ଆସର ନାମରେ ଏକ ନୂତନ ସାହିତ୍ୟ ଅନୁଷ୍ଠାନର ଏକ ଶୁଭ ଉଦ୍‌ଘାଟନୀ ବୈଠକ ଗାଳ୍ପିକା ଦେବଯାନୀ ଦାସଙ୍କ 'ଅୟେନା ଭବନ' ପରିସରରେ ପବିତ୍ର ସାଧାରଣତନ୍ତ୍ର ଦିବସ ଜାନୁଆରୀ ୨୬ ତାରିଖ ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଆବାହିକା, ଗାଳ୍ପିକା ଦେବଯାନୀ ଦାସ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ସ୍ଥଳେ ଏହାର ଉପଦେଷ୍ଟା ଅବକାରୀ ବିଭାଗର ଅବସରପ୍ରାପ୍ତ କମିଶନର ଦେବେନ୍ଦ୍ର ମହାପାତ୍ର ଏଭଳି ସାହିତ୍ୟ ଆସରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଗାଳ୍ପିକ ଉଦୟ ନାରାୟଣ ଦାସ ଓ ଲେଖକ ତଥା ପ୍ରକାଶକ କାଳୀପଦ ପଣ୍ଡା ଏଭଳି ଅନୁଷ୍ଠାନର ପ୍ରାସଙ୍ଗିକତା ସମ୍ପର୍କରେ ମତପୋଷଣ କରି ଏହା ଏକ ମହତ ପ୍ରୟାସ ଏବଂ ଏହାଦ୍ୱାରା ନିଜ ନିଜର ସୃଷ୍ଟିର ପଠନ, ଆଲୋଚନା ଓ ପାଠକୀୟ ମତର ଆଦାନପ୍ରଦାନ ପାଇଁ ସୁଯୋଗ ସୃଷ୍ଟି ହେବ ବୋଲି କହିଥିଲେ। ପ୍ରତ୍ୟେକ ମାସରେ ଦୁଇଥର ହେବାକୁ ଥିବା ଏହି ବନ୍ଧୁଘର ସାହିତ୍ୟ ଆସରରେ ମୁଖ୍ୟତଃ ଗଳ୍ପ ପାଠ ଆଧ୍ୟାତ୍ମିକ ସାହିତ୍ୟର ଚର୍ଚ୍ଚା, ପ୍ରବନ୍ଧ ପାଠ ଏବଂ ନିମନ୍ତ୍ରିତ କବିଙ୍କର କବିତାପାଠ ସହ ତାହାର ଆଲୋଚନା କରାଯିବାର ନିଷ୍ପତ୍ତି ହୋଇଥିଲା। ଆଜିର ଏହି ପ୍ରଥମ ଉଦ୍‌ଘାଟନୀ ବୈଠକରେ ଗାଳ୍ପିକା ସ୍ମୃତି ଦାସ, କବୀ ପ୍ରତୀମା ପଣ୍ଡା, ସାହିତ୍ୟ ପ୍ରାଣ ମଣିଷ ଶ୍ୟାମସୁନ୍ଦର ଦାସ, ଦିଲ୍ଲୀପ କୁମାର ଦାସ, ସୌମ୍ୟଜ୍ୟୋତି ସ, ନୀଳିମା ପାତ୍ର ପ୍ରମୁଖ ନିଜର ମତାମତ ରଖିଥିଲେ। ଭଲ ସାହିତ୍ୟ ସୃଷ୍ଟି ପାଇଁ ପ୍ରଥମେ ଜଣେ ଭଲମଣିଷ ହେବା ଆବଶ୍ୟକ, କୋମଳ ମନ ଓ ଦୟାର୍ଦ୍ର ହୃଦୟରୁ ହିଁ ସଫଳ ସାହିତ୍ୟ ସୃଷ୍ଟି ହୋଇପାରେ, ଈର୍ଷା, ହିଂସା ତଥା ଅହଂ ଭଳି ଅବଗୁଣ ସାହିତ୍ୟରେ ନକାରାତ୍ମକ ଦିଗ ସୃଷ୍ଟି କରିଥାଏ, ଯାହାକି ଆଲୋଚନାରେ ମତ ପ୍ରକାଶ ପାଇଥିଲା।

# ପ୍ରଦୂଷଣ ରୋକିବାକୁ ପ୍ରୟାସ: ପାଳକୁ ନପୋଡ଼ି ଜୈବିକ ଖତ ପ୍ରସ୍ତାବ

ବ୍ରହ୍ମପୁର, ୨୯/୧ (ନି.ପ୍ର): ସଂପ୍ରତି ରାସାୟନିକ ସାର ପ୍ରୟୋଗ ଦ୍ୱାରା ଦିନକୁ ଦିନ ମାଟିର ଉର୍ବରତା ହ୍ରାସ ପାଉଛି। ଗଞ୍ଜାମ ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ବିଭିନ୍ନ ବ୍ଲକ୍‌ର ମାଟିରେ ଲବଣ ଅଂଶ ରହିଛି। ବିଶେଷକରି ଖଲ୍ଲିକୋଟ, ଗଞ୍ଜାମ, ଛତ୍ରପୁର, ରଙ୍ଗେଇଲୁଣ୍ଡା ଓ ଚିକିଟିର ମାଟିରେ ଅଧିକ ମାତ୍ରାରେ ଲବଣ ଅଂଶ ରହିଛି। ତେଣୁ ମୃତ୍ତିକାର ଉର୍ବରତା କମିଯାଉଛି। ଏଥିପାଇଁ ଚାଷରେ ଜୈବିକ ସାର ପ୍ରୟୋଗ କରିବାକୁ ବିଭିନ୍ନ ମାଧ୍ୟମରେ ସଚେତନ କରାଯାଉଛି। ଖତ ଓ କମ୍ପୋଷ୍ଟ୍ ସାର ପ୍ରତି ଚାଷୀମାନେ ମଧ ଆକୃଷ୍ଟ ହେଉଛନ୍ତି। ବର୍ତ୍ତମାନ ଧାନପାଳରୁ ଜୈବିକ ସାର ପ୍ରସ୍ତୁତ କରିବା ପାଇଁ ଋଷିକୁଲ୍ୟା ରୟତ ମହାସଭା ଉଦ୍ୟମ ଆରମ୍ଭ କରିଛି। ବିଲରେ ପଡ଼ି ରହୁଥିବା ପାଳକୁ ନପୋଡ଼ି ତାହା କମ୍ପୋଷ୍ଟ୍ ଖତ କିମ୍ବା ଛତୁ ଚାଷରେ ବ୍ୟବହାର କରିବା ପାଇଁ ଋଷିକୁଲ୍ୟା ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ କୃଷି ବିଭାଗକୁ ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ବାୟୁ ପ୍ରଦୂଷଣକୁ ମଧ ରୋକାଯାଇପାରିବ ବୋଲି ସେ କହିଛନ୍ତି।

ଜଳବାୟୁ ପରିବର୍ତ୍ତନ ଯୋଗୁ ବର୍ଷାର ପରିମାଣ ମଧ କମିବାରେ ଲାଗିଛି। ଏହାସହ ଭୂତଳ ଜଳସ୍ତର ବି ଖସିବାକୁ ନେଇ ପରିବେଶବିତ୍ ଚିନ୍ତା ପ୍ରକଟ କରିଛନ୍ତି। ରାସାୟନିକ ସାର ପ୍ରୟୋଗ ଦ୍ୱାରା ପନିପରିବାରେ ମଧ କୌଣସି ପ୍ରକାର ଭିଟାମିନ ରହୁ ନାହିଁ। ଫଳରେ ଲୋକଙ୍କ ରୋଗ ପ୍ରତିରୋଧକ ଶକ୍ତି କମିବାରେ ଲାଗିଛି। ଏଭଳି ପରିସ୍ଥିତିର ସାମ୍ନା କରିବା ପାଇଁ ଜୈବିକ ପଦ୍ଧତିରେ ତିଆରି ହୋଇଥିବା ସାର ପନିପରିବାର ପୋଷଣ ତତ୍ତ୍ୱକୁ ବୃଦ୍ଧି କରୁଛି। ବର୍ତ୍ତମାନ ଚାଷୀମାନେ ଖତ ଓ କମ୍ପୋଷ୍ଟ୍ ସାର ବ୍ୟବହାର କରୁଛନ୍ତି।

ଏହି ଜୈବିକ ସାରରେ ପାଳ ଯୋଡ଼ି ହୋଇଛି। ଗଞ୍ଜାମ ଜିଲ୍ଲାରେ ଗାଇଗୋରୁଙ୍କ ସଂଖ୍ୟା ଢେର୍ କମିଛି। ଆଉ ପୂର୍ବଭଳି ହଳଲଙ୍ଗଳ ଜରିଆରେ ଚାଷ କାର୍ଯ୍ୟ ହେଉ ନାହିଁ। ଏବେ ଜିଲ୍ଲାରେ ପ୍ରାୟ ୧୨ ପ୍ରତିଶତ ଚାଷୀଙ୍କ ନିକଟରେ ଗାଇଗୋରୁ ଅଛନ୍ତି। ଅଧିକାଂଶ ଚାଷୀ ବିଲରେ ଟ୍ରାକ୍ଟର ଲଗାଇ ଚାଷ କରୁଛନ୍ତି। ଧାନ ଚାଷ ପରେ ଚାଷୀ ବିଲରେ ଧାନ କାଟି ରଖୁଛନ୍ତି। ସେଠାରେ ହିଁ ମେସିନ୍ ବ୍ୟବହାର କରି ଧାନ ଓ ପାଳକୁ ଅଲଗା କରି ଦିଆଯାଉଛି। ଚାଷୀ ଧାନ ସଂଗ୍ରହ କରି ନେବା ପରେ ପାଳ ବିଲରେ ଛାଡ଼ି ଦେଉଛନ୍ତି। ଯେଉଁ ଚାଷୀଙ୍କ ଗାଇଗୋରୁ ନାହାନ୍ତି, ସେମାନେ ପାଳ ନନେଇ ତାହା ପୋଡ଼ି ଦେଉଥିବା ଦେଖିବାକୁ ମିଳୁଛି। ଏହାଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହିତ ପ୍ରବଳ ଧୂଆଁ ଯୋଗୁଁ ଲୋକେ ନାନା ପ୍ରକାର ଶ୍ୱାସରୋଗର ଶିକାର ହେଉଛନ୍ତି। ସେହିପରି ବିଲ ଓ ଚାଷ କାର୍ଯ୍ୟ ଉପରେ ମଧ ଏହାର କୁପ୍ରଭାବ ପଡୁଛି।

ସରକାର ପରିବେଶଭିତ୍ତିକ ଚାଷକୁ ଗୁରୁତ୍ୱ ଦେଇ ଜୈବିକ ସାର ପ୍ରସ୍ତୁତ ଉପରେ ଚାଷୀଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ଏଣୁ ପାଳକୁ ବ୍ୟବହାର କରି କିଭଳି ଭାବେ ଜୈବିକ ସାର ପ୍ରୟୋଗ କରାଯାଇ ପାରିବ ସେ ଦିଗରେ ଦୃଷ୍ଟି ଦେବାକୁ ଶ୍ରୀ ନାହାକ ଅନୁରୋଧ କରିଛନ୍ତି। ପରିବେଶବିତ୍ ସୁଧୀର ରାଉତ କହନ୍ତି, ବିଲରେ ପାଳ ପୋଡ଼ିବା ଦ୍ୱାରା ବାୟୁ ପ୍ରଦୂଷଣ ହେଉଛି। ସେହିପରି ମାଟିରେ ରହିଥିବା ଅଣୁଜୀବଗୁଡ଼ିକ ମଧ ନଷ୍ଟ ହୋଇଯାଉଛନ୍ତି। ଯେଉଁମାନେ କି ମାଟିରେ ନାଇଟ୍ରୋଜେନ୍ ପରିମାଣ ବଜାୟ ରଖିବାରେ ବେଶ୍ ଉପଯୋଗୀ ହୋଇଥାନ୍ତି। ଏଣୁ ପାଳ ନପୋଡ଼ି ତାକୁ କମ୍ପୋଷ୍ଟ୍ ଖତ ଭାବେ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ଆଇଆଇସି ନିର୍ମାଣ ନିମନ୍ତେ ରାୟଗଡ଼ା ଜିଲ୍ଲାରେ ମିଳିପାରୁନାହିଁ ୨୫ ଏକର ଜାଗା



ରାୟଗଡା, ୨୯/୧ (ନି.ପ୍ର): ରାଜ୍ୟରେ ଦିବ୍ୟାଙ୍ଗମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରିବା, ସେମାନଙ୍କର ଉନ୍ନତି ଏବଂ ତାଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବହୁ ଯୋଜନା ପ୍ରଣୟନ କରାଯାଇଛି। ଅନୁରୂପ ଭାବେ ରାୟଗଡା ଜିଲ୍ଲାରେ ମଧ ଦିବ୍ୟାଙ୍ଗଙ୍କ କଲ୍ୟାଣ ନିମନ୍ତେ ଜିଲ୍ଲା ପ୍ରଶାସନ ସରକାରଙ୍କ ସମସ୍ତ ଯୋଜନା ଫଳପ୍ରଦ ଭାବେ କାର୍ଯ୍ୟ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଏହି କ୍ରମରେ ରାୟଗଡା ଜିଲ୍ଲାରେ ମଧ ସରକାରୀ ବିଭାଗୀୟ ଯୋଜନାରେ ସେମାନଙ୍କୁ ସାମିଲ କରାଯାଇ ସେମାନଙ୍କ ଦକ୍ଷତା ବିକାଶ କରିବା ସହ ସେମାନଙ୍କ ଆର୍ଥିକ ସ୍ୱଚ୍ଛଳତା ଉପରେ କାର୍ଯ୍ୟ କରାଯାଉଥିବାରୁ ଉପକୃତ ହେଉଛନ୍ତି ଜିଲ୍ଲାର ଦିବ୍ୟାଙ୍ଗ ଭାଇଭଉଣୀମାନେ। ରାୟଗଡା ଜିଲ୍ଲାରେ ମଧ ୨୫ଏକର ଜାଗାରେ ଇଂଟିଗ୍ରେଟେଡ୍ ଇନଫ୍ରାଷ୍ଟକଚର କଂପ୍ଲେକ୍ସ (ଆଇଆଇସି) ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନକୁ ଜାଗା ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିବା ନେଇ ଦିନିକିଆ ରାୟଗଡା ଜିଲ୍ଲା ଗସ୍ତରେ ଆସି ବିଭାଗୀୟ ମନ୍ତ୍ରୀ ଅଶୋକ ପଣ୍ଡା ପ୍ରକାଶ କରିଥିଲେ। ତେବେ ଏହି କଂପ୍ଲେକ୍ସ ନିମନ୍ତେ ଆବଶ୍ୟକ ପଡୁଥିବା ୨୫ଏକର ଜାଗା ନିମନ୍ତେ ବିଭାଗୀୟ ଅଧିକାରୀ ତହସିଲଦାରମାନଙ୍କୁ ଚିଠି କରିଥିଲେ ସୁଦ୍ଧା କିଛି ଉତ୍ତର ମିଳି ନ ଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ଏହି କଂପ୍ଲେକ୍ସ ନିର୍ମାଣ ହେଲେ ବରିଷ୍ଠ ନାଗରିକ, ଦୃଷ୍ଟିବାଧିତ, ଶ୍ରବଣ ବାଧିତ ଓ ମାନସିକ ଭିନ୍ନକ୍ଷମ ରୋଗୀମାନଙ୍କୁ ଆଶ୍ରୟ ମିଳପାରିବ। ରାୟଗଡ଼ା ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଜିଲ୍ଲାର ଜାତୀୟ ସାମାଜିକ ସହାୟତା ଯୋଜନା (ଏନଏସଏପି)ରେ ୪୮୧୮୪ଜଣ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ୨୩୮୮୦ ଜଣ ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା, ୧୮୦୦ଜଣ ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା ଆକାରରେ ସମୁଦାୟ ୭୩୮୬୪ଜଣ ହିତାଧିକାରୀ ଉପକୃତ ହେଉଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ସେହିପରି ମଧୁବାବୁ ପେନସନ୍ ଯୋଜନାରେ ଜିଲ୍ଲାର ୧୧ଗୋଟି ବ୍ଲକର ୭୬୧୭୮ଜଣ ହିତାଧିକାରୀ ଅନଲାଇନରେ ଯୋଡି ହୋଇଥିବା ବେଳେ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଆର୍ଥିକ ୨୦୨୩-୨୪ବର୍ଷରେ ୫୦୬ଜଣ ହିତାଧିକାରୀ ଡିବିଟି ମାଧମରେ ସହାୟତା ପାଇଛନ୍ତି। ଜିଲ୍ଲାରେ ଗତ ୨୦୨୩ ବର୍ଷ ଡିସେମ୍ବର ମାସ ୩୦ତାରିଖ ସୁଦ୍ଧା ୧୯୮୭୩ଜଣ ଅନଲାଇନ ମାଧମରେ ସ୍ୱତନ୍ତ୍ର ଭିନ୍ନକ୍ଷମ ପରିଚୟ ପତ୍ର ପାଇଁ ନିଜ ନାମ ପଂଜୀକୃତ କରିଥିବା ବେଳେ ୧୧୮୯୨ଜଣଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି ଏବଂ ୭୦୮୨ଜଣଙ୍କ ଆବେଦନ ନାକଚ ହେବା ସହ ବଳକା ୮୯୯ଜଣଙ୍କ ପରିଚୟ ପତ୍ର ବଂଟନ ପାଇଁ ନିର୍ଦ୍ଧାରିତ ହୋଇ ରହିଥିବା ଜଣାପଡିଛି। ଆଦିବାସୀ ବହୁଳ ରାୟଗଡା ଜିଲ୍ଲାରେ ବିଭାଗ ପକ୍ଷରୁ ବିଭିନ୍ନ ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଅଭିଯାନ ଶିବିର ଅନୁଷ୍ଠିତ ହୋଇ ଭିନ୍ନକ୍ଷମମାନଙ୍କୁ ସାମଗ୍ରୀ ବଂଟନ କରାଯାଉଛି। ସେହିପରି ଜିଲ୍ଲାରୁ ୧୦ଜଣଙ୍କୁ ବିବାହ ପ୍ରୋତ୍ସାହନ ଆର୍ଥିକ ରାଶି ବଂଟନ କରାଯାଇଥିବା ବେଳେ ସ୍ୱୀକୃତି ଯୋଜନାରେ ୧୮୩ଜଣ କିନ୍ନରଙ୍କୁ ଚିହ୍ନଟ କରାଯାଇଥିବା ଜଣାପଡିଛି। ଏମାନଙ୍କ ମଧରେ ୧୨ଟି ଏସଏଚଜି ଗ୍ରୁପ୍ ଗଠନ କରାଯାଇଥିବା ବେଳେ କିନ୍ନର ପ୍ରମାଣ ପତ୍ର ନିମନ୍ତେ ୧୪୫ଜଣ ଆବେଦନ କରିଛନ୍ତି। ଏଥିସହ ୧୦୨ଜଣ କିନ୍ନରଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ଭତ୍ତା ପ୍ରଦାନ କରାଯାଉଛି। ଆର୍ଥିକ ବର୍ଷ ୨୦୨୨-୨୩ରେ ୪୬୧ଜଣଙ୍କୁ ବାଣୀଶ୍ରୀ ବିଦ୍ୟାବୃତ୍ତି ପ୍ରଦାନ କରାଯାଉଥିବା ବେଳେ ଯୁକ୍ତ ୩ ତଥା ତଦୁର୍ଦ୍ଧ ପାଠ ପଢୁଥିବା ୪୦ ପ୍ରତିଶତରୁ ଉର୍ଦ୍ଧ୍ୱ ଥିବା ଦୃଷ୍ଟିବାଧିତ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଲାପଟପ୍ ବଂଟନ କରାଯାଇଥିବା ନେଇ ବିଭାଗୀୟ ସୂତ୍ରରୁ ଜଣାପଡିଛି।

# ବାରିଦା ଗ୍ରାମରେ ମୁନି ସମାଜର ବ୍ରହ୍ମଯଜ୍ଞ



ମଥାନି , ୨୯/୧ (ନି.ପ୍ର): ବାରିଦା ଗ୍ରାମନିବାସୀ ଦିବଂଗତ ମୁନି ରମାକାନ୍ତ ଜେନାଙ୍କର ପ୍ରଥମ ଶ୍ରଦ୍ଧାଞ୍ଜଳୀ ଦିବସ,ଯୋଗୀ ଶିରୋମଣି, ଆତ୍ମଜ୍ଞାନୀ ଯୋଗୀ ଅରୁଣ ମୁନିଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ଅତିଥି ହିସାବରେ ଯୋଗଦାନ କରିଥିଲେ, ହାତିଆଡିହା ଶିବମୁନି ଯୋଗାଶ୍ରମ ର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ। ବକ୍ତା ହିସାବରେ ଯୋଗଦାନ କରିଥିଲେ,ମେଳକ ଶିବମୁନି ଯୋଗାଶ୍ରମ ରୁ ଆସିଥିବା ଆତ୍ମଜ୍ଞାନୀ ଯୋଗୀ ଅନ୍ତର୍ଯ୍ୟାମୀ ମୁନିଜୀ ମହୋଦୟ।ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ ପରମ ପୂଜ୍ୟମାତା ଯୋଗ ଶିକ୍ଷୟତ୍ରୀ ହିରାମଣୀ ଜେନା ମହୋଦୟା । ସମ୍ମାନୀତ ଅତିଥି ହିସାବରେ ଯୋଗଦାନ କରିଥିଲେ, ପରମ ସମ୍ମାନନୀୟ ମୁନିରାଜ ଦାଶରଥି ରାଉତ୍ ମହୋଦୟ । ଉପସ୍ଥିତ ଥିଲେ,ମୁନି ମଦନ ଚରଣ ଜେନା,ମୁନିରାଜ ସଦାଶିବ ଜେନା, ମୁନି ପଞ୍ଚାନନ ଜେନା, ମୁନି କୃଷ୍ଣ ଜେନା, ମୁନିମତୀ ପ୍ରତିମା ଜେନା, ମୁନିମତୀ ଲତିକା ଜେନା, ମୁନିମତୀ ବନିତା ଜେନା, ମୁନିମତୀ ଝଉନଉମଣ ଜେନା , ମୁନିମତୀ ଝୁନୁମଣୀ ଜେନା, ମୁନିମତୀ ଦିପ୍ତିମୟୀ ଜେନା, ମୁନିମତୀ ମାମାଶ୍ରୀ ଜେନା, ମୁନିମତୀ ରଶ୍ମିତା ଜେନା, ମୁନିକୁମାରୀ ସରସ୍ୱତୀ ଜେନା, ମୁନିକୁମାର କରନ୍ ଜେନା, ମୁନିକୁମାର ଜୟଦୀପ ଜେନା, ମୁନିକୁମାର ଜୟ ଜିତ୍ ଜେନା, ମୁନି ଗଗନ ଜେନା, ମୁନି ଅର୍ଜୁନ ଜେନା ପ୍ରମୁଖ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଦିବଂଗତ ରମାକାନ୍ତ ବାବୁ ଙ୍କ ଫଟୋ ଚିତ୍ରରେ ଉପସ୍ଥିତ ସମସ୍ତେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ସୂକ୍ଷ୍ମ ଶରୀରରେ ଥାଇ ପରିବାର ପ୍ରତି ତାଙ୍କର ଶୁଭ ଆଶିର୍ବାଦ ପ୍ରଦାନ ସମସ୍ତେ ଅନୁଭବ କରିଥିଲେ। ପରିବାରର ସମସ୍ତେ ଏକାନ୍ନରେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ରହିବେ ବୋଲି, ସମସ୍ତ ଭାଇମାନେ, ବୋହୂମାନେ, ଆଜିର ଏହି ଦିନରେ ଦୃଢ଼ ଶପଥ ନେଇଥିଲେ। ଯାହାକୁ ଉପସ୍ଥିତ ସମସ୍ତେ ଭୁରୀଭୁରୀ ପ୍ରଶଂସା କରିଥିଲେ । ମୁନି ସମାଜର ଯମ ନିୟମ ପାଳନ ପୂର୍ବକ ପ୍ରତିଦିନ ଯୋଗ ସାଧନ କରି ଚାଲିଲେ, ଶାରିରୀକ ମାନସିକ ପାରିବାରିକ ଆର୍ଥିକ ତଥା ସାମାଜିକ ସୁଖ ଶାନ୍ତି ଆନନ୍ଦରେ ସମସ୍ତେ ନିଶ୍ଚୟ ରହିବେ ଏହା ବକ୍ତାମାନେ ମତବ୍ୟକ୍ତ କରିଥିଲେ।ଶେଷରେ ମୁନିରାଜ ସଦାଶିବ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ନିଖିଳ ଉତ୍କଳ ସୁଣ୍ଡି ସମାଜର ପ୍ରଥମ ସମ୍ମିଳନୀ୨୦୨୪ ବାଲେଶ୍ୱରରେ ଉଦ୍‌ଘାଟିତ




ବାଲେଶ୍ୱର, ୨୯/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାଲେଶ୍ୱର ସ୍ଥିତ ଷ୍ଟେସନ କ୍ଲବରେ ସଭାପତି ବିକ୍ରମ କିଶୋର ସାହୁଙ୍କ ଅଧ୍ୟକ୍ଷତାରେ ସୁଣ୍ଡି ସମାଜ ପ୍ରଥମ ଉଦ୍ଘାଟନ ସମ୍ମିଳନୀ ଅନୁଷ୍ଠିତ ହୋଇଯଇଛି । ଜେନେରାଲ ସେକ୍ରେଟାରୀ ଉଦୟ ନାଥ ସାହୁ , ସେକ୍ରେଟାରୀ ପ୍ରଭାତ କୁମାର ସାହୁ , ଷ୍ଟେଟ ସଭାପତି ମଙ୍ଗରାଜ ସାହୁ ଉପସ୍ଥିତ ରହି ସୁଣ୍ଡି ସମାଜ ବିଷୟରେ ଆଲୋଚନ କରିଥିଲେ । ଏପରିକି ସୁଣ୍ଡି ସମାଜ ଏକ ହୈକ୍ଷତ୍ରିୟୋ ବୋଲି ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ସୁଣ୍ଡି ସମାଜ ପରିବାର ର ଗରିବ ଲୋକ ଓ ମେଧାବୀ ଛାତ୍ର ଛାତ୍ରୀ ମାନେ କିପରି ଶିକ୍ଷା ପାଇ ପାରିବେ ସେ ବିଷୟରେ ଆଲୋଚନା କରିଥିଲେ । ସୁଣ୍ଡି ସମାଜ ଓଡ଼ିଶାରେ କିପରି ବହୁ ଆଗକୁ ଯାଇପାରିବ ସେ ବିଷୟରେ ବର୍ଣ୍ଣନା କରିଥିଲେ । ଏହି ସମ୍ମିଳନୀ ରେ ବହୁ ଗୁଣି ଜ୍ଞାନୀ ବ୍ୟକ୍ତି ଯୋଗଦେଇ ନିଜର ମତବ୍ୟକ୍ତ କରିଥିଲେ । ଏପରିକି ବାଲେଶ୍ୱର ଜିଲ୍ଲାର ସଭାପତି ଅଶ୍ୱିନୀ କୁମାର ସାହୁ ଓ ସେକ୍ରେଟାରୀ ଜ୍ଞାନରଞ୍ଜନ ମଣ୍ଡଳ , ଆସିଷ୍ଟାଣ୍ଟ ସେକ୍ରେଟାରୀ ଅନିରୁଦ୍ଧ ବେହେରା , ଟ୍ରାଜେରେର ରାଜେନ୍ଦ୍ର ସାହୁ , ଉପସଭାପତି ମଦନମୋହନ ସାହୁ , ମହିଳା ମୋର୍ଚ୍ଚା ସେକ୍ରେଟାରୀ ପ୍ରମିଳା ବେହେରା ଓ ରାଜ କିଶୋର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସମ୍ମିଳନୀରେ ସହଯୋଗ କରିଥିଲେ।

# ଗୋରୁ ଓ ଗୋମାଂସ, ଚମଡା ଜବତ ଘଟଣା: ୮ଗିରଫ

ଖୋର୍ଦ୍ଧା, ୨୯/୧ (ନି.ପ୍ର): ଖୋର୍ଦ୍ଧାରେ ଗୋଚାଲାଣ ଏବଂ ଗୋମାଂସ ଚାଲାଣ ବଢିବାରେ ଲାଗିଛି । ଜାତୀୟ ରାଜପଥ ଏମାନଙ୍କ ପାଇଁ ଗଳାବାଟ ସାଜିଛି । ଏମାନଙ୍କୁ ଧରିବା ଲାଗି ଏସପିଙ୍କ ନିଦ୍ରେ୍ଦଶକ୍ରମେ ଗଠିତ ସ୍ୱତନ୍ତ୍ର ଟିମ ବିଭିନ୍ନ ସ୍ଥାନରେ ଚଢଉ କରୁଛି । ରବିବାର ଭୋର ସମୟରେ ୧୬ ନମ୍ବର ଜାତୀୟ ରାଜପଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ୧୫ଟି ଷଣ୍ଢ ଏସି କଂଟେନର ଏବଂ ଶିଳ୍ପାଂଚଳ ଥାନା ପେଟ୍ରୋଲ ପମ୍ପ ନିକଟରୁ ଏକ ଗୋମାଂସ ଭର୍ତି ଆଇଚର ଗାଡି କୁ ପୁଲିସ ଜବତ କରିଛି । ଗୋରୁ କଲିକତା ଏବଂ ଗୋମାଂସ ହାଇଦ୍ରବାଦ ଚାଲାଣ ହେଉଥିଲା । ଆଦର୍ଶ ଥାନା ପୁଲିସ ଷଣ୍ଢଙ୍କୁ ଜବତ କରି ଭୁବନେଶ୍ୱର ସ୍ଥିତ ଗୋଶାଳାକୁ ପଠାଇଛି । ଏହି ଘଟଣାରେ କଂଟେନର ଡ୍ରାଇଭର ଆନ୍ଧ୍ରପ୍ରଦେଶ ନେଲୁ ର ପେଡାପଡୁ ର ଏମ. କିରଣ କୁମାର(୩୬) ଓ ସହଯୋଗୀ ସିଏଚ. ମୂରଲୀ କ୍ରୀଷ୍ଣା (୩୫) କୁ ପୁଲିସ ଗିରଫ କରିଛି । ଗୋରୁ ଗାଡିକୁ ସୁଇଫ୍ଟ କାର ରେ ଏସକଟ ଦେଉଥିବା ୨ଜଣ ଉତରପ୍ରଦେଶ ସାହାରାନାପୁର ର ମହମ୍ମଦ ରିହାନ (୩୪) ଏବଂ ମହମ୍ମଦ ଅଲତାବ (୩୫) ପୁଲିସ ଗିରଫ କରିଛି । ସେମାନଙ୍କଠାରୁ ଏସକଟ ଦେଉଥିବା କାର ଓ କଂଟେନର କୁ ପୁଲିସ ଜବତ କରିଛି । ସେହିପରି ଶିଳ୍ପାଂଚଳ ପୁଲିସ ଗତକାଲି ୧୩ଟନ ଗୋମାଂସ ବୋଝେଇ ଆଇଚର ଓ ୧୦ଟନ ବୋଝେଇ ଗୋରୁ ଚର୍ମ ଓ ପୁଟା ବୋଝେଇ ଆଇଚର ଜବତ ଘଟଣାରେ ପୁଲିସ ୪ଜଣଙ୍କୁ ଗିରଫ କରିଛି । ଗିରଫ ମଧ୍ୟରେ ଗୋମାଂସ ବୋଝେଇ ଆଇଚର ର ଡ୍ରାଇଭର ଆନ୍ଧ୍ରପ୍ରଦେଶ କଡପା ର ଖଲିଲ ଏସ (୨୫) ଏବଂ ଗୋ ଚର୍ମ ବୋଝେଇ ଗାଡିରୁ ପଶ୍ଚିମବଙ୍ଗ ମାଲଦା ର ଅକିତୁଲ ସେକ୍ (୨୮) ଓ ତାଇମୁର ସେକ୍ (୪୫), ରାୟଗଞ୍ଜ ର ଏମଡି ମୁରତୁଲ ଆନସାରୀ (୪୦) ରହିଛନ୍ତି । ସେମାନଙ୍କ ଠାରୁ ପୁଲିସ ୨ଟି ଆଇଚର ଗାଡି କୁ ଜବତ କରିଛି । ୨୪/୨୪ ଓ ୨୫/୨୪ ରେ ଦୁଇଟି ପୃଥକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

# ୭୫ ତମ ସାଧାଣତନ୍ତ୍ର ଦିବସ ପ୍ରତିମା ସେବା ସଦନରେ ପାଳିତ



ବାଲେଶ୍ୱର, ୨୯/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ତେଲେଙ୍ଗା ସାହି ସ୍ଥିତ ପ୍ରତିମା ସେବା ସଦନରେ ସମାଜ ସେବୀ ଶ୍ରୀମତୀ ବସନ୍ତ ଲତା ପଟ୍ଟନାୟକଙ୍କ ବାସ ଭବନରେ ୭୫ ତମ ସାଧାଣତନ୍ତ୍ର ଦିବସ ମହା ଆଡମ୍ବରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ବହୁ ବୁଦ୍ଧିଜୀବୀ ଗୁଣି ଜ୍ଞାନୀ ଲୋକ ମଧ୍ୟ ଉପସ୍ଥିତ ରହି ପତାକା ଉତ୍ତୋଳନ ରେ ସହଯୋଗ କରିଥିଲେ । ଏପରିକି ଦେଶର ମହା ପୁରୁଷ ମାନଙ୍କ ବିଷୟରେ ବର୍ଣ୍ଣନା ଓ ସମ୍ବିଧାନ ଗଠନ , ଓ ସମ୍ବିଧାନ କୁ କିପରି ମନି ଚାଲିବା ସେ ବିଷୟରେ ଆଲୋକପାତ କରିଥିଲେ । ଏହି ଉତ୍ସବ ଅବସରରେ ଅନୁଷ୍ଠାନ ରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପ୍ରବୋନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଓ ସାଂସ୍କୃତିକ କାୟ୍ୟକ୍ରମମାନ ଅନୁଷ୍ଠିତ ହେଇଥିଲା । ସର୍ବଶେଷରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛତ୍ରୀମାନଙ୍କୁ ପୁରସ୍କାର ବିତରଣ ଏବଂ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଚାନ୍ଦ୍ରାୟ ହେମ୍ବ୍ରମ ଓ ସମସ୍ତ ଅନୁଷ୍ଠାନର ପିଲା ମାନେ ପରିଚାଳନା କରିଥିଲେ।

# ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ ଅନୁଷ୍ଠିତ

କୋରାଇ, ୨୯/୧ (ନି.ପ୍ର): ପାଣିକୋଇଲିର ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଗାୟତ୍ରୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୂଖ୍ୟ ଅତିଥି ଭାବେ ସାଂସଦ ଶର୍ମିଷ୍ଠା ସେଠୀ ଯୋଗ ଦେଇଥିବାବେଳେ ସ୍ୱତନ୍ତ୍ର ସମ୍ମାନୀତ ଅତିଥି ଭାବେ କୋରାଇ ବିଧାୟକ ଅଶୋକ କୁମାର ବଳ ଓ ମୁଖ୍ୟବକ୍ତା ଭାବେ କୋରାଇ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ସମ୍ମାନୀତ ଅତିଥି ଭାବେ ପାଣିକୋଇଲି ସରପଂଚ ପଦ୍ମାବତୀ ପଣ୍ଡା,ଓ ସମିତି ସଭ୍ୟା ସୁଜାତା ଘଡ଼ାଇ ଯୋଗ ଦେଇଥିଲେ। ବିଦ୍ୟାଳୟ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥିବା କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ପ୍ରତାପ ଚନ୍ଦ୍ର ପହୀ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ପରମ୍ପରା ଓ ସଂସ୍କୃତିର ପୁନରୁଦ୍ଧାର ପାଇଁ ଶାଳବଣୀରେ ନିଆରା ବନ୍ଧୁମିଳନ



ନୀଳଗିରି , ୨୯/୧ (ନି.ପ୍ର): ପାରମ୍ପରିକ ମାଦଳର ତାଳେ ତାଳେ ଏବଂ ଆଦିବାସୀ ସଙ୍ଗୀତର ମୂର୍ଚ୍ଛାନାରେ ଝୁମିଲା ବଣ ପାହାଡଘେରା ଶାଳବଣି ଗାଁ। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ ନିକଟ ସ୍ୱର୍ଣ୍ଣଚୁଡ଼ ପାହାଡ଼ ଓ ତତ୍ ସଂଲଗ୍ନ ଜଙ୍ଗଲର ସ୍ୱର୍ଗୀୟ ଅପରୂପ ସୌନ୍ଦର୍ଯ୍ୟରେ ଭରପୂର ବଣମୁଲକର ଗାଁ ଶାଳବଣିରେ ବହୁ ପ୍ରାଚୀନ ଭୂମିଜ ଆଦିବାସୀ ସଂପ୍ରଦାୟର ଲୋକ ବସବାସ କରନ୍ତି। ଏପରି ଏକ ମନମୁଗ୍ଧକର ପରିବେଷ୍ଟନିରେ ବଣଧୂଳିର ଫୁଲ ଅନୁଷ୍ଠାନ ଦ୍ୱାରା ରବିବାର ଆୟୋଜିତ ହୋଇଥିଲା ଏକ ବନ୍ଧୁ ମିଳନ ଉତ୍ସବ। ମୁଖ୍ୟ ଉଦ୍ଦେଶ୍ୟ ଥିଲା ଉକ୍ତ ଅଞ୍ଚଳରେ ବସବାସ କରୁଥିବା ଭୂମିଜ ଆଦିବାସୀ ସଂପ୍ରଦାୟର ପାରମ୍ପରିକ ଚଳଣି, ବେଶଭୂଷା, ନୃତ୍ୟ, ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ପୁନଃରୁଦ୍ଧାର। ଏଥିସହିତ ଉକ୍ତ ସଂପ୍ରଦାୟର ମୁଖ୍ୟ ଦେବତା 'ଗଟବଙ୍ଗା'ପୀଠର ଉନ୍ନତିକରଣ। ଏହି ଉପଲକ୍ଷେ ବାଲେଶ୍ୱର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ମଦନ ମୋହନ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ଉତ୍ସବ ସ୍ଥଳକୁ ଆଦିବାସୀ ନୃତ୍ୟ ଗୀତର ତାଳେତାଳେ ଆଦିବାସୀ ରମଣୀମାନେ ପାଛୋଟି ନେଇ ପାଦ ଧୋଇଦେଇ ସଭାମଞ୍ଚରେ ବସାଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ ଯୋଗ ଦେଇଥିଲେ।ଆଦିବାସୀ ସଂପ୍ରଦାୟର ଭାଷା, ସାହିତ୍ୟ, ପରମ୍ପରା ଏବଂ ସର୍ବୋପରି ଆଦିବାସୀ ସଂପ୍ରଦାୟର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ହୋଇପାରିଲେ ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୋଇପାରିବେ ବୋଲି ଆୟୋଜିତ ବନ୍ଧୁମିଳନ ମଞ୍ଚରେ ମୁଖ୍ୟଅତିଥି ମତପ୍ରକାଶ କରିଥିଲେ। ଆୟୋଜକ 'ବଣ ଧୂଳିର ଫୁଲର'ର ପ୍ରତିଷ୍ଠାତା ଓଡ଼ିଶା ସରକାରଙ୍କ ଆଇନ ବିଭାଗର ଆର୍ଥିକ ଉପଦେଷ୍ଟା ତଥା ସହକାରୀ ସଚୀବ ବାସନ୍ତୀମଣି ସିଂ ଏବଂ ଅନ୍ୟତମ ପ୍ରତିଷ୍ଠାତା ସାମାଜିକକର୍ମୀ ବିଜୟ କୁମାର ଆଚାର୍ଯ୍ୟ ଉପସ୍ଥିତ ରହି ମୁଖ୍ୟଅତିଥି ଶ୍ରୀଯୁକ୍ତ ମାଝିଙ୍କୁ ପରିବେଶ ସୁରକ୍ଷା ସହିତ ଆଦିବାସୀ ସଂପ୍ରଦାୟରେ ରହିଥିବା ବାଲ୍ୟବିବାହ ଭଳି କୁପ୍ରଥା ଉପରେ ସଚେତନ ସହ ଉକ୍ତ ଅଂଚଳରେ ଥିବା ବହୁ ଆଦିବାସୀ ଦେବଦେବୀ ପୀଠ ଗୁଡ଼ିକର ପୁନରୁଦ୍ଧାର ସହ ଆର୍ଥିକ ଅନୁଦାନ ପାଇଁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରେଣ୍ୟଅତିଥି ଭାବେ ରାଜ୍ୟ ଔଷଧୀୟ ବୃକ୍ଷ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ରାଜ୍ୟ ବାଉଁଶ ମିଶନର ନିର୍ଦ୍ଦେଶକ ସୁଦୀପ କୁମାର ନାୟକ, ରାଜ୍ୟ ବାରକାଉସିଲର ପୂର୍ବତନ ଉପସଭାପତି ତଥା ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମିଳନ କୁମାର ବଡୁ, ନାକ ଉପଦେଷ୍ଟା ତଥା ଶ୍ରୀମନ୍ଦିର କରଣୀ ସେବକ ଦିଲ୍ଲୀପ ମଙ୍ଗରାଜ, ଜାତୀୟ ଅନୁଷ୍ଠାନ'ଗୁଞ୍ଜ'ର ରାଜ୍ୟ ସଂଯୋଜକ ସୁରେଶ କୁମାର, ଟାଟା ଷ୍ଟିଲର ପରିଚାଳକ ପ୍ରଭାତ କୁମାର ଦାସ, ଔଷଧ ବିତରକ ରଞ୍ଜିତ ସାମଲ, ବାଲେଶ୍ୱର ଜିଲ୍ଲାର ଓମ୍ବୁଡସମ୍ୟାନ ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟର ଭୁତପୂର୍ବ ସିନେଟ ସଦସ୍ୟ, ବାଲେଶ୍ୱର ଜିଲ୍ଲାର ଶିଶୁ ମଙ୍ଗଳ ସମିତିର ଭୁତପୂର୍ବ ସଦସ୍ୟ ଗାନ୍ଧିବାଦୀ ସାମାଜିକ କର୍ମୀ ହରିଶ୍ଚନ୍ଦ ରାଜ ଓ ବଣ ଧୂଳିର ଫୁଲର ଶିଶୁ ଅଧିକାର ସାମାଜିକ କର୍ମୀ କବିତା ସିଂ ପ୍ରମୁଖ ଉପସ୍ଥିତ ରହି ଆଦିବାସୀ ମାନଙ୍କର ପାରମ୍ପରିକ ନୃତ୍ୟଗୀତରେ ସାମିଲ ରହିବା ସହିତ ସେମାନଙ୍କର ପରମ୍ପରାକୁ ଅନୁଧାନ କରିଥିଲେ। 'ବଣଧୂଳିର ଫୁଲ'ର ମୁଖ୍ୟ ପରିଚାଳକ ବାଇଧର ସିଂ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଗୁଞ୍ଜ୍ ତରଫରୁ ୨୦ଜଣ ଆଦିବାସୀ ବୃଦ୍ଧବୃଦ୍ଧା ମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବିଜେଡି ଓ ବିଜେପି ଉପରେ...

କଂଗ୍ରେସ ଗରିବଙ୍କ ପାଇଁ ଯୋଜନା ଆଣିଛି, କାମ ଦେଇଛି, ଭୋକ ଦୂର କରିଛି । ନବୀନ ସରକାର ଓଡ଼ିଶାରେ ଜଳସେଚନ, ଶୀତଳ ଭଣ୍ଡାର କରିବାକୁ କହିଥିଲା କିନ୍ତୁ ହୋଇଛି କି ? ଓଡ଼ିଶାବାସୀଙ୍କୁ ୨୪ ବର୍ଷ ହେବ ମିଛ କହୁଛି କିଏ ? ଓଡ଼ିଶାରେ ୪୫ ଲକ୍ଷରୁ ଅଧିକ ଯୁବବର୍ଗ ବେକାରୀ ହୋଇଛନ୍ତି । ପ୍ରତି ବିଭାଗରେ ପଦବୀ ଫାଙ୍କା ପଡିଛି । କିନ୍ତୁ ଚାକିରି କାହିଁକି ମିଳୁନି ? ତେଣୁ କଂଗ୍ରେସକୁ ଦୋଷ ଦେବା ବନ୍ଦ କରନ୍ତୁ ବିଜେଡି ସରକାର । ପାର୍ଟନରସିପରେ ସରକାର ଚାଲିଛି ବୋଲି କହି କଟାକ୍ଷ କରିଛନ୍ତି ମଲ୍ଲିକାର୍ଜୁନ ଖଡଗେ ।

## ୫ଟି ପ୍ରସ୍ତାବ ଉପରେ...

ଜମି କିଣି ପାରିବେ ନାହିଁ। ଆଦିବାସୀ ଏସଏସଜି ମହିଳା ବନଜାତ ଦ୍ରବ୍ୟ ଟିଡିସିସିକୁ ବିକ୍ରି କରିପାରିବେ। ଏଥିପାଇଁ ଶହେ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରାଯାଇଛି। ଏହାର ଲାଭାଂଶ ଡିବିଟି ଜରିଆରେ ଦିଆଯାଇପାରିବ। ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହେଲା ଆଦିବାସୀଙ୍କ ଜମି କିଣାବିକା ନିୟମକୁ ପ୍ରତ୍ୟାହାର କରାଯାଇଛି। ସାଧାରଣ ବର୍ଗଙ୍କୁ ଆଦିବାସୀମାନେ ଜମି ବିକ୍ରି କରିପାରିବା ନେଇ ହୋଇଥିବା ନିଷ୍ପତ୍ତି ସରକାର ପ୍ରତ୍ୟାହାର କରିଛନ୍ତି। ସେହିପରି ଗଠନ ହେବ ଆଦିବାସୀ ଭାଷା କମିଶନ। ଆଦିବାସୀ ଭାଷାର ସଂରକ୍ଷଣ ଓ ପ୍ରସାର ପାଇଁ ଏହି କମିଶନ କାମ କରିବ। ମୁଣ୍ଡାରି, ହୋ, କୁଇ, ସଉରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ଦେବା ଲାଗି କେନ୍ଦ୍ର ସରକାରଙ୍କୁ ସୁପାରିଶ କରିବେ ରାଜ୍ୟ ସରକାର। ଏ ସଂପର୍କିତ ପ୍ରସ୍ତାବକୁ କ୍ୟାବିନେଟରେ ମଞ୍ଜୁରୀ ମିଳିଛି।

## ଖାଲି ହେବ ଓଡ଼ିଶାର ୩ ରାଜ୍ୟସଭା ...

ପାଇଁ ଫେବ୍ରୁଆରୀ ୮ରେ ପ୍ରକାଶ ପାଇବ ବିଜ୍ଞପ୍ତି। ଫେବ୍ରୁଆରୀ ୧୫ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ବୋଲି କୁହାଯାଇଛି। ଫେବ୍ରୁଆରୀ ୧୬ରେ ନାମାଙ୍କନ ପତ୍ର ଯାଞ୍ଚ ହେବାକୁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ୨୦ ସୁଦ୍ଧା ନାମାଙ୍କନ ପ୍ରତ୍ୟାହାର କରି ପାରିବେ ପ୍ରାର୍ଥୀ। ଏହାପରେ ୨୭ ତାରିଖରେ ହେବ ଭୋଟ ଗ୍ରହଣ। ସୂଚନାଯୋଗ୍ୟ, ଅମର ପଟ୍ଟନାୟକ ବିଜେଡି ତରଫରୁ ରାଜ୍ୟସଭାକୁ ୨୦୧୯ ଜୁନ ୨୯ ତାରିଖରେ ଯାଇଥିଲେ। ସେହିପରି ପ୍ରଶାନ୍ତ ନନ୍ଦ ୨୦୧୬ ଏପ୍ରିଲ ୪ ତାରିଖରୁ ରାଜସଭାକୁ ନିର୍ବାଚିତ ହୋଇଥିଲେ। ସେମାନଙ୍କ ବ୍ୟତୀତ ବିଜେପିର ଅଶ୍ୱିନୀ ବୈଷ୍ଣବ ୨୦୧୯ ଜୁନ୍ ୨୯ରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ଏହି ୩ ନେତାଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ମାସ ୩ ତାରିଖରେ ଶେଷ ହେଉଛି।

## ବାଜି ମାରିଲା ଓଡ଼ିଶାର...

ଭାସ୍କର୍ଯ୍ୟ ଶିଳ୍ପୀ ଗଜେନ୍ଦ୍ର ସାହୁଙ୍କ କହିବା ଅନୁସାରେ ଓଡ଼ିଶାର ପ୍ରଜ୍ଞାପନ ମେଢଟି ଅନ୍ୟମାନଙ୍କଠାରୁ ପୂରା ଅଲଗା ଥିଲା। ଯେ କୌଣସି ଲୋକେ ଦେଖିଲେ, ତା' ଆଖି ଲାଗି ଯାଉଥିଲା। ଆଉ ଆଶା କରିଥିଲୁ ନିଶ୍ଚିତ ଭାବେ ପୁରସ୍କାର ମିଳିବ। ପ୍ରଜ୍ଞାପନ ମେଢ ପାର୍ଶ୍ୱରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଥିବା ନୃତ୍ୟଶିଳ୍ପୀମାନେ ଅତି ନିପଟ ମଫସଲ ଗାଁରୁ ଯାଇଥିଲେ। ସେମାନେ ଉତ୍ସର୍ଗୀକୃତ ଭାବେ ନୃତ୍ୟ ପରିବେଷଣ କରୁଥିଲେ। ଚଳିତବର୍ଷ ଦିଲ୍ଲୀରେ ପ୍ରବଳ ଥଣ୍ଡା ହେଉଥିଲା। ତାହାରି ଭିତରେ ଶିଳ୍ପୀମାନେ ଦିନରାତି ଏକ କରି ସୁନ୍ଦର ଭାବେ କାମ କରିଥିଲେ। ସେଥିପାଇଁ ସେହି ଶିଳ୍ପୀମାନଙ୍କୁ ମୁଁ କୃତଜ୍ଞତା ଜଣାଉଛି ବୋଲି ଶ୍ରୀ ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି, ଓଡ଼ିଶା ପ୍ରଜ୍ଞାପନ ମେଢରେ ପଟ୍ଟଚିତ୍ରରେ ସଜେଇ ହୋଇଥିଲା କନ୍ଦର୍ପ ହାତୀ। ଏହି ପଟ୍ଟଚିତ୍ରଟି କେବଳ ଓଡ଼ିଶାରେ ରହିଛି। ତାହା ହେଉଛି ରଘୁରାଜପୁରରେ। ସେଥିରେ ନାରୀ ଶସକ୍ତିକରଣକୁ ଦେଖାଯାଇଛି। ତା' ଛଡ଼ା ଚାଳ ଘର ଦେଖାଯାଇଛି। ମେଢ ଆଗରେ ବୁଲୁଥିବା ଚକ ନନ୍ଦିଘୋଷ ରଥର ଚକ। ଇଏ ସବୁ କଲରଫୁଲ୍ ଥିଲା। ଯାହା ସମସ୍ତଙ୍କୁ ଆକର୍ଷିତ କରିଥିଲା ବୋଲି ଭାସ୍କର୍ଯ୍ୟ ଶିଳ୍ପୀ ଗଜେନ୍ଦ୍ର ସାହୁ କହିଥିଲେ।

## ଦାୟିତ୍ୱ ନେଲେ...

ନୂଆ ପୁଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି, ମୁଣ୍ଡ ଉପରେ ନିର୍ବାଚନ ଅଛି। ତାହାକୁ କିପରି ସୁରଖୁରରେ ସମ୍ପାଦନ କରାଯିବ, ସେଥିନିମନ୍ତେ ଏବେଠୁ ପ୍ରସ୍ତୁତି ଆରମ୍ଭ ହୋଇଯିବ । ଏଥିସହ ୫ଟି ଓ ମୋ' ସରକାରର ସମସ୍ତ ନିୟମ ଅନୁପାଳନ କରିବୁ। ଏହାଦ୍ୱାରା ପୁଲିସ୍ ସାଧାରଣ ଲୋକଙ୍କ ନିକଟତର ହେବା ସହ ଅଧିକ ସେବା ଯୋଗାଇ ଦେଇ ପାରିବ । ଅପରାଧ ନିୟନ୍ତ୍ରଣ ସହ ସାଇବର କ୍ରାଇମ୍ ଓ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଅଧିକ ଧ୍ୟାନ ଦେବୁ । ଏଥିସହ ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ କମିଶନରେଟ୍ ପୁଲିସ କାମ କରିବ ବୋଲି କହିଛନ୍ତି ନୂଆ ପୁଲିସ୍ କମିଶନର । ବିଦାୟୀ ପୁଲିସ୍ କମିଶନର ସୌମ୍ୟ ପ୍ରିୟଦର୍ଶୀ କହିଛନ୍ତି, ୨ ବର୍ଷ ୧୧ ମାସ ଦ୍ୱୈତ ନଗରୀର ପୁଲିସ୍ କମିଶନର ଭାବେ କାର୍ଯ୍ୟ କରିଛି। ପାଖାପାଖି ୩ ବର୍ଷର ଯାତ୍ରା ଖୁବ ସନ୍ତୋଷଜନକ ଥିଲା। ପୁଲିସ୍‌କୁ ଜନସାଧାରଣଙ୍କ ସହଯୋଗ ନିହାତି ଭାବେ ଆବଶ୍ୟକ । ପୁଲିସ୍‌କୁ ଜନାଭିମୁଖି କରିବାକୁ ମୁଁ ବହୁ ପଦକ୍ଷେପ ନେଇଛି। ସିନିୟର ସିଟିଜେନ ସେଲ୍, ବସ୍ତିକୁ ଚାଲ, ଇଟାଭାଟି ଶ୍ରମିକ ଆଦି କାର୍ଯ୍ୟକ୍ରମ ଜନସାଧାରଣଙ୍କ ସାହାଯ୍ୟ ସହଯୋଗ ପାଇଁ ସଫଳ ହୋଇପାରିଛି। ଏଥିସହ ଯେଉଁ କାମ ଅସମ୍ପୂର୍ଣ୍ଣ ରହି ଯାଇଛି, ତାହାକୁ ନୂଆ ପୁଲିସ୍ କମିଶନର ସମ୍ପୂର୍ଣ୍ଣ କରିବା ସହ ଆହୁରି ନୂଆ କାମ ହାତକୁ ନେବେ ବୋଲି ମୋର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି। ବିଦାୟୀ ପୁଲିସ୍ କମିଶନର ସୌମ୍ୟ ପ୍ରିୟଦର୍ଶୀ ଏବେ ଗୁଇନ୍ଦା ବିଭାଗର ନିର୍ଦ୍ଦେଶକ ଭାବେ ଯୋଗ ଦେବେ। ଏହାଏକ ଗୁରୁ ଦାୟିତ୍ୱ ସମ୍ପନ୍ନ ପଦବୀ। ରାଜ୍ୟ ସରକାରଙ୍କ ଆଶାନୁରୂପ କାମ କରିବାକୁ ଚେଷ୍ଟା କରିବି। ନିଜ ଅଭିଜ୍ଞତା ଆଧାରରେ ସବୁ ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବାକୁ ଚେଷ୍ଟା କରିବି ବୋଲି ସେ କହିଛନ୍ତି।

## ଝାଡଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ....

ଟିମ୍ ଗସ୍ତ କରିଥିବା ଖବର ଆସିବା ପରେ ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚି ସ୍ଥିତ ମୁଖ୍ୟମନ୍ତ୍ରୀ ଭବନ, ରାଜଭବନ ଏବଂ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବ୍ୟାପକ କରାଯାଇଛି । ଅନ୍ୟପଟେ ରାଷ୍ଟ୍ରୀୟ ଜନତା ଦଳ ମୁଖ୍ୟ ତଥା ପୂର୍ବତନ ରେଳମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସୋମବାର ୪ ଘଣ୍ଟାରୁ ଅଧିକ ସମୟ ଧରି ପଚରା ଉଚରା କରିଛି । ପାଟନାସ୍ଥିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ଲାଲୁ ପ୍ରସାଦଙ୍କୁ ପଚରାଉଚରା କରାଯାଇଛି । ଏହି ସମୟରେ ଇଡି ଲାଲୁ ଯାଦବଙ୍କ ଠାରୁ ଅନେକ ପ୍ରଶ୍ନର ଉତ୍ତର ମାଗିଥିଲା । ମିଳିଥିବା ସୂଚନା ଅନୁସାରେ ଇଡି ଲାଲୁ ଯାଦବଙ୍କୁ ପଚାରିଛନ୍ତି, ଚାକିରି ଦୁର୍ନୀତି ପାଇଁ ଜମି କାହିଁକି ? ସେହିପରି ହୃଦୟ ନାରାୟଣ ଚୌଧୁରୀଙ୍କ ସହ କିପରି ଯୋଗାଯୋଗ କଲେ ? ଲାଲୁଙ୍କୁ ଦିଲ୍ଲୀ ଓ ପାଟନାରେ ଇଡି ଅଧିକାରୀମାନେ ପଚରାଉଚରା କରୁଛନ୍ତି । କେନ୍ଦ୍ରୀୟ ତଦନ୍ତକାରୀ ଅଧିକାରୀମାନେ ଦିଲ୍ଲୀ ପୋଲିସ କର୍ମଚାରୀଙ୍କ ସହ ସକାଳ ପ୍ରାୟ ୯ଟା ବେଳେ ଦକ୍ଷିଣ ଦିଲ୍ଲୀର ଶାନ୍ତି ନିକେତନ ବିଲ୍ଡିଂରେ ପହଞ୍ଚିଥିଲେ । ହେଲେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ତାଙ୍କ ବାସଭବନରେ ଉପସ୍ଥିତ ନଥିଲେ । ରାଞ୍ଚି ସ୍ଥିତ ହେମନ୍ତ ସୋରେନଙ୍କ ସରକାରୀ ବାସଭବନରେ ଦୀର୍ଘ ୭ ଘଣ୍ଟାର ପଚରାଉଚରା ପରେ ଇଡି ଜାନୁଆରୀ ୨୦ ତାରିଖରେ ଏହି ମାମଲାରେ ପ୍ରଥମ ଥର ପାଇଁ ତାଙ୍କ ବୟାନ ରେକର୍ଡ କରିଥିଲା । ଝାଡ଼ଖଣ୍ଡରେ ମାଫିଆମାନେ ବେଆଇନ ଭାବେ ଜମିର ମାଲିକାନା ପରିବର୍ତ୍ତନ କରିବାର ଏକ ବିରାଟ ରାକେଟ୍ କୁ ନେଇ ଏହି ତଦନ୍ତ ଆରମ୍ଭ ହୋଇଛି । ସେମାନଙ୍କୁ ୫୦ରୁ ଅଧିକ ପ୍ରଶ୍ନ ପଚରାଯାଇଛି । ଆରଜେଡି ସୁପ୍ରିମୋ ତାଙ୍କ ଝିଅ ମିସା ଭାରତୀଙ୍କ ସହ ସୋମବାର ପୂର୍ବାହ୍ନ ୧୧ଟା ୫ମିନିଟରେ ଇଡି କାର୍ଯ୍ୟାଳୟରେ ପହଂଚିଥିଲେ । ଇଡି କାର୍ଯ୍ୟାଳୟରେ ପ୍ରବେଶ କରିବା ପରେ ଭାରତୀ ଗଣମାଧ୍ୟମକୁ କହିଛନ୍ତି ଯେ ଯେତେବେଳେ ବି କୌଣସି କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସି ଆମ ପରିବାରର କୌଣସି ସଦସ୍ୟଙ୍କୁ ପଚରାଉଚରା ପାଇଁ ଡାକିଥାଏ, ଆମେ ସେଠାକୁ ଯାଇ ସେମାନଙ୍କୁ ସହଯୋଗ କରିଥାଉ ଏବଂ ସେମାନଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେଇଥାଉ ।

## ଉତ୍ତରାଖଣ୍ଡରେ ଲାଗୁ ...

ବିଧାନସଭାରେ ପାରିତ ହେବା ପରେ ରାଜ୍ୟରେ ଏକକ ନାଗରିକ ସଂହିତା ଆଇନ ଲାଗୁ ହେବ ବୋଲି ଧାମି କହିଛନ୍ତି। ୨୦୨୨ ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ୟୁସିସି ଲାଗୁ କରିବା ନେଇ ବିଜେପି ପ୍ରତିଶୃତି ଦେଇଥିଲା। ତାଙ୍କ ସରକାର କ୍ଷମତାକୁ ଫେରିବା ପରେ ରାଜ୍ୟରେ ୟୁସିସି ଲାଗୁ କରିବ ବୋଲି ବିଜେପି କହିଥିଲା। ଏହାପରେ ୨୦୨୩ରେ ଏକ ୟୁସିସି କମିଟି ଗଠନ କରି ଚିଠା(ଡ୍ରାଫ୍ଟ) ପ୍ରସ୍ତୁତ କରିବାକୁ କହିଥିଲେ ଧାମି ସରକାର। ବର୍ତ୍ତମାନ ଏହି ଡ୍ରାଫ୍ଟ ଦାଖଲ ହେବା ନେଇ ଧାମି ସୂଚନା ଦେଇଛନ୍ତି।

## ଫେବୃଆରୀ ୧...

ଢେଙ୍କାନାଳ, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ ଜିଲ୍ଲାରେ କେତେକ ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବୁଧବାର ସକାଳେ କଳାହାଣ୍ଡି, ବଲାଙ୍ଗିର, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ସୋନପୁର, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାରେ କେତେକ ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେପଟେ ବଙ୍ଗୋପସାଗର ଓ ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଥିବା ଗୁରୁଚାପ ବଳୟ ପ୍ରଭାବରେ ଜଳୀୟବାଷ୍ପ ଓଡ଼ିଶା ମଧ୍ୟକୁ ପ୍ରବେଶ କରିବ। ଏହାର ପ୍ରଭାବରେ ଫେବ୍ରୁଆରୀ ୧ ଓ ୨ ତାରିଖରେ ଉତ୍ତର ଆଭ୍ୟନ୍ତରୀଣ ଏବଂ ଉତ୍ତର ଓଡ଼ିଶାରେ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୧ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବର୍ଷା ହେବ। ଠିକ୍ ସେହିପରି ୨ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବର୍ଷା ହୋଇପାରେ। ରାତିର ତାପମାତ୍ର ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହେବ। ଅର୍ଥାତ ଶୀତ କମିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଆଦର୍ଶ ମାଆ ହିଁ ଉନ୍ନତ ସମାଜ ଗଠନ କରିପାରେ



ବାଲେଶ୍ୱର, ୨୯/୧ (ନି.ପ୍ର): ଧରମପୁର ଫୁଲାଡ଼ିରେ ସ୍ଥାନୀୟ ଶାଣ୍ଡିଲ୍ୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ମାତୃ ସମିଳନୀ ଓ ସମର୍ପଣ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ମୁଖ୍ୟ ପୁରୋଧା ମଧୁସୂଦନ ଦାଶ ଙ୍କ ସଭାପତି ତ୍ୱ ରେ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଦେଓ ଘର ର ପୂଜ୍ୟପାଦ ଦାଦା ବିଦ୍ୟୁତ ରଞ୍ଜନ ଚକ୍ରବର୍ତ୍ତୀ, ମୁଖ୍ୟବକ୍ତା ଭାବରେ ବିଶିଷ୍ଟ କବି ଓ ସାହିତ୍ୟିକ କାଳିପଦ ପଣ୍ଡା ଯୋଗ ଦେଇ ଉନ୍ନତ ସମାଜ ଗଠନ ଦିଗରେ ମାଆ ମାନଙ୍କ ର ଭୂମିକା ବହୁ ଗୁରୁତ୍ୱ ପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ଶିକ୍ଷା ପଦ୍ଧତି ରେ ପିଲାମାନଙ୍କୁ ଗଠଜ ଦିଗରେ ମାଆ ମାନଙ୍କ ର ଗୁରୁ ଦାୟିତ୍ୱ ରହିଅଛି ବୋଲି କହିଥିଲେ। ବରେଣ୍ୟ ଅତିଥି ଶିକ୍ଷାବିତ ବିଜୟ ପରିଡା, ପରେଶ ଚନ୍ଦ୍ର ପାତ୍ର,ପ୍ରତାପ ପଣ୍ଡା, ଶରତ ଚନ୍ଦ୍ର ବାଗ ଅନୁଷ୍ଠାନ ର ସମ୍ପାଦକ ବାଣୀ ନିର୍ମାଲ୍ୟ ବିଶ୍ୱାଳ ପ୍ରମୁଖ ଯୋଗ ଦାନ କରି ନିଜ ନିଜ ର ବହୁ ମୂଲ୍ୟ ବକ୍ତବ୍ୟ ରଖିଥିଲେ । ପ୍ରଧାନ ଆଚାର୍ଯ୍ୟ ଦାମୋଦର ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ସଦସ୍ୟ ହେମନ୍ତ ଘୋଷ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଗୁରୁମା ସରସ୍ୱତୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଶିଶୁ ବାଟିକା ପ୍ରମୁଖ ଲିଜା ରାଣୀ ଦାଶଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ପିଲାମାନେ ଦ୍ୱାରା ମାଆ ମାନଙ୍କୁ ଭାରତୀୟ ସଂସ୍କୃତି ଓ ରୀତିନୀତି ରେ ପୂଜନ କରା ଯାଇ ଥିଲା । ଶେଷରେ ପିଲାମାନେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥଲେ । ସମର୍ପଣ ଦିବସ ପାଳନ ଅବସରରେ ଅବିଭାବକ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାମଗ୍ରୀ ଅନୁଷ୍ଠାନକୁ ପ୍ରଦାନ କରାଯାଇଥିଲା।

# ୫ ଦିନିଆ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ ଉଦ୍‌ଯାପିତ



ଭଦ୍ରକ, ୨୯/୧ (ନି.ପ୍ର): ଜାନୁୟାରୀ ୨୫ ତାରିଖରେ ଉଦ୍‌ଘାଟିତ ୫ ଦିନିଆ ଭଦ୍ରକର ଜିଲ୍ଲା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ମେଗା ସାଂସ୍କୃତିକ କାର୍ଯ୍ୟକ୍ରମରେ ସର୍ବୋତ୍ତମ କାର୍ଯ୍ୟକ୍ରମ ବଲିଉଡ୍ ସିଙ୍ଗର ଜାଭେଦ୍ ଅଲ୍ଲୀଙ୍କ ପାଇଁ ନେହେରୁ ଷ୍ଟାଡ଼ିୟମ୍ ଜନ ସମୁଦ୍ରରେ ପରିଣତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ପ୍ରମୁଖ ଯୋଗଦେଇ ଭଦ୍ରାୟଣୀର ପୂର୍ଣ୍ଣ ସଫଳତା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଉତ୍ତରୀୟ ଏବଂ ମୋମେଣ୍ଟୋ ପ୍ରଦାନ ପୂର୍ବକ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଶାନ୍ତି ଶୃଙ୍ଖଳାର ସହିତ ଉଦ୍‌ଯାପିତ ହେବାକୁ ଯାଉଥିବା ଭଦ୍ରାୟଣୀର ଚରମ ସଫଳତା ଭଦ୍ରକ ଜିଲ୍ଲାପାଇଁ ବଡ଼ ସମ୍ମାନର ବିଷୟ ବୋଲି ଅତିଥିମାନେ ପ୍ରକାଶ କରିବା ସହିତ ଏଥିପାଇଁ ପ୍ରଶାସନ, ପୋଲିସ, ଜନ ସାଧାରଣଙ୍କ ପୂର୍ଣ୍ଣ ସହଯୋଗର ପ୍ରଶଂସା କରିଥିଲେ। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍.ପି.ବରୁଣ ଗୁଣ୍ଟପାଲି ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ତାରକା ଉଦ୍‌ଘୋଷକ ପୁପିନ୍ଦର ସିଂଙ୍କ ଆକର୍ଷଣୀୟ ଉଦ୍‌ଘୋଷଣାରେ ସିଜ୍‌ଲରର୍ସ ଡ୍ୟାନସ୍ ଗ୍ରୁପ୍‌ରୁ ଆରମ୍ଭ ଉଦ୍‌ଯାପନୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଥିଲା ଅତ୍ୟନ୍ତ ଆକର୍ଷଣୀୟ। ଓଲିଉଡ୍ ସେଲିବ୍ରିଟି ଶୀତଲଙ୍କ ନୃତ୍ୟ ଡାଇଲଗ୍, କମେଡ଼ିଆନ୍ ଯୋଡ଼ି ପ୍ରଜ୍ଞା ଓ ଶଙ୍କରଙ୍କ କମେଡ଼ିର ଜଲୱା ଏବଂ ଓଲିଉଡ୍ ପ୍ଲେବ୍ୟାକ୍ ସିଙ୍ଗର ସ୍ମୃତିମୟୀଙ୍କ ସଙ୍ଗୀତ ଭରପୁର ଦର୍ଶକଙ୍କୁ ଝୁମାଇ ଚାଲିଥିଲା ବେଳେ ହଟ୍ କାର୍ଯ୍ୟକ୍ରମ ବଲିଉଡ୍‌ର ଖ୍ୟାତନାମା କଣ୍ଠଶିଳ୍ପୀ ପ୍ଲେବ୍ୟାଗ୍ ସିଙ୍ଗର ଜାଭେଦ୍ ଅଲ୍ଲୀଙ୍କ ମେଲୋଡ଼ି ଷ୍ଟାଡ଼ିୟମ୍‌ର ଖଚାଖଚ୍ ଜନ ସମୁଦ୍ରକୁ ନଚାଇ ଥିଲା ମଚାଇ ଥିଲା। ପ୍ରତିଦିନ ପରି ମହୋତ୍ସବର ଶେଷ ଦିନରେ ମଧ ଅପରାହ୍ନ ୩ଘଟିକା ସମୟରେ ଡ଼େପୁଟି କଲେକ୍ଟର ଓ ଉଦ୍‌ଘୋଷିକା କାଦମ୍ବରୀ ମିଶ୍ରଙ୍କ ପରିଚାଳନାରେ ବିଭିନ୍ନ ସ୍କୁଲ ଓ ଭଦ୍ରକ କଳା ସଂସ୍କୃତି ସଂଘ ଆନୁକୂଲ୍ୟରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଓଲମରା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା

ଜଳେଶ୍ୱର , ୨୯/୧ (ନି.ପ୍ର): ଆଦିବାସୀ ଅଧ୍ୟୁସୀତ ରାଇବଣିଆ ପଂଚାୟତର ଓଲମରା ଗାଁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ ମଙ୍ଗଳ ମାରାଣ୍ଡି ସଭାପତିତ୍ୱ କରି ସ୍ୱାଗତ ଅଭିଭାଷଣ ରଖିଥିଲେ । ମୁଖ୍ୟ ଅତିଥିଭାବେ ଓଡିଶା ଆଦର୍ଶ ବିଦ୍ୟାଳୟର ଉପନିର୍ଦ୍ଦେଶକ ଚନ୍ଦ୍ରମଣି ନାୟକ ଯୋଗ ଦେଇ ଶିକ୍ଷାହିଁ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ । ତେଣୁ ଶିକ୍ଷାନୁଷ୍ଠାନ ଗୁଡିକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାର କହିଥିଲେ । ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ରମୋହନ କାପୁଡି, ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହାନ୍ତ, ସମ୍ମାନୀତ ଅତିଥିଭାବେ ତାପସ ଦତ୍ତ, ଚଣ୍ଡିପ୍ରସାଦ ଦାସ, ପ୍ରକାଶ ଗୋସ୍ୱାମୀ, ନନ୍ଦଲାଲ ଅଧିକାରୀ, କ୍ଷିତିଶ ଦାସ, ହେମନ୍ତ ଦାସ, ହେମନ୍ତ ଘୋଷ ଓ ଜତିନ୍ଦ୍ର ମହାନ୍ତି ବକ୍ତବ୍ୟ ରଖିଥିଲେ । ଛାତ୍ରୀ ଦେବଯାନୀ ଦାସ ଓ ସଂଚିତା ବେହେରା ମଂଚ ଆହ୍ୱାନ କରିଥିବା ବେଳେ ବିଶେଶ୍ୱର ଘଡେଇ ଅତିଥି ପରିଚୟ କରିଥିଲେ । ଏହି ସଭାରେ ପୂର୍ବଅତନ ପ୍ରଧାନ ଶିକ୍ଷକ ହିମାଂଶୁ ସେଖର ପଣ୍ଡା, ଜୟରଲାଲ ଅଧିକାରୀ, ନନ୍ଦଲାଲ ପ୍ରଧାନ, ନଗେନ୍ଦ୍ରନାଇ କୁଇଲା, ଚଣ୍ଡିପ୍ରସାଦ ଦାସ, ଦାସରଥି ଦାସ ଓ ସୃଷ୍ଟିଧର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୃତିଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କାରାଯାଇଥିଲା ।

# ପୁରୁଷ ଓ ମହିଳା ଭଲିବଲ୍ ଟିମ୍‌ର ଭୁବନେଶ୍ୱର ଗସ୍ତ



ବାଲେଶ୍ୱର, ୨୯/୧ (ନି.ପ୍ର): ନୂଆ-ଓ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ବିଜେତା ହୋଇଥିବା ବାଲିଆପାଳର ପୁରୁଷ ଭଲିବଲ୍ ଟିମ୍ ଏବଂ ନୀଳଗିରିର ମହିଳା ଭଲିବଲ୍ ଟିମ୍ ବାଲେଶ୍ୱର ଜିଲ୍ଲାକୁ ପ୍ରତିନିଧିତ୍ୱ କରି ରାଜ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମନ୍ତେ ଆଜି ଭୁବନେଶ୍ୱର ଗସ୍ତ କରିଛନ୍ତି। ପ୍ରକାଶ ଥାଉକି ଆସନ୍ତା କାଲି ସେମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାର ସାମନା କରିବେ। ଏଥି ନିମନ୍ତେ ଆଜି ସକାଳେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନାଙ୍କ ଉପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ଉଭୟ ଦଳର ଖେଳାଳୀ ମାନଙ୍କୁ ଶୁଭେଚ୍ଛା ଜଣାଇ ବିଦାୟ ଦେଇଥିଲେ ଏଂ ରାଜ୍ୟ ସ୍ତରରେ ସଫଳତା ହାସଲ କରିବା ପାଇଁ ଶୁଭ ମନାସି ଥିଲେ। ଉଲ୍ଲେଖ ଯୋଗ୍ୟ ଯେ ପୁରୁଷ ଭଲିବଲ୍ ଟିମ୍ ରେ ଜଣେ ପରିଚାଳକଙ୍କୁ ମିଶାଇ ମୋଟ ୧୬ଜଣ ସଦସ୍ୟ ରହିଥିବାବେଳେ ମହିଳା ଭଲିବଲ୍ ଟିମ୍ ରେ ଜଣେ ପରିଚାଳକଙ୍କୁ ମିଶାଇ ମୋଟ ୧୧ଜଣ ସଦସ୍ୟ ରହିଛନ୍ତି। ଉଭୟ ଟିମ୍ ସହ ଶ୍ରୀ ପୁରୁଷୋତ୍ତମ ଦାସ ଓ ସୁଶ୍ରୀ ବସୁମତୀ ଭୂୟାଁ ଏସ୍କର୍ଟ ଅଫିସର ଭାବେ ଗସ୍ତ କରିଛନ୍ତି। ଉଭୟ ଦଳର ସଦସ୍ୟ ମାନଙ୍କୁ ଜିଲ୍ଲାବାସୀଙ୍କ ତରଫରୁ ସଫଳତାର ଶୁଭକାମନା କରାଯାଇଛି।

# ଧର୍ମପରାୟଣା ମହିଳାଙ୍କ ମୃତ୍ୟୁ: ଅଞ୍ଚଳରେ ଶୋକର ଛାୟା



ନୀଳଗିରି , ୨୯/୧ (ନି.ପ୍ର): ନୀଳଗିରି ବ୍ଲକ ଜଡ଼ିଦା ପଞ୍ଚାୟତ ପୋଡ଼ାଶୁଳ ଗ୍ରାମର ସମାଜସେବୀ କୈଳାସ ମହାନ୍ତିଙ୍କ ପତ୍ନୀ ରାଜଶ୍ରୀଙ୍କ ୪୫ବର୍ଷ ବୟସରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ଶ୍ରୀମତୀ ମହାନ୍ତି ଦୀର୍ଘଦିନ ଧରି ଉଚ୍ଚରକ୍ତଚାପରେ ପୀଡ଼ିତ ଥିଲେ। କିଛିଦିନ ପୂର୍ବରୁ ରକ୍ତଚାପ ବଢ଼ିଯିବା କାରଣରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ସୋମ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା। ପରେ ସୋମ ଅଲ୍ଟିମେଟମ୍ ଏବଂ ଶେଷରେ ଆମ୍ରୀ ହସ୍ପିଟାଲ ନିଆଯାଇ ଚିକିତ୍ସା କରାଯାଉଥିବା ବେଳେ ଆଜି ଦିନ ୧୧.୧୦ ସମୟରେ ଦେହାନ୍ତ ହୋଇଯାଇଛି। ଖବରପାଇ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ହସ୍ପିଟାଲରେ ପହଞ୍ଚି ଶ୍ରୀମତୀ ମହାନ୍ତିଙ୍କ ଶେଷ ଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ତାଙ୍କସହ ଶ୍ରୀମତୀ ମହାନ୍ତିଙ୍କ ପୁତୁରା ବିନୋଦ ମହାନ୍ତି, ସମାଜସେବୀ ରାଜୀବ ଦାସବାବୁ, ସିପୁ ଦାସବାବୁ ମଧ ଶେଷ ଦର୍ଶନ କରିଥିଲେ। ପରେ ରାଜଶ୍ରୀଙ୍କୁ ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ସାନପୁଅ ଆଶିଷ ମୁଖାଗ୍ନି ଦେଇଥିଲେ। ସାଙ୍ଗରେ ବଡ଼ପୁଅ ତାପସ ଉପସ୍ଥିତ ଥିବା ଜଣାଯାଇଛି। ରାଜଶ୍ରୀ ଜଣେ ଧର୍ମ ପାରାୟଣା ମହିଳା ଥିବାବେଳେ ଅଞ୍ଚଳର ଦୁଃଖୀ ଦରିଦ୍ରଙ୍କ ଦରଦୀବନ୍ଧୁ ଭାବରେ ସହାୟତା କରିଆସୁଥିଲେ। ତେଣୁ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ପାକିସ୍ତାନର ୯୦,୬୭୫ ମତଦାନ କେନ୍ଦ୍ରରୁ ଅଧାରୁ ଅଧିକ ସମ୍ବେଦନଶୀଳ

ନୂଆଦିଲ୍ଲୀ, ୨୯/୧ : ଫେବୃୟାରୀ ୮ ତାରିଖରେ ପାକିସ୍ତାନରେ ହେବ ସାଧାରଣ ନିର୍ବାଚନ । ଏହାକୁ ଦୃଷ୍ଟିରେ ରଖି ମତଦାନ କେନ୍ଦ୍ରକୁ ସମ୍ବେଦନଶୀଳ ତଥା ଅତ୍ୟଧିକ ସମ୍ବେଦନଶୀଳ ଘୋଷଣା କରାଯାଇଛି । ଦେଶର ପ୍ରାୟ ୯୦,୬୭୫ ମତଦାନ କେନ୍ଦ୍ରରୁ ୪୬,୦୬୫କୁ ସମ୍ବେଦନଶୀଳ ରୂପରେ ଘୋଷଣା କରାଯାଇଛି। ଏଥିରୁ ୧୮,୪୩୭ ଅତ୍ୟଧିକ ସମ୍ବେଦନଶୀଳ ଅଟେ । ରିପୋର୍ଟ ଅନୁସାରେ ପଞ୍ଜାବରେ ସମ୍ବେଦନଶୀଳ ଓ ସବୁଠୁ ସମ୍ବେଦନଶୀଳ ମତଦାନ କେନ୍ଦ୍ରର ସଂଖ୍ୟା ପ୍ରାୟ ୧୮,୬୨୦ ଅଟେ । ଏଥିରୁ ୬,୦୪୦କୁ ସର୍ବାଧିକ ସମ୍ବେଦନଶୀଳ ଭାବେ ବର୍ଗୀକୃତ କରାଯାଇଛି । ପଞ୍ଜାବର ପ୍ରାୟ ୫୦,୯୪୪ ମତଦାନ କେନ୍ଦ୍ରରୁ ୩୨,୦୦୦ରୁ ଅଧିକକୁ ସାମାନ୍ୟ ଘୋଷଣା କରାଯାଇଛି। ସିନ୍ଧରେ ୬,୫୪୫ ସମ୍ବେଦନଶୀଳ ଓ ୬,୫୨୪ ସବୁଠୁ ସମ୍ବେଦଶୀଳ ମତଦାନ କେନ୍ଦ୍ର ଅଟେ ।

# ଦିବାକର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବାସୁଦେବପୁର, ୨୯/୧ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ସୁଗୁଡ଼ା ନୀଳମଣି ଷ୍ଟାଡିୟମ୍ ରେ ଶ୍ରୀଗଣେଶ କ୍ଲବ୍ ଆନୁକୂଲ୍ୟରେ ଦିବାକର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଦିନର ଖେଳ ରାଜ କନିକା ଓ ବାଗନାନ ମଧ୍ୟରେ ହୋଇଥିଲା । ଏହି ଖେଳରେ ରାଜକନିକା ୨-୦ ଗୋଲରେ ବିଜୟ ଲାଭ କରିଛି । ବାସୁଦେବପୁରର ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଏହି ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ସମାଜସେବୀ ତଥା ବିଜୁ ଜନତା ଦଳର ଜିଲ୍ଲା ସାଧାରଣ ସମ୍ପାଦକ ଭାଗିରଥି ବଳ, ଜୀବନ ବୀମା ନିଗମର ଅବସର ପ୍ରାପ୍ତ ଅଧିକାରୀ ଉତ୍ତମ କୁମାର ଦାସ, କବି ରଞ୍ଜନ ନାୟକ, ଶ୍ରୀଗଣେଶ କ୍ଲବର ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ଦେବେନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମାନସ ବିଶ୍ୱାଳ, ରାମ ଚନ୍ଦ୍ର ବେଶ୍ରା, ମନୋଜ କୁମାର ଖେଳ ପରିଚାଳନା କରିଥିଲେ । ଧାରା ବିବରଣୀ ପ୍ରଦାନ କରିଥିଲେ ସାମ୍ବାଦିକ ଉଦୟ ଜେନା ଓ ଶ୍ରୀଧର ମହାକୁଡ ପାଗଲା ଭାଇ । ସୁରେନ୍ଦ୍ର ପ୍ରସାଦ ନାୟକ, ଶ୍ରୀଗଣେଶ କ୍ଲବ୍ ର ସହ ସମ୍ପାଦକ ହୃଷୀକେଶ ସାହୁ, ବାପୁନ୍ ଓ ସଦସ୍ୟ ମାନେ ସହଯୋଗ କରିଥିଲେ । ଆସନ୍ତା କାଲିର ଖେଳ ମହାବୀର କ୍ଲବ୍ ସୁକିନ୍ଦା ଓ ବାଗଡ଼ା କ୍ଲବ୍ ବାଗଡା ମଧ୍ୟରେ ଅନୁଷ୍ଠିତ ହେବ। ବହୁ ସଂଖ୍ୟାରେ ଖେଳ ପ୍ରେମୀ ଦର୍ଶକ ବନ୍ଧୁ ଯୋଗ ଦେଇ ଏହି ଖେଳକୁ ଉପଭୋଗ କରିଥିଲେ ।

# ବାରିପଦା ପୌରପାଳିକା ତରଫରୁ ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବାରିପଦା , ୨୯/୧ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ମୟୁରଭଞ୍ଜର ବିଦାୟୀ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ବାରିପଦା ପୌରପାଳିକା ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି ଓ ନଗରପାଳ କୃଷ୍ଣଓନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଉପ ନଗରପାଳ ସୀମା ଦାସ ଓ କାଉନସିଲର ବୃନ୍ଦ ଉପସ୍ଥିତ ଥିଲେ। ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୨୮ ଟି ୱାର୍ଡରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସହ ପୋଖରୀ ଗୁଡିକର ସୌନ୍ଦର୍ଯ୍ୟକରଣ ଆଦି କାର୍ଯ୍ୟ ପାଇଁ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଭୂମିକା ଉଲ୍ଲେଖନୀୟ ବୋଲି ନଗରପାଳ ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ । ବାରିପଦା ମ୍ୟୁନିସିପାଲିଟିର ବିଭିନ୍ନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସଦା ସର୍ବଦା ଉତ୍ସାହିତ କରୁଥିଲେ ବୋଲି ଉପ ନଗରପାଳ ପ୍ରକାଶ କରି ଭାବବିହ୍ୱଳ ହୋଇପଡ଼ିଥିଲେ । ବାରିପଦା ମ୍ୟୁନିସିପାଲିଟିର ସର୍ବାଙ୍ଗୀନ ଉନ୍ନତି ପାଇଁ ନଗରପାଳ ଓ ତାଙ୍କ ଟିମର କାର୍ଯ୍ୟକୁ ବେଶ ପ୍ରଶଂସା କରିଥିଲେ ଜିଲ୍ଲାପାଳ ମହୋଦୟ ଓ ଶେଷରେ ନଗରପାଳ, ଉପନରପାଳ ଓ ଉପସ୍ଥିତ କାଉନସିଲର ଜିଲ୍ଲାପାଳଙ୍କୁ ଉପଢୌକନ ଓ ସ୍ମୃତି ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର କର୍ମକର୍ତ୍ତା ଓ ସଦସ୍ୟ ମଧ ଉପସ୍ଥିତ ଥିଲେ ।

# ଧାନଘେରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଓ ଜଗନ୍ନାଥ ସଂସ୍କୃତି ଆଲୋଚନା ଚକ୍ର ଉଦ୍‌ଯାପିତ




ଉଦଳା, ୨୯/୧ (ନି.ପ୍ର): ଉଦଳା ଧାନଘେରା ଉଚ୍ଚମାଧମିକ ବିଦ୍ୟାଳୟରେ ଚଳିତ ଜାନୁଆରି ୨୫ ତାରିଖ ଗୁରବାର ଦିନ ନୂଆ-ଓଡ଼ିଶା-ନବୀନ ଓଡ଼ିଶା ଅନ୍ତର୍ଗତ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତା ଓ ଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଉତ୍ସବରେ ସଭାପତିତ୍ୱ କରି ଅଧକ୍ଷା ଶ୍ରୀମତୀ ଲକ୍ଷ୍ମୀପ୍ରିୟା ବେହେରା ଓଡ଼ିଆ ଭାଷା ସାହିତ୍ୟ ଓ ସନାତନ ସଂସ୍କୃତି ଉପରେ ଗଭୀର ଆଲୋକପାତ କରିଥିଲେ । । ମୁଖ୍ୟ ଅତିଥି ରୂପେ ପ୍ରଧାପକ ଶ୍ରୀଯୁକ୍ତ ଶଶାଙ୍କ ଶେଖର ମହାନ୍ତି ମୁଖ୍ୟ ବକ୍ତା ରୂପେ ଜଗନ୍ନାଥ ସଂସ୍କୃତି ଗବେଷକ ଶ୍ରୀଯୁକ୍ତ ଜୟନ୍ତ ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ରୂପେ ରାଜ୍ୟପାଳ ପୁରସ୍କୃତ ପ୍ରାକ୍ତନ ଶିକ୍ଷକ ଓ ବିଶିଷ୍ଟ ଲେଖକ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମିଶ୍ର ଯୋଗାଦନ କରି ଓଡ଼ିଆ ଭାଷା - ସାହିତ୍ୟ ଏବଂ ଜଗନ୍ନାଥ ସଂସ୍କୃତି ଉପରେ ସେମାନଙ୍କର ମତ ଉପସ୍ଥାପନ କରିଥିଲେ । 'ମା'- ମାଟି-ମାତୃଭାଷା ଓ ଓଡ଼ିଆ ସଂସ୍କୃତି ଉପରେ ବକ୍ତା ମାନେ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ । ଏହି କାର୍ଯ୍ୟକ୍ରମର ନୋଡ଼ାଲ ଅଫିସର ଓଡ଼ିଆ ବିଭାଗ ଅଧାପକ ଶ୍ରୀଯୁକ୍ତ ରଜତଚନ୍ଦ୍ର ନାୟକ ସଂପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ । ଅଧାପକ ଡ଼. ଜୟନ୍ତ କୁମାର ଜେନା, ସୁବାସଚନ୍ଦ୍ର ଦାସ, କୁଳମଣୀ ବେହେରା, ହିମାଂଶୁ ଶେଖର ଜେନା ଏବଂ ଅଣଶିକ୍ଷା କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ । ପରିଶେଷରେ କୃତୀ ଛାତ୍ର-ଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ ପୂର୍ବକ ସଭାସାଙ୍ଗ କରାଯାଇଥିଲା ।

## ଜଗଦିଶଚନ୍ଦ୍ର ହାଇସ୍କୁଲ ୩୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ

ଜଳେଶ୍ୱର , ୨୯/୧ (ନି.ପ୍ର): ମାକିଡିଆ ପଂଚାୟତର କୁହଁରପୁର ଉଚ୍ଚ ବିଦ୍ୟାଳୟର ୩୨ତମ ବାର୍ଷିକ କ୍ରିଡା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ କାଳିପଦ ଖୁଣ୍ଟିଆ ସଭାପତିତ୍ୱ କରିଥିବା ବେଳେ ସରପଂଚ ବିଷ୍ଣୁପ୍ରିୟା ଘୋଷ ମୁଖ୍ୟ ଅତିଥି ଓ ସୁପ୍ରଭା ଘଡେଇ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଃଶାସନ ଘଡେଇ, ଅଶୋକ ଘଡେଇ, ନିଶ୍ଚଳ ଘଡେଇ, ଅନନ୍ତ ପାତ୍ର, ବିଜୟ କୁଇଲା, ଗୋପାଳ କରଣ, ଅଜୟ ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ । କ୍ରିଡା ଶିକ୍ଷକ ଅତୁଲ ସାମଲ ମଂଚ ଆହ୍ୱାନ, ଗଜେନ୍ଦ୍ର ବେହେରା ଅତିଥି ପରିଚୟ, ନନିଗୋପାଳ ବାର୍ଷିକ ବିବରଣୀ ପାଠ କରିଥିଲେ । କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସଂଖ୍ୟାରେ ରଂଗାରଂଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଜମ୍ମୁ- କାଶ୍ମୀରର ଉଚ୍ଚ ଇଲାକାରେ ଗତ ୨୪ ଘଂଟାରେ ବରଫପାତ ଜାରି

ନୂଆଦିଲ୍ଲୀ, ୨୯/୧ : ଜମ୍ମୁ- କାଶ୍ମୀରର ଉଚ୍ଚ ଇଲାକାରେ ଗତ ୨୪ ଘଂଟାରେ ବରଫପାତ ଜାରି ରହିଛି । ତେବେ ସମତଳ ଅଂଚଳରେ ଏବେ ସୁଦ୍ଧା କୌଣସି ବରଫପାତ ହୋଇନାହିଁ । କାଶ୍ମୀର ଘାଟିରେ ଡିସେମ୍ବର ୨୧ ତାରିଖ ଠାରୁ ଆରମ୍ଭ ହୋଇଥିବା ଭୀଷଣ ଥଣ୍ଡା ୪୦ ଦିନର ଲମ୍ବା ଅବଧି ପରେ ଆସନ୍ତାକାଲି ଶେଷ ହେବ । ଘାଟି ଏବଂ ଜମ୍ମୁ ଡିଭିଜନରେ ସର୍ବନିମ୍ନ ତାପମାତ୍ରା ପୂର୍ବରୁ ମଧ ଅନେକାଂଶରେ ବୃଦ୍ଧି ପାଇଛି। ଯାହାଦ୍ୱାରା ବରଫପାତର ସମ୍ଭାବନା କମିଛି ।

## ପଞ୍ଚାୟତସ୍ତରୀୟ କିଶୋରୀ ମେଳା ଅନୁଷ୍ଠିତ

ନୀଳଗିରି, ୨୯/୧ (ନି.ପ୍ର): ନୀଳଗିରି ଉପଖଣ୍ଡ ଅଧିନ ଶ୍ୟାମସୁନ୍ଦର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସ୍ତରୀୟ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି।ଉକ୍ତ ମେଳାରେ ପଞ୍ଚାୟତର ସମସ୍ତ ଗ୍ରାମର ୧୫ ରୁ ୧୯ ବର୍ଷୀୟ କିଶୋରୀ ବାଳିକା ମାନେ ଅଂଶଗ୍ରହଣ କରିବା ସହିତ କିପରି କୁପୋଷଣରୁ ସେମାନଙ୍କୁ ରୋକାଯାଇ ପୋଷଣ ଯୁକ୍ତ ଖାଦ୍ୟ ଖାଇବେ ସେ ସମ୍ପର୍କରେ ଅବଗତ କରାଯାଇଥିଲା। ନୃତ୍ୟ, ସଙ୍ଗୀତ, ଭାଷଣରେ କୃତୀ କିଶୋରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ଉତ୍ସବରେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ସରପଞ୍ଚ ପୁରୁଷୋତ୍ତମ ସେଠୀ, ସମିତି ସଭ୍ୟ ଭୋଲାନାଥ ମାଝୀ, ନାଏବ ସରପଞ୍ଚ ମାଳତୀ ନାୟକ, ଅଙ୍ଗନୱାଡି ସୁପରଭାଇଜର ଜବାମଣୀ ହେମ୍ବ୍ରମ, ଏଏନଏମ ମିନାର୍ଭା ଦାସ, ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହି କିଶୋରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo